R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୩୪
ତିଥି : ଷଷ୍ଠୀ
୦୧ ଜୁନ୍ ୨୦୨୫, ରବିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ୍ ତରଙ୍ଗ ଟାବଲଏଡ୍ ସହ

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 234
01 June 2025, Sunday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଯୁଦ୍ଧ ହେଲେ କ୍ଷତି ସହିବାକୁ ପଡ଼େ : ସିଡିଏସ୍




ନୂଆଦିଲ୍ଲୀ,୩୧।୫ : ବିନା କ୍ଷତିରେ କୌଣସି ଯୁଦ୍ଧ ଲୋଡା ଯାଇପାରିବ ନାହିଁ। ପାକିସ୍ତାନକୁ ଯେଉଁ ପ୍ରଭାବୀ ଢ଼ଙ୍ଗରେ ଜବାବ ଦିଆଯାଇଛି ତାକୁ ପ୍ରଶଂସା କରାଯାଇଛି। ଆମେ ଆମ ସାମହିକ ଭୁଲ ବୁଝିବାରେ ସକ୍ଷମ ଓ ସେଥିରେ ସୁଧାର କରିପାରିବା। ପାକିସ୍ତାନ ୬ ବିମାନକୁ ନଷ୍ଟ କରିଥିବା ଦାବିକୁ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଅନୀଲ ଚୌହାନ ଖଣ୍ଡନ କରିଛନ୍ତି। ଏକ ସାକ୍ଷାତକାରରେ ସିଡିଏସ୍ କହିଛନ୍ତି ଯେ, ଅପରେସନ୍ ସିନ୍ଦୂରକୁ ନେଇ ଯେଉଁ ଭୁଲ ସୂଚନା ଦିଆଯାଇଛି ତାହା ଠିକ୍ ନୁହେଁ, ଭାରତ ଓ ପାକିସ୍ତାନର ସମ୍ପର୍କ କଥା ଜାଣି ଆମେ ସୁଚିନ୍ତିତ ରଣନୀତିରେ ଅପରେସନ୍ ଆରମ୍ଭ କରିଥିଲୁ। ସ୍ୱାଧୀନତା ପରେ ପାକିସ୍ତାନ ସାମଜିକ, ଆର୍ଥିକ ଓ ମୁଣ୍ଡପିଛା ଜିଡିପିରେ ଆଗରେ ଥିଲା। ଏବେ ଭାରତ ସବୁ କ୍ଷେତ୍ରରେ ଆଗୁଆ ରହିଛି। ଅର୍ଥନୀତି ଦକ୍ଷତା, ସାମାଜିକ ସଦ୍‌ଭାବକୁ ଆମେ ବିବିଦ୍ଧାତା ଭିତରେ ପ୍ରତିଷ୍ଠା କରିପାରିଛୁ। ସେନା ପକ୍ଷରୁ ପାରମ୍ପରିକ ସାମରିକ କାର୍ଯ୍ୟାନୁଷ୍ଠାନ କେବଳ ନିଆଯାଇନଥିଲା। ଏବେ ସାଇବର ଦକ୍ଷତା, ଗୁଇନ୍ଦା ସୂଚନା ଓ ଭୁଲ ସୂଚନାର ପରିଚାଳନା ଆଦି କରାଯିବା ସହ ସ୍ଥଳ, ବାୟୁ ଓ

- କେତେ ବିମାନ ଖସିଛି ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ
- ଆମ ତ୍ରୁଟିକୁ ସୁଧାରି ସାରିଛୁ
- ୩ ଦିନରେ ସେନା ଲକ୍ଷ୍ୟ ପୂରଣ କରିଥିଲା

ଆକାଶ ମାର୍ଗରେ ଆକ୍ରମଣ ପାଇଁ ସବୁ ସେନା ସହ ସମନ୍ୱୟ ରଖା କରାଯାଇଥିଲା । ପାକିସ୍ତାନ ସବୁ ବେଳେ ଭାରତକୁ ଧୋକା ଦେଇଛି, ଭାରତ ବଦଳି ନାହିଁ ବରଂ ରଣନୀତି ବଦଳି ନାହିଁ। ଅପରେସନ୍ ସିନ୍ଦୂର ପରେ ପାକିସ୍ତାନରେ ରହୁଥିବା ଆତଙ୍କଙ୍କୁ ନିପାତ କରିବା ପରେ ଏବେ ଆନ୍ତର୍ଜାତୀୟ ମଞ୍ଚରେ ଭାରତ କୂଟନୈତିକ ମଞ୍ଚରେ ପାକିସ୍ତାନର ମୁଖା ଖୋଲିଛି। ମାତ୍ର ୧୫% ସେନା ବାହିନୀକୁ ବ୍ୟବହାର କରାଯାଇଥିଲା। ଏହି ମିଶନ ସମୟରେ ମଧ୍ୟ ଆମକୁ ଜାଲ ସମ୍ବାଦ ଓ ବିଭ୍ରାନ୍ତ କରୁଥିବା (୯ ପୃଷ୍ଠାରେ)

# ସ୍କୁଲ ଟପ୍ପର ରବି ଦାଦନ ଶ୍ରମିକ



**ପାଠ ପଢ଼ିବା ଖର୍ଚ୍ଚ ବହନ କରିବାକୁ ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**

ରାୟଗଡା, ୩୧।୫ (ସବ୍ୟୁ): ଲକ୍ଷେ ଚମ୍ପାର ଭୂସ୍ୱର୍ଗ ଉପରେ ଜନ୍ମ ନେଇଥିବା ସୁନା ପୁଅ ପାଠପଢ଼ା ଏବଂ ପେଟ ପାଇଁ ଅର୍ଥର ଅଭାବ। ତେବେ ଭୂସ୍ୱର୍ଗ କୁହାଯାଉଥିବା କାଶିପୁର ନିକଟସ୍ଥ ଖଣି ପାହାଡ଼ ଉପରେ ଘର କରିଥିବା ଏହି ଧନୀ ମାଆର ଗରୀବ ପୁଅ ବଳଭଦ୍ର ମାଝୀ ସ୍କୁଲ ଟ$^{a}$ର ହୋଇ ପେଟର ଭୋକ କରିଦେଲା ଦାଦନ ଶ୍ରମିକ । ସରକାରଙ୍କ ଅନୁସୂଚିତ ଜନଜାତିଙ୍କ ପାଇଁ ଅନେକ ଯୋଜନା ଓ ସୁବିଧା ଥାଇ ମଧ୍ୟ ଅଲୋଡ଼ା ହୋଇଯାଇଛି । ଜଣେ ଛାତ୍ର ସ୍କୁଲ ଟ$^{a}$ର କେରଳରେ ଦାଦନ ଶ୍ରମିକ ହୋଇ ଖଟୁଥିବା ଗଣମାଧ୍ୟମ ଏବଂ ସୋସିଆଲ ମିଡିଆରେ ଭାଇରୋଲ ହେବା ପରେ ଘଟଣାର ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାୟଗଡ଼ା ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହିତ ଦାଦନ ଖଟୁଥିବା ଛାତ୍ରକୁ ଫେରାଇ ଆଣି ଉଚ୍ଚଶିକ୍ଷା ପାଇଁ ସମସ୍ତ ପଦକ୍ଷେପ ନେବାକୁ କହିଛନ୍ତି। ବଳଭଦ୍ରଙ୍କ ଉଚ୍ଚଶିକ୍ଷା ପାଇଁ (୯ ପୃଷ୍ଠାରେ)

# ଆଉ ଲମ୍ବା ସମୟ ଗଡ଼ିବନି ମାମଲା

ଭୁବନେଶ୍ୱର, ୩୧।୫ (ସବ୍ୟୁ) : ଫୌଜଦାରୀ ମାମଲା ଦୀର୍ଘ ସମୟ ଧରି ଆଉ ଗଡ଼ିବନି। ସରକାରୀ ଓକିଲଙ୍କ ପାଇଁ ନୂଆ ଏସ୍‌ଓପି ଗୃହ ବିଭାଗ ଆଣିଛି। ଅଜଥା ତାରିଖ ଗଡାଇ ମାମଲାକୁ ଦୀର୍ଘ ସମୟ ଧରି ପକାଇ ରଖୁଥିବା ଘଟଣାରେ ବିରାମ ଲାଗିବ। ସରକାରୀ ଓକିଲ ଯଥା ପିପି ଓ ଏପିପିଙ୍କ ପାଇଁ ନୂଆ ଏସ୍‌ଓପି ଅଣାଯାଇଛି।

ଏସ୍‌ଓପି ଅନୁଯାୟୀ ସାକ୍ଷୀ ଯଦି ଉପସ୍ଥିତ ଥାନ୍ତି ତେବେ ଅଯଥାରେ ତାରିଖ ଘୁଞ୍ଚାଇବାକୁ ଆବେଦନ କରିବେ ନାହିଁ। ଦୁଇଥର ତାରିଖ ଘୁଞ୍ଚିଲେ ଆଉ (୯ ପୃଷ୍ଠାରେ)

T-

ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା
******

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା. 02/06/2025 ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR : 09014/11/0134/2526

## ସତର୍କ କରାଇଲା ଆମେରିକା

# ଏସିଆରେ ସାମରିକ କାର୍ଯ୍ୟାନୁଷ୍ଠାନ ଲାଗି ଚୀନ୍‌ର ପ୍ରସ୍ତୁତି

ନୂଆଦିଲ୍ଲୀ, ୩୧।୫ : ଚୀନ୍ ଏସିଆରେ ବଡ ଧରଣର ସାମରିକ ଶକ୍ତି ପ୍ରୟୋଗ କରିବା ପାଇଁ ପ୍ରସ୍ତୁତ ହେଉଛି। ଆରେମିକାର ପ୍ରତିରକ୍ଷା ସଚିବ ପିଟ୍ ହେଗ୍‌ସେଥ୍ ଏଭଳି ସୂଚନା ଦେଇଛନ୍ତି। ଚୀନ୍ ଏସିଆରେ ନିଜର ପ୍ରଭୁତ୍ୱ ଜାହିର କରିବା ପାଇଁ ବଡ ଧରଣର ସାମରିକ କାର୍ଯ୍ୟାନୁଷ୍ଠାନ ଲାଗି ପ୍ରସ୍ତୁତ ହେଉଥିବା ସେଲ୍ଲେଖ କରିଛନ୍ତି। ମାତ୍ର ଚୀନ୍ ପକ୍ଷରୁ ଏହା ଭିତ୍ତିହୀନ ଏବଂ ଅଭିସନ୍ଧିମୂଳକ ବୋଲି କୁହାଯାଇଛି।

ହେଗ୍‌ସେଥ୍ କହିଛନ୍ତି ଯେ ଚୀନ୍‌ର ପ୍ରଥମ ଟାର୍ଗେଟ ତାଇୱାନ ହୋଇପାରେ। ଇଣ୍ଡୋ ପାସିଫିକ୍‌ରେ କ୍ଷମତା ସନ୍ତୁଳନ ପାଇଁ ଚୀନ୍ ସାମରିକ ଶକ୍ତି ବ୍ୟବହାର କରିପାରେ। ସିଙ୍ଗାପୁରରେ ଅନୁଷ୍ଠିତ ବାର୍ଷିକ ସିକ୍ୟୁରିଟି ଫୋରମରେ ସେ ଏଭଳି ମତ ଦେବାସହ ଚୀନ୍ ଆଡୁ ଆସୁଥିବା ବିପଦକୁ ଏକ ବାସ୍ତବିକ ବିପଦ ବୋଲି କହିଛନ୍ତି। ଭାରତ ସମେତ ଏସୀୟ (୯ ପୃଷ୍ଠାରେ)

# କୋଟିପତି ମୁଖ୍ୟଯନ୍ତ୍ରୀ ଗିରଫ

ଭୁବନେଶ୍ୱର, ୩୧।୫ (ସବ୍ୟୁ) : ଆୟବର୍ହିଭୁତ ସମ୍ପତ୍ତି ଠୁଳ ମାମଲାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଯୋଜନାର ମୁଖ୍ୟଯନ୍ତ୍ରୀ ବୈକୁ=ନାଥ ଷଡଙ୍ଗୀଙ୍କୁ ଭିଜିଲାନ୍ସ ଗିରଫ କରିଛି । ଶୁକ୍ରବାର ଭୁବନେଶ୍ୱର, ଅନୁଗୁଳ ଓ ପିପିଲିର ୭ଟି ସ୍ଥାନରେ ଏକ ସଙ୍ଗେ ଚଢାଉ କରାଯାଇଥିଲା । ଠାବ ହୋଇଥିବା ସ୍ଥାବର ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୧୦ କୋଟିର ଉର୍ଦ୍ଧ୍ୱର୍ ହେବ ବୋଲି ଭିଜିଲାନ୍ସ ଆକଳନ କରିଛି । ତାହା ମୁଖ୍ୟଯନ୍ତ୍ରୀଙ୍କ ରୋଜଗାରଠାରୁ ୪୮୩ % ଅଧିକ ବୋଲି ଭିଜିଲାନ୍ସ କହିଛି ।

ମୁଖ୍ୟଯନ୍ତ୍ରୀଙ୍କ ଘରୁ ୨.୫୬ କୋଟି ଟଙ୍କା ୨ ଟି ବହୁତଳ କୋଠା, ୨ଟି ଫ୍ଲାଟ୍, ଉଚ୍ଚ ମୂଲ୍ୟର ୭ ଟି ପ୍ଲଟ, ଜମା ଟଙ୍କା ୧.୫ କୋଟି, ସେୟାର ବଜାର ଓ ଅନ୍ୟାନ୍ୟ ସ୍ଥାନରେ ୨.୭ କୋଟି ଟଙ୍କା ବିନିଯୋଗ ହୋଇଥିବା ଭିଜିଲାନ୍ସ ସନ୍ଧାନ କରିଛି । ୧.୧୪୧ କେଜି ସୁନା ଗହଣା, ୬୭.୫୭ ଲକ୍ଷର ମୂଲ୍ୟବାନ ଗୃହ ଉପକରଣ, ୧୫ଟି ଦାମି ଘଣ୍ଟା, କାର, ବାଇକ୍ ଓ ଅନ୍ୟାନ୍ୟ କେତେକ (୯ ପୃଷ୍ଠାରେ)





# ଉତ୍କଳୀୟ ପରମ୍ପରାରେ ଶୀତଳଷଷ୍ଠୀ

ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ତିଥିରେ ମା' ପାର୍ବତୀ ଓ ଶିବ ଶଙ୍କରଙ୍କର ବିବାହ ଉତ୍ସବ ଏବଂ ତା'ପରଦିନ ଶୀତଳଷଷ୍ଠୀ ଯାତ୍ରା ପାଳନ କରାଯାଏ । କିଛି ଭକ୍ତ ମା' ପାର୍ବତୀଙ୍କ ମା' ବାପା ହୁଅନ୍ତି ଓ ଆଉ କିଛି ଭକ୍ତ ପ୍ରଭୁ ଶଙ୍କରଙ୍କର ହୋଇ ଉଭୟଙ୍କର ବିବାହକାର୍ଯ୍ୟ ସମାପନ କରନ୍ତି । ସାଧାରଣ ବାହାଘର ପରି ପାରମ୍ପରିକ ରୀତିରେ ପ୍ରଭୁ ଶଙ୍କରଙ୍କୁ ବରଯାତ୍ରୀଙ୍କ ସହିତ ବଡ଼ ଧୂମ୍‌ଧାମ୍‌ରେ ମା' ପାର୍ବତୀଙ୍କ ଘରକୁ ନେଇ ବୈଦିକ ରୀତିରେ ବିବାହ କରାଯାଏ । ରଙ୍ଗବେରଙ୍ଗ ଚିତ୍ରରେ ସୁଶୋଭିତ ରଥରେ ଶିବ ଓ ମା' ପାର୍ବତୀଙ୍କୁ ଅଣାଯାଏ । ମଧ୍ୟରାତ୍ରୀରୁ ଏଇ ପଟୁଆର ଆରମ୍ଭ ହୋଇ ପରଦିନ ଦ୍ୱିପ୍ରହର ବେଳକୁ ଶିବପାର୍ବତୀଙ୍କ ପୂଜାରେ ଶେଷହୁଏ । ଲୋକନାଥ ମନ୍ଦିର, ଲିଙ୍ଗରାଜ ମନ୍ଦିର ଓ ସମ୍ବଲପୁର ସହରର ଶିବ ମନ୍ଦିରମାନଙ୍କରେ ଏହା ବହୁ ଜାକଜମକରେ ପାଳନ କରାଯାଏ । ସମ୍ବଲପୁରରେ ଏଇ ପର୍ବର ମୁଖ୍ୟ ଆକର୍ଷଣ ହେଉଛି ପାରମ୍ପରିକ ସଙ୍ଗୀତ ଓ ନାଚ । ଏହା ସମ୍ବଲପୁର, ବିଶେଷକରି ପଶ୍ଚିମ ଓଡ଼ିଶାର ଲୋକନୃତ୍ୟକୁ ଉପଭୋଗ କରିବାରେ ଏକ ଦୁର୍ଲଭ ଅବସର । ଆମ ପ୍ରାଚୀନ ପରମ୍ପରା ଅନୁସାରେ ଶିବ ପାର୍ବତୀଙ୍କ ବିବାହ କୁ ଶୀତଳ ଷଷ୍ଠୀ ଭାବରେ ପାଳନ କରାଯାଇଥାଏ । ଶିବ ଓ ଶକ୍ତି ଙ୍କ ମିଳନକୁ ମହା ଜାଗତିକ ଓ ଦିବ୍ୟ ମିଳନ ବୋଲି କୁହାଯାଇଥାଏ । ସୃଷ୍ଟି ତଥା ସଂହାରର କାରଣ ରୂପରେ ଶିବଙ୍କୁ ଆରାଧନା କରନ୍ତି । ତେବେ ଶକ୍ତିଙ୍କ ବିନା ସହଯୋଗରେ ସୃଷ୍ଟି ପ୍ରକ୍ରିୟା ସମ୍ଭବ ହୁଏ ନାହିଁ । ଶକ୍ତି ଶିବଙ୍କ ପିଣ୍ଡରେ ମିଳିତ ନ ହେବା ପର୍ଯ୍ୟନ୍ତ ସୃଷ୍ଟି ସର୍ଜନା ସଫଳ ହୁଏ ନାହିଁ । ତେଣୁ ଆବାହମାନ କାଳରୁ ଶକ୍ତି ଓ ଶିବଙ୍କ ପରିଣୟକୁ ଉତ୍ସବ ରୂପେ ଆମେ ପାଳନ କରିଥାଉ । ଯାହାକୁ ଶୀତଳଷଷ୍ଠୀ କୁହଯାଏ । ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା କେବେ ଆରମ୍ଭ ହେଲା, କିଏ ଆରମ୍ଭ କଲା, କାହିଁକି ଆରମ୍ଭ କଲା ସେ ସଂପର୍କରେ ସଠିକ୍ ତଥ୍ୟ ନାହିଁ । ତେବେ ଜନଶ୍ରୁତି ଅନୁସାରେ ଛତ୍ରପତି ରାଜା ବୀର ବଳିୟାର ସିଂଙ୍କ ରାଜତ୍ୱ କାଳରେ ସମ୍ଭବତଃ ଏହି ଯାତ୍ରା ଆରମ୍ଭ ହୋଇଥିଲା । ମାତ୍ର ତା'ର ନିର୍ଦ୍ଦିଷ୍ଟ ତିଥି କେହି କେବେ ନିର୍ଣ୍ଣୟ କରିନାହାଁନ୍ତି । ଜନଶ୍ରୁତି ଅନୁସାରେ ଛତ୍ରପତି ମହାରାଜ ବୀର ବଳିୟାର ସିଂହଙ୍କୁ ୧୮ ଗଡ଼ଜାତ ସମ୍ମାନ ଦେବା ପାଇଁ ପୁରୀ ମହାରାଜ ଆମନ୍ତ୍ରଣ କରିଥିଲେ । ମହାରାଜଙ୍କ ନିମନ୍ତ୍ରଣ ରକ୍ଷା କରି ବଳିୟାର ସିଂହ ପୁରୀ ଦରବାରରେ ଯାଇ ପହଞ୍ଚିଥିଲେ । ପୁରୀ ରାଜା ବୀର ବଳିୟାର ସିଂହଙ୍କ ଶକ୍ତି ପରୀକ୍ଷା କରିବା ପାଇଁ ତାଙ୍କ ଦରବାରରେ ଥିବା ୭ଜଣ ଶ୍ରେଷ୍ଠ ମଲ୍ଲଯୋଦ୍ଧାଙ୍କୁ ନିୟୋଜିତ କରିଥିଲେ । ବୀର ବଳିୟାର ସିଂହ ରାଜଦରବାରକୁ ପହଞ୍ଚି ମହାରାଜଙ୍କୁ ଅଭିବାଦନ କରିବା ସମୟରେ ଅତର୍କିତ ଭାବେ ଏହି ୭ଜଣ ମଲ୍ଲଯୋଦ୍ଧା ଆକ୍ରମଣ କରିଥିଲେ । ଏଥିରେ ବିଚଳିତ ନହୋଇ ବୀର ବଳିୟାର ସିଂହ ତାଙ୍କ ପଗଡି ଭିତରେ ଥିବା ମାଆ ସମଲେଶ୍ୱରୀଙ୍କ ଏକ ତରବାରୀ କାଢି ଆଣି ମଲ୍ଲଯୋଦ୍ଧାଙ୍କୁ ଧରାଶାୟୀ କରିଦେଇଥିଲେ । ବଳିୟାର ସିଂହଙ୍କ ବୀରତ୍ୱରେ ମୁଗ୍ଧ ହୋଇ ପୁରୀ ମହାରାଜ ସିଂହାସନରୁ ଓହ୍ଲାଇ ଆସି ତାଙ୍କୁ ପୁରସ୍କାର ଦେବାକୁ କହିଲେ । ସମ୍ବଲପୁରରେ ସେତେବେଳେ ବ୍ରାହ୍ମଣ ନଥିବାରୁ ବଳିୟାର ସିଂହ ପୁରୀ ମହାରାଜଙ୍କୁ ବ୍ରାହ୍ମଣ ଦେବାକୁ ଅନୁରୋଧ କରିଥିଲେ । ଏହା ପରେ ବ୍ରାହ୍ମଣମାନେ ପୁରୀରୁ ସମ୍ବଲପୁରକୁ ଆସିଥିଲେ ଓ ଶିବ ବିବାହ ଆରମ୍ଭ ହୋଇଥିବା ମନେ କରାଯାଏ । ପୂର୍ବେ ଅସ୍ପୃଶ୍ୟମାନଙ୍କୁ ମନ୍ଦିର ଯାଇ ଦେବଦେବୀଙ୍କୁ ଦର୍ଶନ କରିବା ବାରଣ ଥିଲା । ତେଣୁ ବର୍ଷରେ ଥରେ ଦେବଦମ୍ପତି ସେମାନଙ୍କୁ ଦର୍ଶନ ଦେବା ପାଇଁ ବାହାରକୁ ଆସୁଥିବାର କୁହାଯାଏ । ଦେବଦମ୍ପତିଙ୍କ ଏହି ଯୁଗଳ ଦର୍ଶନରେ ବହୁତ ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି ।

ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପୌରାଣିକ କଥାବସ୍ତୁ ଉପରେ ପର୍ଯ୍ୟବସିତ । ଶିବ ପୁରାଣ ଅନୁସାରେ ବ୍ରହ୍ମାଙ୍କୁ କଠୋର ତପସ୍ୟା କରି ଦକ୍ଷପ୍ରଜାପତି ମାତା ସତୀଙ୍କୁ ପୁତ୍ରୀ ରୂପେ ପ୍ରାପ୍ତ ହୁଅନ୍ତି । ଶିବ ରୁଦ୍ର ଓ ପାର୍ବତୀ ଶାନ୍ତିର ବାର୍ତ୍ତା ବହନ କରେ । ଗ୍ରୀଷ୍ମଋତୁ ପୃଥିବୀ ପୃଷ୍ଠରୁ ବିଦାୟ ନେଉଥାଏ, ବର୍ଷାଋତୁର ଆଗମନ ସମୟରେ ମହାଦେବ ଶିବ ଓ ସତୀଙ୍କ ବିବାହୋତ୍ସବକୁ ନେଇ ଅନୁଷ୍ଠିତ ହୁଏ ଶୀତଳଷଷ୍ଠୀ । ମହାପ୍ରଭୁଙ୍କର ଚନ୍ଦନ ଯାତ୍ରାର ପରିସମାପ୍ତି ପରେ ପରେ ଶୀତଳଷଷ୍ଠୀ ବେଳକୁ ମେଘମେଦୁର ଆକାଶର ଅପରୂପ ସୌନ୍ଦର୍ଯ୍ୟ ବେଶ ଚିତାକର୍ଷକ ହେବା ସାଙ୍ଗକୁ ନବବାରି ପରିପ୍ଲୁତ ଧରାପୃଷ୍ଠ ଶୀତଳ ପରିବେଶ ସୃଷ୍ଟିକରେ । ଓଡ଼ିଶାର ସମ୍ବଲପୁର ଶୀତଳଷଷ୍ଠୀରେ ସମ୍ପୂର୍ଣ୍ଣ ଲୋକାଚାରରେ ଶିବ ଓ ସତୀଙ୍କ ବିବାହୋତ୍ସବ ଅତ୍ୟନ୍ତ ଆକର୍ଷଣୀୟ । ଦେବଦମ୍ପତିଙ୍କ ଏହି ବିବାହ ଉତ୍ସବ ପ୍ରକ୍ରିୟା ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୁଏ । ବୈଦିକ ରୀତିରେ ପଞ୍ଚମୀ ରାତିରେ ବିବାହ ଅନୁଷ୍ଠିତ ହୋଇଥାଏ । ନନ୍ଦପଡାର ବମ୍ ବରାଡ଼ ବାଲୁଙ୍କେଶ୍ୱର, ଝାଡୁଆପଡାର ଶ୍ରୀଲୋକନାଥ ବାବା, ମୁଦିପଡାର ଶ୍ରୀଜାଗେଶ୍ୱର ବାବା, ବଡ଼ବଜାରର ଶୀତଳେଶ୍ୱର ବାବା, ବାଲିବନ୍ଧର ସୋମନାଥ ବାବା, ଦୁର୍ଗାପାଲିର ଶ୍ରୀଗୁଡେଶ୍ୱର ବାବଙ୍କ ପ୍ରସିଦ୍ଧ ଶୀତଳଷଷ୍ଠୀ ପର୍ବରେ ସ୍ଥାନୀୟ ତଥା ବହିରାଗତ ଲକ୍ଷ ଲକ୍ଷ ଭକ୍ତଙ୍କର ସମାବେଶରେ ସମ୍ବଲପୁର ଜନାରଣ୍ୟ ହୋଇଉଠେ । ପରମ୍ପରା ଓ ପ୍ରକରଣରେ ନବଦମ୍ପତିଙ୍କର ବିବାହୋତ୍ସବ ଅନୁଷ୍ଠିତ ହୋଇ କନ୍ୟାଦାନ ସହିତ ଅଳଙ୍କାର, ବାସନକୁସନ ଅନ୍ୟ ଜାନିଯୌତୁକ ସାଧମତେ ପ୍ରଦାନ କରାଯାଏ । ବର ନିମନ୍ତ୍ରଣ ଓ କନ୍ୟା ବିଦାୟ ଦୃଶ୍ୟ ମଧ୍ୟ ବେଶ୍ ଗାମ୍ଭୀର୍ଯ୍ୟପୂର୍ଣ୍ଣ ହୋଇଥାଏ । ସମ୍ବଲପୁରର ଶୀତଳଷଷ୍ଠୀ ଯାତ୍ରାରେ ଏହାର ଆତିଶଯ୍ୟ ସହଜରେ ବାରି ହୋଇପଡେ । ନାଚ, ଗୀତ, ତାମସା ଏହାର ଏକ ସ୍ୱାଭାବିକ ଅଙ୍ଗ । ବିଭିନ୍ନ ଲୋକନୃତ୍ୟ, ଡାଲଖାଇ ନୃତ୍ୟର ସମାବେଶ ଆମ ସାଂସ୍କୃତିକ ଜୀବନଧାରାର ଏକ ସ୍ୱାଭାବିକ ଆଙ୍ଗିକ ସ୍ୱରୂପ । ଲିଙ୍ଗରାଜ ମନ୍ଦିର ଓ ପୁରୀ ଶ୍ରୀମନ୍ଦିରରେ ମଧ୍ୟ ଶୀତଳ ଷଷ୍ଠୀ ଯାତ୍ରା ଆୟୋଜିତ ହୋଇଥାଏ । ପୁରାତନ ଓ ନବୀନ ପାରମ୍ପରିକ ପରମ୍ପରାର ମିଶ୍ରଣ ଭାବରେ ଶୀତଳ ଷଷ୍ଠୀ ଯାତ୍ରା ଏକ ସାଂସ୍କୃତିକ ମହାସମାରୋହ ଉତ୍ସବ ଭାବରେ ଆମ ଉତ୍କଳୀୟ ପରମ୍ପରାର ଏକ ଅଂଶବିଶେଷ ।



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ମୋ: ୯୯୩୮୯୦୬୦୭୦

## ଇତିହାସ

୧୮୩୫– କଲିକତା ମେଡ଼ିକାଲ କଲେଜରେ ପ୍ରଥମଥର ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା ।

୧୮୭୪– ଇଷ୍ଟ ଇଣ୍ଡିଆ କମ୍ପାନୀକୁ ଭଙ୍ଗ କରାଯାଇଥିଲା ।

୧୯୨୯– ଫିଲ୍ମ ମଦର ଇଣ୍ଡିଆରେ ହିନ୍ଦୀ ଫିଲ୍ମଜଗତର ମା' ଚରିତ୍ରକୁ ସର୍ବାଧିକ ସ୍ମରଣୀୟ କରିଥିବା ନରଗିସ୍‌ଙ୍କର ଜନ୍ମ ହୋଇଥିଲା ।

୧୯୩୦– ଭାରତର ପ୍ରଥମ ଡିଲକ୍ସ ରେଳଗାଡ଼ି ଡେକାନ୍ କୁଇନ୍‌କୁ ବମ୍ବେ ଏବଂ ପୁନେ ମଧ୍ୟରେ ଶୁଭାରମ୍ଭ କରାଯାଇଥିଲା ।

୧୯୫୮– ଭାରତର ଅନ୍ୟତମ ପ୍ରସିଦ୍ଧ ହକି ଖେଳାଳି ଅଶୋକ କୁମାରଙ୍କର ଜନ୍ମ ହୋଇଥିଲା ।

୧୯୭୦– ବ୍ରିଟେନର ପ୍ରଧାନମନ୍ତ୍ରୀ ହେରାଲ୍ଡ ୱିଲ୍‌ସନ୍‌ଙ୍କ ଉପରେ ଏକ ନିର୍ବାଚନୀ ସଭା ବାହାରେ ଅଣ୍ଡା ଫୋପଡ଼ା ଯାଇଥିଲା ।

୧୯୯୬– ଏଚ୍.ଡି ଦେବଗୌଡ଼ା ଦେଶର ୧୧ତମ ପ୍ରଧାନମନ୍ତ୍ରୀ ହୋଇଥିଲେ ।

୧୯୯୬– ଭାରତର ଷଷ୍ଠ ରାଷ୍ଟ୍ରପତି ନୀଲମ ସଞ୍ଜୀବ ରେଡ୍ଡୀଙ୍କର ପରଲୋକ ହୋଇଥିଲା ।

୨୦୧୪– ନାଇଜେରିଆରେ ଫୁଟ୍‌ବଲ ମଇଦାନରେ ହୋଇଥିବା ବିସ୍ଫୋରଣରେ ୪୦ ଜଣଙ୍କର ମୃତ୍ୟୁ ଘଟିଥିଲା ।



# ବାର୍ଦ୍ଧକ୍ୟ ପ୍ରତିରୋଧକ ଔଷଧ



ସମସ୍ତେ ଚାହାନ୍ତି ନିଜର ବୟସ କମାଇବାକୁ । ଅନେକ ସମୟରେ ସେଲିବ୍ରିଟିମାନେ ଏଥିପାଇଁ ବିଭିନ୍ନ ପ୍ରକାର ଔଷଧ ଓ ଅସ୍ତ୍ରପୋଚାରର ସହାୟତା ନେଉଥିବା ଦେଖିବାକୁ ମିଳିଥାଏ । ଏହି ବିଷୟରେ ଅନେକ ଗବେଷଣା ହେଉଥିବାର ମଧ୍ୟ ସୂଚନା ମିଳିଥାଏ । ଏହି ସଂକ୍ରାନ୍ତରେ ହୋଇଥିବା ଏକ ଗବେଷଣା ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ଜର୍ମାନୀର ବୈଜ୍ଞାନିକମାନେ ଏକ ଏଭଳି ଆଣ୍ଟି ଏଜିଂ ଡ୍ରଗ ବା ବାର୍ଦ୍ଧକ୍ୟ ପ୍ରତିରୋଧୀ ଔଷଧର ଉଦ୍ଭାବନ କରିଛନ୍ତି, ଯାହା ମୂଷାଙ୍କର ବୟସ ୩୦ ପ୍ରତିଶତ କମାଇ ପାରୁଛି । ରାପାମାଇସିନ୍ ଓ ଟ୍ରାମେଟିନିବ୍ ନାମକ ଦୁଇଟି ଡ୍ରଗକୁ ମିଶାଯାଇ ଏହାକୁ ପ୍ରସ୍ତୁତ କରାଯାଇଥିବା ସୂଚନା ମିଳିଛି । ତଥ୍ୟ ଅନୁସାରେ ଏକୁଟିଆ ରାପାମାଇସିନ୍ ୧୭-୧୮ ପ୍ରତିଶତ ଓ ଟ୍ରାମେଟିନିବ୍ ୭-୧୬ ପ୍ରତିଶତ ଆୟୁଷ କମାଇବାରେ ସହାୟକ ହୋଇଥାଆନ୍ତି । ତେଣୁ ଉଭୟଙ୍କୁ ମିଶାଇ ପ୍ରସ୍ତୁତ ହୋଇଥିବା ଡ୍ରଗ ସମୁଦାୟ ୨୬ ରୁ ୩୫ ପ୍ରତିଶତ ଆୟୁଷ କମାଇ ପାରିବ ବୋଲି ବୈଜ୍ଞାନିକ ଦାବି କରିଛନ୍ତି । ତେବେ ଏହାକୁ ବର୍ତ୍ତମାନ କେବଳ ମୂଷା ଉପରେ ପରୀକ୍ଷଣ କରାଯାଇଛି । ଏହି ଦୁଇଟି ଔଷଧର ମିଳନରେ ଜିନ୍‌ର ଏକ ପ୍ରକାର ସ୍ୱତନ୍ତ୍ର ପରିବର୍ତ୍ତନ ହେଉଥିବା ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି । ଏହାକୁ ନେଇ ଆହୁରି ଅନେକ ଗବେଷଣା ହେବା ବାକି ରହିଛି ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି । ଏହା ଏକ ସମ୍ବେଦନଶୀଳ ବିଷୟବସ୍ତୁ ହୋଇଥିବାରୁ ଏନେଇ ସବିଶେଷ ତଥ୍ୟ ବର୍ତ୍ତମାନ ବାହାରକୁ ଆସିନାହିଁ । ଏହାକୁ ମଣିଷଙ୍କ କ୍ଷେତ୍ରରେ ବ୍ୟବହାର ପୂର୍ବରୁ ଅନେକ ଗବେଷଣା ଓ କ୍ଲିନିକାଲ ଟ୍ରାଏଲ କରିବାକୁ ପଡିବ ବୋଲି ବୈଜ୍ଞାନିକ ପ୍ରକାଶ କରିଛନ୍ତି ।

# ବଦଳୁଛି ଭୂତ ଫିଲ୍ମର ସଂଜ୍ଞା

ବଲିଉଡରେ ବର୍ତ୍ତମାନ ହରର ଫିଲ୍ମର ସଂଜ୍ଞା ବଦଳିବାରେ ଲାଗିଛି । ନିକଟରେ ରିଲିଜ ହୋଇଛି ଫିଲ୍ମ ମା'ର ଟ୍ରେଲର । ଛୋରୀ ୨ପରେ ନିର୍ଦ୍ଦେଶକ ବିଶାଲ ଫୁରିୟାଙ୍କର ଏ ହେଉଛି ଦ୍ୱିତୀୟ ହରର ସ୍ପେସ ଫିଲ୍ମ । ଏହି ଫିଲ୍ମର ଟ୍ରେଲର ଦେଖିବା ପରେ ଦର୍ଶକ ବଲିଉଡରେ ହରର ଫିଲ୍ମର ସଂଜ୍ଞା ବଦଳୁଥିବା ନେଇ ଆଲୋଚନା କରୁଛନ୍ତି । ଏଥିରେ ଲିଡ୍ ରୋଲରେ ଦର୍ଶକ କାଜୋଲଙ୍କୁ ଦେଖିବାକୁ ପାଇବେ । ଏହା ଏକ ସ୍ୱତନ୍ତ୍ରଧରଣର ମାଇଥୋଲୋଜିକାଲ ହରର ବୋଲି ସୋସିଆଲ ମିଡିଆରେ ଆଲୋଚନା ହେଉଛି । ଏହି ଫିଲ୍ମଟି ପୂର୍ବରୁ ଆସିଥିବା ଅଜୟ ଦେବଗନ ଓ ଆର୍ ମାଧବନଙ୍କର ଶୈତାନର ଏକ ଭାଗ ବୋଲି ଜଣା ପଡିଛି । ସେହିଭଳି ଏହି ଫିଲ୍ମରେ ଅଭିନୟ କରି କାଜୋଲ ମଧ୍ୟ ଖୁବ ଖୁସି ଅଛନ୍ତି । ପ୍ରଥମଥର ପାଇଁ ଏଭଳି ଏକ ପୌରାଣିକ ଭୂତ ସିନେମାରେ ସେ ଅଭିନୟ କରିଥିବାରୁ ଖୁବ ଉତ୍ସାହିତ ଥିବା ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ଫିଲ୍ମଟି ଗୋଟିଏ ମା' ଓ ଝିଅର ରହସ୍ୟମୟ ଯାତ୍ରାକୁ ନେଇ ଗତିଶୀଳ । ସେମାନଙ୍କର ସାମନା ଏଭଳି ଏକ ଗାଁ ସହିତ ହୁଏ ଯାହା ଅଭିଶପ୍ତ । ସେହିଭଳି ଏହି ଫିଲ୍ମ ଜରିଆରେ ମେକର୍ସ ବିଶ୍ୱର ସମସ୍ତ ମାଆଙ୍କୁ ସମ୍ମାନ ଦେଇଛନ୍ତି ବୋଲି ପ୍ରକାଶ କରିଛନ୍ତି । ଦର୍ଶକଙ୍କୁ ଏହି ଭିନ୍ନ ସ୍ୱାଦର ଭୂତ ଫିଲ୍ମ ଖୁବ ପସନ୍ଦ ଆସି ବୋଲି କାଜୋଲଙ୍କ ସମେତ ପୂରା ୟୁନିଟ୍ ଆଶା ରଖିଛନ୍ତି ।

## ସୋସିଆଲ କୋଟ୍ସ



"କାଷ୍ଟିଂ କାଉଚ୍‌ର ଅନୁଭବ ଖୁବ ଖରାପ ହୋଇଥାଏ । ମୋତେ ମୋ ବିବାହ କଥା ପଚରାଯାଇ ମୋ ସହିତ ଜବରଦସ୍ତି କରାଯିବାକୁ ଚେଷ୍ଟା କରାଯାଇଛି ।

ସୁରବିନ୍ ଚାୱଲା, ଅଭିନେତ୍ରୀ



"୨ଜୁନ୍‌ରେ ସାମ୍ବାଦିକ ସମ୍ମିଳନୀରେ ସମସ୍ତକଥା କହିବି । ମୋ ପାଖରେ ଥିବା କାଗଜପତ୍ର ସମସ୍ତ ତଥ୍ୟକୁ ସାମନାକୁ ଆଣିବ ।

ରାଜ କୁନ୍ଦ୍ରା, ଅଭିନେତା



"ହେରାଫେରି ଫିଲ୍ମ ପରେଶ ରାଓଲଙ୍କ ବିନା ଅଧୁରା । ତାଙ୍କୁ ଏହି ଫିଲ୍ମ ପାଇଁ ରାଜି ହେବାର ଆବଶ୍ୟକତା ରହିଛି । ତାଙ୍କ ବିନା ଫିଲ୍ମ ଦେଖିବାକୁ ମଜା ଆସିବନି ।

ଜନି ଲିବର, ଅଭିନେତା

## ବିଶ୍ୱ ତମାଖୁ ନିଷେଧ ଦିବସ

# ତମାଖୁଜନିତ ମୃତ୍ୟୁ ରୋକିବା ପାଇଁ କେବଳ ଗୋଟିଏ ଉପାୟ ହେଉଛି ସଚେତନତା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଭାରତରେ ପ୍ରାୟ ବର୍ଷକୁ ୧୪ ଲକ୍ଷ ଲୋକ ତମାଖୁ ସେବନ ଯୋଗୁ ଜୀବନ ହରାଉଛନ୍ତି । ପ୍ରତି ବର୍ଷ ଭାରତରେ ବିଭିନ୍ନ କାରଣରୁ ଯେତିକି ମୃତ୍ୟୁ ହେଉଛି, ତା'ର ପ୍ରାୟ ୧୦ ପ୍ରତିଶତ କେବଳ ତମାଖୁଜନିତ । ଜନସାଧାରଣ, ବିଶେଷକରି ଯୁବ ସମାଜ ଏଥିରୁ କିପରି ମୁକ୍ତି ପାଇବେ, ସେ ବିଷୟକୁ ଆଜି ଗମ୍ଭିରତାର ସହ ନେବାର ସମୟ ଆସିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ କନଭେନ୍ସନ୍ ହଲ୍ ଠାରେ ବିଶ୍ୱ ତମାଖୁ ନିଷେଧ ଦିବସ ପାଳନ ଉପଲକ୍ଷେ ଆୟୋଜିତ ସଚେତନତା ଅଭିଯାନର ଶୁଭାରମ୍ଭ ଅବସରରେ କହିଛନ୍ତି । ଏହି ଅବସରରେ ନିଶାଦ୍ରବ୍ୟ, ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୁଦ୍ଧରେ ଆରମ୍ଭ ହେଉଥିବା ସଚେତନତା ଅଭିଯାନରେ ସମସ୍ତେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ । ନିଶା ନୁହେଁ ଜୀବନକୁ ଆପଣେଇବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ । ତମାଖୁ, ବିଷାକ୍ତ ମଦ ଓ ଡ୍ରଗ୍ସ ବ୍ୟବହାର ଓ ପ୍ରସାରକୁ ରୋକିବା ପାଇଁ ରାଜ୍ୟବ୍ୟାପୀ ପ୍ରଥମ ପର୍ଯ୍ୟାୟରେ ବିଶ୍ୱ ତମାଖୁ ନିଷେଧ ଦିବସ ମଇ ୩୧ ତାରିଖ ଠାରୁ ଜୁନ ୨୬ ତାରିଖ ପର୍ଯ୍ୟନ୍ତ, ଦ୍ୱିତୀୟ ପର୍ଯ୍ୟାୟରେ ଜୁନ୍ ୨୬ ରୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ, ତୃତୀୟ ପର୍ଯ୍ୟାୟରେ ଅକ୍ଟୋବର ୨ ଏବଂ ଚତୁର୍ଥ ପର୍ଯ୍ୟାୟରେ ଡିସେମ୍ବର ୨୫ରୁ ୨୦୨୬ ଜାନୁଆରୀ ୧୫ ତାରିଖ ପର୍ଯ୍ୟନ୍ତ ପ୍ରାୟ ଏକ ବର୍ଷ ଧରି ଏହି ସଚେତନତା ଅଭିଯାନ ଜାରି ରହିବ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ତମାଖୁଜନିତ ମୃତ୍ୟୁକୁ ରୋକିବା ପାଇଁ କେବଳ ଗୋଟିଏ ଉପାୟ ହେଉଛି ସଚେତନତା । ଲୋକମାନେ ଏହାର ଭୟାବହତା ଜାଣିବା ସତ୍ତ୍ୱେ ଏଥିରୁ ଦୂରେଇ ପାରୁନାହାନ୍ତି । ଯଦି ଗୋଟିଏ ବ୍ୟକ୍ତିକୁ ସଚେତନ କରାଇପାରୁଛେ, ତେବେ ଆମେ ତା'ର ଜୀବନ ବଞ୍ଚାଇ ପାରୁଛେ । ତମାଖୁ ସେବନର ଅପକାରିତା ଏବଂ ସ୍ୱାସ୍ଥ୍ୟଗତ ଭୟାବହତା ଉପରେ ସଚେତନତା ସୃଷ୍ଟି ପାଇଁ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ସଚେତନତା ଅଭିଯାନକୁ ଘରେ ଘରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ । ତମାଖୁସେବନର ଭୟାବହତା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମୁଖଗହ୍ୱର କର୍କଟ କିମ୍ବା ଫୁସ୍ଫୁସ୍ କର୍କଟର ଶତ ପ୍ରତିଶତ କାରଣ ହେଉଛି ତମାଖୁ ଏବଂ ସିଗାରେଟ୍



ସେବନ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦୁନିଆରେ ଏକ ମାତ୍ର ସତ୍ୟ ହେଉଛି ମୃତ୍ୟୁ । ତେବେ ଏହା କଣ ଯନ୍ତ୍ରଣାଦାୟକ ହେବା ନିତ୍ୟାନ୍ତ ଆବଶ୍ୟକ । ତେଣୁ ଏକ ସୁସ୍ଥ ଜୀବନଶୈଳୀକୁ ଆପଣେଇବା ପାଇଁ ସମସ୍ତେ ସଚେତନ ହେବା ଉଚିତ୍ ବୋଲି ସେ କହିଥିଲେ ।

ତମାଖୁ, ସିଗାରେଟ୍ ଓ ନିଶାଦ୍ରବ୍ୟର ବିଜ୍ଞାପନ ମଧ୍ୟ ଯୁବ ସମାଜ ଉପରେ ପ୍ରଭାବ ପକାଉଛି । ଏହି ଛଳନାପୂର୍ଣ୍ଣ ବିଜ୍ଞାପନ ପ୍ରତି ମଧ୍ୟ ସଜାଗ ରହିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ସେ ପୁଣି କହିଥିଲେ ଯେ ନିଶା ଦ୍ରବ୍ୟ ଅପବ୍ୟବହାର, ବିଷାକ୍ତ ମଦ ଓ ଚୋରା ମଦର ବ୍ୟାପକତାକୁ ରୋକିବାକୁ ଅବକାରୀ, ଗୃହ ବିଭାଗ ଓ ନିଶା ନିୟନ୍ତ୍ରଣ ବ୍ୟୁରୋର ମିଳିତ ଉଦ୍ୟମରେ ଧରପଗଡ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇ ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ କରାଯାଉଛି । ଗଞ୍ଜେଇକୁ କ୍ଷମତାପନ୍ନ କରାଯାଇ ତମାଖୁ ସହିତ ଅନ୍ୟାନ୍ୟ ନିଶା ଦ୍ରବ୍ୟ ବିଶେଷ ଭାବେ ଚୋରା ଚାଲଣ ହେଉଥିବା ନିଶା ସାମଗ୍ରୀକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଚେଷ୍ଟା ଜାରି ରହିଛି । ତମାଖୁ ସହିତ ସବୁ ପ୍ରକାର ନିଶା ଦ୍ରବ୍ୟ ଉପରେ ଅଙ୍କୁଶ ଲଗାଇବା ପାଇଁ ଖୁବ୍ ଶୀଘ୍ର ନୂତନ ଅବକାରୀ ନୀତି ପ୍ରଣୟନ କରାଯିବ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ମାଦକ ତଥା ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଅବଗତ କରାଇବା ପାଇଁ ଏବଂ ଅପମିଶ୍ରିତ, ବିଶାକ୍ତ ଏବଂ ଚୋରା ମଦ କାରବାର ସମ୍ପୂର୍ଣ୍ଣ ରୋକିବା ପାଇଁ ରାଜ୍ୟବ୍ୟାପୀ ସଚେତନତା ଅଭିଯାନର ଲୋଗୋ, ଟି.ଭି. ସ୍ପଟ୍, ଥିମ୍ ସଙ୍ଗ୍ ଏବଂ ସୂଚନା ପୁସ୍ତିକା ଉନ୍ମୋଚନ କରିଥିଲେ ।

କାର୍ଯ୍ୟକ୍ରମରେ ଆଇନ, ଅବକାରୀ ଏବଂ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଥିଲେ ଯେ, ନିଶା ବ୍ୟବହାରର ଫଳ ହେଉଛି ମୃତ୍ୟୁ । ତେଣୁ ଏଥିପ୍ରତି ସଚେତନତା ବୃଦ୍ଧି କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ । ତମାଖୁ, ମଦ, ଡ୍ରଗ୍ସର ବ୍ୟବହାର ଓ ପ୍ରସାର ରୋକିବା ପାଇଁ ଏଭଳି ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଓଡିଶାରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଛି । ସମାଜର ଶେଷ ଲୋକ ପର୍ଯ୍ୟନ୍ତ ଆମେ ଏହି ସଚେତନତା ବାର୍ତ୍ତା ପହଞ୍ଚାଇବୁ । ଏଥିରେ ଅନ୍ୟାନ୍ୟ ବିଭାଗ ଓ ସିଭିଲ ସୋସାଇଟି ଯୋଗଦାନ ରଖିବା ପାଇଁ ସେ ଆହ୍ୱାନ ଦେଇଥିଲେ । ବିଧାୟକ ବାବୁ ସିଂ ମଧ୍ୟ ବକ୍ତବ୍ୟ ରଖିଥିଲେ । ନିଶାମୁକ୍ତି ଅଭିଯାନର ବ୍ରାଣ୍ଡ ଆମ୍ବାସଡର ତଥା ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ କହିଥିଲେ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଅଭିଯାନକୁ ଘରେ ଘରେ ପହଞ୍ଚାଇବା ଆମ ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ । କାର୍ଯ୍ୟକ୍ରମରେ ଅବକାରୀ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଓଡ଼ିଶା ପାନୀୟ ନିଗମର ପରିଚାଳନା ନିର୍ଦ୍ଦେଶକ ଅମ୍ବର କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ ଜିଲ୍ଲାରୁ ଆଭାସୀ ମାଧ୍ୟମରେ ଜିଲ୍ଲାପାଳ, ଅବକାରୀ ଅଧିକ୍ଷକମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ଆଡମ୍ବରରେ ଦେବ ଦମ୍ପତିଙ୍କ ବିବାହ ସମ୍ପର୍ଣ୍ଣ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧାରେ ଶୀତଳ ଷଷ୍ଠୀ ଓ ଶିବ ବିବାହ ମହା ସମାରୋହରେ ପାଳିତ ଯାଇଛି। ସହରର ଧବଳେଶ୍ୱର, ଲୋକେଶ୍ୱର, ସ୍ୱପ୍ନେଶ୍ୱର, ବାଲୁଙ୍କେଶ୍ୱର, ତାରେକଶ୍ୱର ଏବଂ ସିଧେଶ୍ୱର ମନ୍ଦିରରେ ହର ପାର୍ବତୀ ବା ଶିବ ପାର୍ବତୀ ବିବାହ ଉତ୍ସବ ମହାସମାରୋହରେ ପାଳିତ ହୋଇଛି। ସହର ମଧ୍ୟରେ ଥିବା ସିଧେଶ୍ୱର



ମନ୍ଦିରରେ ମନୋଜ ସାହୁ, ସିପ୍ରା ସାହୁ ବର ପିତା ମାତା ଭାବେ ଏକ ଶୋଭାଯାତ୍ରାରେ ଯାଇ ମନ୍ଦିରରେ ପହଁଚିଥିଲେ । ସେଠାରେ କନ୍ୟା ପିତା ଅଜିତ ମହାପାତ୍ର (ବାପି) ମାଆ ଲିପି ମହାପାତ୍ର ସେମାନଙ୍କୁ ସ୍ୱାଗତ କରିବା ସହିତ ପାଛୋଟି ନେଇଥିଲେ।ପରେ ରୀତି ନୀତି ଅନୁଯାୟୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବିବାହ ଉତ୍ସବରେ ଭୋଜିଭାତର ଆସର ହୋଥିବାବେଳେ ବର, କନ୍ୟା ପକ୍ଷଙ୍କ ସମେତ ଏକ ହଜାରରୁ ଅଧିକ ଶ୍ରଦ୍ଧାଳୁ ସାମିଲ ହୋଇ ଭୋଜିରେ ସାମିଲ ହୋଇଥିଲେ। ମନ୍ଦିର ର ପରିଚାଳକ ଚନ୍ଦନ ସାହୁ ପୁରୋଧା ବିକାଶ ମହାପାତ୍ର।ଏବଂ ଅନ୍ୟାନ୍ୟ କର୍ମକର୍ତା ସହଯୋଗ କରିଥିଲେ। ସେହିପରି ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଶ୍ରୀ ଶ୍ରୀ ଲୋକନାଥ ଦେବଙ୍କ ମନ୍ଦିର ରେ ମହା ଆଡମ୍ବରରେ ଦେବ ଦମ୍ପତିଙ୍କ ବିବାହ ଅନୁଷ୍ଠିତ ହୋଇଛି । ଏଠାରେ ବରପିତା ଗନ୍ଧର୍ବ ପାତ୍ର ଓ କନ୍ୟା ପିତା ଗୋବର୍ଦ୍ଧନ ହାତୀ ଥିଲେ । ଗ୍ରାମ୍ୟ କମିଟି ସଭାପତି ସଞ୍ଜୟ ପାଇକରାୟଙ୍କ ସମେତ ସମସ୍ତ ସଦସ୍ୟ ଓ ଯୁବଗୋଷ୍ଠି ସହଯୋଗ କରିଥିଲେ ।

## ଭିଜିଲାନ୍ସ ପଞ୍ଝାରେ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ

# ୨ କୋଠା, ୧୧ ଫ୍ଲଟ ଠାବ

ଭୁବନେଶ୍ୱର, (ସବ୍ୟୁ) : ବ୍ରହ୍ମପୁର ଡିଭିଜନ ୧ର ସହକାରୀ ନିର୍ବାହୀ ଯନ୍ତ୍ରୀ ଦିଲ୍ଲୀପ କୁମାର ଚୌଧୁରୀଙ୍କ ଘରେ ଶନିବାର ଭିଜିଲାନ୍ସ ଚଡାଉ କରିଛି। ଭୁବନେଶ୍ୱର ସହୀଦନଗର ସମେତ ୪ ଟି ସ୍ଥାନରେ ଏକ ସଙ୍ଗେ ଚଡାଉ କରାଯାଇଥିବା ବେଳେ ୧୧ ଟି ଫ୍ଲଟ ଠାବ ହୋଇଛି।

ଦିଲ୍ଲୀପଙ୍କ ନାଁରେ ୨୮.୫୩ ଲକ୍ଷ ଟଙ୍କା ବ୍ୟାଙ୍କ ଜମା ଥିବା ଜଣାପଡିଛି। ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ନାଁରେ ଓ ପରିବାର ସଦସ୍ୟଙ୍କ ନାଁରେ କୋଟି କୋଟି ଟଙ୍କାର ସ୍ଥାବର ସମ୍ପତ୍ତି ଥିବା ସନ୍ଧାନ ହୋଇଛି। ବ୍ରହ୍ମପୁର ମୟୁରବିହାରରେ ୨୪୦୦ ସ୍କୋୟାର ଫୁଟ୍ ଦୁଇ ମହଲା ଘର, ଭୁବନେଶ୍ୱର ସହୀଦଗର ଥାନାଠାରେ ୩ ବିଏଚ୍‌କେ ଫ୍ଲାଟ୍, ବ୍ରହ୍ମପୁର ଧର୍ମନଗରରେ ୨ ବିଏଚ୍‌କେ ଫ୍ଲାଟ୍ ମିଳିଥିବା ବେଳେ ବ୍ରହ୍ମପୁର ନିକଟବର୍ତ୍ତୀ ଅଞ୍ଚଳରେ ୧୧ ଟି ଫ୍ଲଟର ସନ୍ଧାନ କରିଛି ଭିଜିଲାନ୍ସ।



ଏହି ଘର ଓ ଫ୍ଲଟର ମୂଲ୍ୟ ଭିଜିଲାନ୍ସ ଟେକ୍ନିକାଲ୍ ଟିମ୍ ଆକଳନ କରିଛି। ୨୮ ଲକ୍ଷ ୫୩ ହଜାର ୨୧୨ ଟଙ୍କାର ବ୍ୟାଙ୍କ ଜମା ଓ ଇନ୍‌ସୁରାନ୍ସ ଥିବା ଜଣାପଡିଛି। ଦୁଇଟି ବାଇକ୍, ୧୦.୧୧ ଲକ୍ଷ ଟଙ୍କାର ଗୃହ ଉପକରଣ ଠାବ ହୋଇଥିବା ଭିଜିଲାନ୍ସ କହିଛି।

୩ ଡିଏସ୍‌ପି, ୭ ଇନ୍ସପେକ୍ଟର ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ମିଶାଇ ୪ ଟି ଭିଜିଲାନ୍ସ ଟିମ୍ ଏକ ସଙ୍ଗେ ବ୍ରହ୍ମପୁର ଓ ଭୁବନେଶ୍ୱରରେ ଚଡାଉ କରିଥିଲା। ସହୀଦନଗର ଘରକୁ ଭିଜିଲାନ୍ସ ଟିମ୍ ଆସିବା ବେଳକୁ ଘର ତାଲା ପଡିଥିଲା। ସେଠାରେ ଭିଜିଲାନ୍ସ ଟିମ୍ ଦୀର୍ଘ ସମୟ ବସି ରହିବା ପରେ ସନ୍ଧାନ ଆରମ୍ଭ ହୋଇଥିଲା।

## ଯୋଗାଣ ବିଭାଗର ଚଢ଼ାଉ

# ୧୪ଟି ଗ୍ୟାସ୍ ସିଲିଣ୍ଡର ଜବତ

କଟକ,(ସବ୍ୟୁ): ବ୍ୟବସାୟୀକ କାର୍ଯ୍ୟରେ ଘରୋଇ ଗ୍ୟାସ୍ ସିଲିଣ୍ଡର ବ୍ୟବହାର ହେଉଥିଲାବେଳେ ଆଜି କଟକ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉରେ ୧୪ଟି ଘରୋଇ ଗ୍ୟାସ୍ ସିଲିଣ୍ଡରକୁ ଜବତ କରାଯାଇଛି । ରାଣୀହାଟ ନିକଟସ୍ଥ ନିୟୁ ଅମ୍ବର ହୋଟେଲ୍ ଏବଂ ଏହା ପାଖକୁ ଲାଗି କିଛି ଫାଷ୍ଟଫୁଡ୍ ଦୋକାନରେ ଘରୋଇ ଗ୍ୟାସ୍ ସିଲିଣ୍ଡର ବ୍ୟବହାର ହେଉଥିବା ନେଇ ଅଭିଯୋଗ ହୋଇଥିଲା । ଏହି ଅଭିଯୋଗ ଆଧାରରେ ଆଜି କଟକ ଅତିରିକ୍ତ ଯୋଗାଣ ଅଧିକାରୀ ଉପେନ୍ଦ୍ର ଭୋଇ, ସହକାରୀ ଯୋଗାଣ ଅଧିକାରୀ ସାଗରିକା ରାଉତରାୟ, ଯୋଗାଣ ନିରୀକ୍ଷକ କେଦାରନାଥ ପ୍ରଧାନୀ, ପୃଥୀରାଜ ପ୍ରଧାନ ଅପରାହ୍ନ ୩ଟାରେ ଚଢ଼ାଉ କରିଥିଲେ । ଏହି ଚଢ଼ାଉରେ ୧୪ଟି ସିଲିଣ୍ଡର ଜବତ କରାଯାଇଛି ।

# ଥାନା ଭିତରେ ପୋଲିସକୁ ଦୁର୍ବ୍ୟବହାର : ୬ ଘଣ୍ଟା ଯୁବକ ଅଟକ

ଗୋପ,(ସବ୍ୟୁ) :ଶନିବାର ପୂର୍ବାହ୍ନରେ ଗୋପ ଥାନା ପରିସରରେ ଗୋପ ଥାନା ଏସ୍‌ଆଇ ବୁଦ୍ଧ ରାୟ ମାଝୀଙ୍କୁ ଗୋପ ଥାନା ଅନ୍ତର୍ଗତ ଏରବଙ୍ଗ ଗ୍ରାମପଞ୍ଚାୟତ ଅଧିନ ପଦିନିପଦା ଗ୍ରାମର ସନ୍ତୋଷ କୁମାର ସାମନ୍ତରାୟ ଦୁର୍ବ୍ୟବହାର କରିବା ଅଭିଯୋଗ ଦୀର୍ଘ ୬ ଘଣ୍ଟା ଧରି ଅଟକ ରଖା ଯାଇଥିଲା। ପରେ ଏହି ଅଟକ ଥିବା ଯୁବକକୁ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରି ମୂଳଚାଲରେ ଛାଡିଥିବା ଜଣା ପଡ଼ିଛି। ପ୍ରକାଶ ଯେ ଶୁକ୍ରବାର ସକାଳେ ଏରବଙ୍ଗ କୋଠ ମୂଳ ସାହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ନାମକ ଜଣେ ଯୁବକ ଏରବଙ୍ଗ ଗ୍ରାମର ଅଞ୍ଚଳର ପ୍ରଶାନ୍ତ କୁମାର ବଳଙ୍କୁ କୌଣସି ଘଟଣାକୁ ନେଇ ଗାଳିଗୁଲଜ କରିବା ବେଳେ ତାଙ୍କ ଭାଇ ତାପସ କୁମାର ବଳ ଏହାକୁ ବିରୋଧ କରିଥିଲେ। ଘଟଣା ସ୍ଥଳରେ ପୂର୍ଣ୍ଣଚନ୍ଦ୍ର ଦୁଇ ଭାଇଙ୍କୁ ମଧ୍ୟ ଗାଳିଗୁଲଜ କରିଥିଲା। ତାପସ ଏହି ଘଟଣାକୁ ନେଇ ଗୋପ ଥାନା ରେ ଅଭିଯୋଗ କରିବା ପରେ ପୋଲିସ ଥାନା ମୋକଦ୍ଦମା ନମ୍ବର ୧୬୯/୨୫ ରୁଜୁ କରିଥିଲା। ରବିବାର ସକାଳେ ପୋଲିସ ଅଭିଯୋଗ ହୋଇଥିବା ପୂର୍ଣଚନ୍ଦ୍ର କୁ ଥାନା ରେ ଅଟକ ରଖିଥିଲା। ଏହି ଅଟକ ଘଟଣାକୁ ନେଇ ପଦିନିପଦା ଗ୍ରାମର ସନ୍ତୋଷ କୁମାର ସାମନ୍ତରାୟ ଥାନାରେ ପହଞ୍ଚି ପୋଲିସକୁ ଦୁର୍ବ୍ୟବହାର କରିବା ସହ ଗାଳମନ୍ଦ କରିଥିଲା। ଏହି ଅଭିଯୋଗକୁ ପୋଲିସ ଯୁବକକୁ ଅଟକ ରଖିବା ପରେ ମୂଳଚାଲରେ ଛାଡିଥିବା ଥାନା ଅଧିକାରୀ ଶ୍ରୀ ପଢିହାରି ସୂଚନା ଦେଇଛନ୍ତି। ଏପରି ଏକ ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଇଥିଲା।

# ବେଆଇନ ଗୋଚାଲାଣ: ୫ ଗାଈ ଉଦ୍ଧାର, ଜଣେ ଗିରଫ


କାକଟପୁର ,(ସବ୍ୟୁ) : କାକଟପୁର ଅଞ୍ଚଳରେ ଦିନକୁ ଦିନ ବେଆଇନ ଗୋଚାଲାଣ ବଢ଼ିବାରେ ଲାଗିଛି । କିଛି ଅସାଧୁ ଗୋ ଚାଲାଣକାରୀ ପୋଲିସ ଆଖିରେ ଧୂଳି ଦେଇ ଖସି ଯିବାକୁ ଉଦ୍ୟମ କରୁଥିବାବେଳେ କାକଟପୁର ପୋଲିସ ସେମାନଙ୍କୁ କାବୁ କରି ୫ ଟି ଗାଈ ଉଦ୍ଧାର କରି ପୁରୀ ଗୋଶାଳାକୁ ପଠାଇଛି। ଶନିବାର ସକାଳ ୭ ଘଟିକା ସମୟରେ କାକଟପୁର ଥାନା ଅଧିନସ୍ଥ ଆନନ୍ଦ ବଜାର ଛକରୁ ଏକ ଟାଟା ଏସି ଗାଡିଯୋଗେ ୫ ଟି ଗାଈ କୁ ବେଆଇନ ଚାଲାଣ କରୁଥିବା ସମୟରେ କାକଟପୁର ଥାନା ଆଇଆଇସି ଉମେଶ ଚନ୍ଦ୍ର ସାହୁ ସଦଳବଳେ ଚଢ଼ାଉ କରି ଗାଡି ସହିତ ଅଭିଯୁକ୍ତକୁ ଥାନାକୁ ଆଣିଥିଲେ । ଏ ସଂକ୍ରାନ୍ତରେ କାକଟପୁର ଥାନା ପକ୍ଷରୁ କେଶ ନମ୍ବର ୧୨୫/୨୫ ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ବାରମ୍ବାର ଗୋଚାଲାଣ ସଂକ୍ରାନ୍ତରେ କାକଟପୁର ଥାନା ଆଇଆଇସି ଶ୍ରୀ ସାହୁଙ୍କୁ ପଚାରିବାରେ ଯେଉଁ ଗୋ ମାଲିକମାନେ ଗୋମାତାମାନଙ୍କୁ ପାଳିବାରେ ଅକ୍ଷମ ହୋଇ ସେମାନଙ୍କୁ କଂସେଇମାନଙ୍କୁ ବିକୁଛନ୍ତି ସେମାନେ ଗୋମାତା ମାନଙ୍କୁ ନ ବିକ୍ରି କରି ଆଇଆଇସିଙ୍କୁ ଜଣାଇଲେ ସେ ତାଙ୍କ ନିଜ ଖର୍ଚ୍ଚରେ ଗୋମାତା ମାନଙ୍କୁ ପୁରୀ ଗୋଶାଳାକୁ ପଠେଇବେ ବୋଲି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।


# ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ର ପ୍ରାଚୀର କଡରୁ ଶିଶୁ କନ୍ୟା ଭ୍ରୂଣ ଜବତ

ପିପିଲି,(ସବ୍ୟୁ) : ୩୧୬ ନମ୍ବର ପୁରୀ ଭୁବେନଶ୍ୱର ଜାତୀୟ ରାଜପଥ ପାର୍ଶ୍ୱରେ ମଙ୍ଗଳପୁର ଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପ୍ରାଚୀର ନିକଟସ୍ଥ ଏକ ଅଳିଆ ଗଦାରୁ ଶନିବାର ସନ୍ଧ୍ୟାରେ ଏକ ମୃତ ନବଜାତ ଶିଶୁ କନ୍ୟା ଭୃଣକୁ ପିପିଲି ପୋଲିସ ଉଦ୍ଧାର କରି ଜବତ କରିଛି ।ଏହି ନବଜାତ ମୃତ ଶିଶୁ ଶରୀରକୁ ବ୍ୟବେଚ୍ଛଦ ପାଇଁ ରବିବାର ଦିନ ପଠାଯିବ ବୋଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀଙ୍କ ଠାରୁ ପ୍ରକାଶ । ତେବେ ନବଜାତ ମୃତ ଶିଶୁ କନ୍ୟାଟି ଏଠାକୁ କିପରୀ ଆସିଲା ତାହା ଏବେ ଲୋକଙ୍କ ମନରେ ନାନା ପ୍ରକାର ସନ୍ଦେହ ବଢାଇଛି। ସରକାର ବେଆଇନ ଗର୍ଭପାତକୁ ଗୁରୁତ୍ୱ ଦେଉଥିବା ବେଳେ ମଙ୍ଗଳପୁର ଅଂଚଳରେ ଦୀର୍ଘ ବର୍ଷ ଧରି ବେଆଇନି ଗର୍ଭପାତ ଚାଲୁ ରହିଛି । ଏହା ଏକ ବେସରକାରୀ କ୍ଲିନିକରେ ଚାଲୁଥିବା ନେଇ ଅଭିଯୋଗ ହୋଇ ଆସୁଥିବା ବେଳେ ଆଜିର ଘଟଣା ଘରୋଇ କ୍ଲିନିକ କିମ୍ବା ସରକାରୀ ମେଡିକାଲରେ ଘଟି ଥାଇପାରେ ବୋଲି ସନ୍ଦେହ ସୃଷ୍ଟି ହୋଇଅଛି । ଉକ୍ତ ଘଟଣାର ତଦନ୍ତ ହେବା ଆବଶ୍ୟକ ବୋଲି ସାଧାରଣରେ ଦାବୀ ହୋଇଛି ।

# ସାକ୍ଷୀଗୋପାଳ ମନ୍ଦିରରେ ଶିବ ବିବାହ

ସାକ୍ଷୀଗୋପାଳ ,(ସବ୍ୟୁ) :ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ ପକ୍ଷରୁ ସାକ୍ଷୀଗୋପାଳ ମନ୍ଦିରରେ ଶନିବାର ସନ୍ଧ୍ୟାରେ ଶିବବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛ।ବୈଦିକ ରୀତିରେ ଶ୍ରୀ ଶ୍ରୀ ଐଶାନେଶ୍ୱର ଦେ ମାତା ପାର୍ବତୀଙ୍କ ହାତ ଧରିଛନ୍ତି। ବରସାଜି ଶ୍ରୀ ଶ୍ରୀ ଐଶାନେଶ୍ୱର ଦେବ କନ୍ୟାଘର ଶ୍ରୀରାମ ମନ୍ଦିର ରେ ପହଞ୍ଚିବା ପରେ କନ୍ୟା ପିତା କିଶୋର ଚନ୍ଦ୍ର ମହାପାତ୍ର ବାଟରଣ କରିବାସହ ବରଯାତ୍ରୀଙ୍କୁ ପାଛୋଟି ନେଇଥିଲେ। ପୁରୋଧା ଭାଗିରଥି ମହାପାତ୍ର ଓ ବଶିଂଧର ପାଢ଼ୀ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। କନ୍ୟାଦାନ, ହୋମ, କଉଡିଖେଳ, ଦୋଳମକୁଟ, ହାତଗଣ୍ଠି ଆଦି କାର୍ଯ୍ୟ ରେ ବରପିତା ବିଜୟ କୁମାର ମହାପାତ୍ର ଯୋଗଦେଇ ଥିଲେ। ଶ୍ରୀ ଶ୍ରୀ ଐଶାନେଶ୍ୱର ଦେବଙ୍କ ସେବକ ଲକ୍ଷ୍ମୀକାନ୍ତ ନନ୍ଦ, ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ର ଓ ରାମଚନ୍ଦ୍ର ନନ୍ଦ ସହଯୋଗ କରିଥିଲେ।



### ସହରର ନାଳ ନର୍ଦ୍ଦମା ସଫେଇ

## କାର୍ଯ୍ୟକୁ ତ୍ୱରାନ୍ୱିତ ନିମନ୍ତେ ଆରଡିସିଙ୍କ ସ୍ଥିତି ଅନୁଧ୍ୟାନ

କଟକ, (ସବ୍ୟୁ):ବର୍ଷାଋତୁ ସମୟରେ କଟକ ସହରରେ କୃତ୍ରିମ ଜଳବନ୍ଦୀ ଓ ଜଳ ନିଷ୍କାସନ ସମସ୍ୟାକୁ ଦୃଷ୍ଟିରେ ରଖି ଆଜି ସକାଳେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ପରମେଶ୍ୱରମ କଟକ ମହାନଗର ନିଗମର ଅଧିକାରୀ ଓ ଯନ୍ତ୍ରୀ ମାନଙ୍କ ସହ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ । ଲଗାଣ ବର୍ଷା ସମୟରେ ସହରର ନାଳ ନର୍ଦ୍ଦମା ସଫେଇ କାର୍ଯ୍ୟ ସହ ବକ୍ସ ଡ୍ରେନର ସଫେଇ କାର୍ଯ୍ୟର ଅଗ୍ରଗତି ନିଜେ ବୁଲି ଦେଖିଥିଲେ । ସମାଜ କାର୍ଯ୍ୟାଳୟ ନିକଟସ୍ଥ ପଟାପୋଲ ଅଞ୍ଚଳ, ବାରପଥର ଠାରୁ ରାଉସ ପାଟଣା, ଛତ୍ର ବଜାର,ମାତୃ ଭବନ ଆଦି ଶାଖା ସ୍ରୋତ ନାଳ ଗୁଡିକର ଅବସ୍ଥା ପରକ୍ଷୀ ଥିଲେ । କଲ୍ୟାଣ ନଗର ଠାରେ ଏସ୍କାଭେଟର ଜରିଆରେ ଦଳ ସଫେଇ କାର୍ଯ୍ୟ ମଧ୍ୟ ବୁଲି ଦେଖିଥିଲେ । ପଦକ୍ଷେପ ସ୍ୱରୂପ ଆବଶ୍ୟକସ୍ଥଳେ ଅଧିକ କର୍ମଚାରୀ ନିୟୋଜିତ କରାଯାଇ ତଥା ମେସିନ ବ୍ୟବହାର କରି ଯୁଦ୍ଧକାଳୀନ ଭିତ୍ତିରେ ଏ ସମସ୍ତ ଅଂଚଳରେ ମୁଖ୍ୟ ସ୍ରୋତ ନାଳ ଏବଂ ଶାଖା ସ୍ରୋତ ନାଳ ଗୁଡ଼ିକ



ସଫେଇ କାର୍ଯ୍ୟ ଉପରେ ରାଜସ୍ୱ ଆୟୁକ୍ତ ଗୁରୁତ୍ୱ ଦେଇଥିଲେ ।

କଟକ ମହାନଗର ନିଗମ ଆୟୁକ୍ତ ଅନାମ ଚରଣ ପାତ୍ରଙ୍କ ସହ ସମସ୍ତ ସ୍ଥିତି ଓ ପଦକ୍ଷେପ ସମ୍ପର୍କରେ ଆଲୋଚନା କରି ବୁଲି ଦେଖିଥିବା ଛୋଟ ବଡ଼ ନାଳ ଗୁଡିକରେ ଭରି ରହିଥିବା ଅଳିଆ ଆବର୍ଜନା ଗୁଡ଼ିକ ତୁରନ୍ତ ସଫେଇ ପାଇଁ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ କଟକ ସହରର ତଳିଆ ଅଞ୍ଚଳ ମାନଙ୍କରେ ଜଳମଗ୍ନ ଓ ନାଳ ନର୍ଦ୍ଦମା ମାନଙ୍କରେ ଜଳ ନିଷ୍କାସନ ସମସ୍ୟାକୁ ଦୂର କରିବା ନିମନ୍ତେ ରାଜସ୍ୱ ଆୟୁକ୍ତ ପରମେଶ୍ୱରମ ଗତ ଶୁକ୍ରବାର ସନ୍ଧ୍ୟାରେ ନିଜ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମହାନଗର ନିଗମର ଅଧିକାରୀ ଓ ଯନ୍ତ୍ରୀ ମାନଙ୍କ ସହ ସମୀକ୍ଷା ବୈଠକ କରିବାପରେ ଆଜି ସ୍ଥିତି ପରଖିବା ପାଇଁ ବିଭିନ୍ନ ଅଞ୍ଚଳର ନାଳ ନର୍ଦ୍ଦମା ପରିଦର୍ଶନ କରିଥିଲେ । ଏହି ପରିଦର୍ଶନ ସମୟରେ ଡେପୁଟି କମିଶନର ଶ୍ୱେତସ୍ମିସ୍ମା ପ୍ରଧାନ, ସହର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସତ୍ୟବ୍ରତ ମହାପାତ୍ର,ନିର୍ବାହୀ ଯନ୍ତ୍ରୀ ସଂଯୁକ୍ତା ସା, ଭରତ ସେଠୀ, ସୁବାସ ସାହୁଙ୍କ ସମେତ ମହାନଗର ନିଗମର ଅନ୍ୟାନ୍ୟ ଯନ୍ତ୍ରୀ, ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

### ପୂଣ୍ୟଶ୍ଳୋକା ଅହିଲ୍ୟାବାଈ ହୋଲକାରଙ୍କ ୩୦୦ ତମ ରାଜ୍ୟ ସ୍ତରୀୟ ଜୟନ୍ତୀ

## ଅହିଲ୍ୟାବାଈ କେବଳ ଶାସକ ନଥିଲେ, ଥିଲେ ସମାଜ ସଂସ୍କାରକ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଅହିଲ୍ୟାବାଈ କେବଳ ଏକ ଶାସକ ନଥିଲେ, ସେ ଥିଲେ ଜଣେ ସମାଜ ସଂସ୍କାରକଛ ତାଙ୍କ ଜୀବନ ଓ କାର୍ଯ୍ୟ ଆମ ପାଇଁ ଏକ ପ୍ରେରଣାର ଉତ୍ସ ଏବଂ ସେ ନାରୀ ଶକ୍ତି, ସୁଶାସନ ଓ ସମାଜ ସେବାର ଏକ ଅନନ୍ୟ ଉଦାହରଣ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ଥାନୀୟ ଜୟଦେବ ଭବନ ଠାରେ ଆୟୋଜିତ ପୂଣ୍ୟଶ୍ଳୋକା ମହାରାଣୀ ଅହିଲ୍ୟାବାଈ ହୋଲକରଙ୍କ ୩୦୦ ତମ ରାଜ୍ୟ ସ୍ତରୀୟ ଜୟନ୍ତୀ ପାଳନ ଅବସରରେ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଅହିଲ୍ୟାବାଈ ହୋଲକାର୍ ଥିଲେ ଜଣେ ଏପରି ନାରୀ, ଯିଏ ନିଜର ନ୍ୟାୟନିଷ୍ଠା, ସାହସ, ଓ ପ୍ରଜା ପ୍ରତି ଅନୁପମ ସମର୍ପଣ ଦ୍ୱାରା ଭାରତୀୟ ଇତିହାସରେ ଅମର ହୋଇ ରହିଛନ୍ତି । ତାଙ୍କ ଜୀବନ ଆମ ପାଇଁ ଏକ ପ୍ରେରଣାର ଉତ୍ସ, ଯାହା ଆଜିର ଓଡ଼ିଶାରେ ମଧ୍ୟ ଆମକୁ ସୁଶାସନ ଓ ସମାଜ କଲ୍ୟାଣର ପଥ ଦେଖାଇଥାଏଛ ଅହିଲ୍ୟାବାଈଙ୍କ ଜୀବନ ଆମ ଓଡ଼ିଶାବାସୀଙ୍କ ପାଇଁ ଏକ ବଡ଼ ପ୍ରେରଣା । ଆମ ରାଜ୍ୟରେ ମଧ୍ୟ ନାରୀ ଶକ୍ତିର ଅନେକ ଉଦାହରଣ ରହିଛି । ଅହିଲ୍ୟାବାଈଙ୍କ ପରି ଆମେ ମଧ୍ୟ ଆମର ସମାଜରେ ନ୍ୟାୟ, ଶିକ୍ଷା, ଓ ସମାନତାକୁ ପ୍ରୋତ୍ସାହନ ଦେବା



ଆବଶ୍ୟକ । ଆମ ରାଜ୍ୟ ସରକାର ମଧ୍ୟ ମାଆ ମାନଙ୍କ ସଶକ୍ତିକରଣ ପାଇଁ ସୁଭଦ୍ରା ଯୋଜନା ଭଳି ଏକ ଯୁଗାନ୍ତକାରୀ ଯୋଜନାର ରୂପାୟନ କରିଛନ୍ତି । ଯାହା ମହିଳା ମାନଙ୍କୁ, ଆର୍ଥିକ, ସାମାଜିକ ଓ ଆତ୍ମନିର୍ଭରଶୀଳ ହୋଇ ପ୍ରଗତି ପଥରେ ଆଗେଇବା ପାଇଁ ସହଯୋଗ କରୁଛି । ଏବେ ଯଦି ଆମେ ବର୍ତ୍ତମାନର ଶାସନ ବ୍ୟବସ୍ଥା ଦିଗକୁ ଦେଖିବାକୁ ଯାଉ, ତେବେ ଆମେ ଦେଖୁଛୁ ଯେ ଅନେକ ରାଜ୍ୟ ସରକାର ଅହିଲ୍ୟାବାଈଙ୍କ ଆଦର୍ଶରୁ ପ୍ରେରଣା ନେଇଛନ୍ତି । ଆଜିର ସରକାର ଗ୍ରାମୀଣ ବିକାଶ, ନାରୀ ସଶକ୍ତିକରଣ, ଶିକ୍ଷା ଓ ସ୍ୱାସ୍ଥ୍ୟରେ ଯେଉଁପରି ଗୁରୁତ୍ୱ ଦେଉଛନ୍ତି, ତାହା ଅହଲ୍ୟାବାଈଙ୍କ ଦୃଷ୍ଟିଭଙ୍ଗୀ ସହିତ ସମନ୍ୱୟ ରଖେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ସେ କହିଥିଲେ ଯେ, ଅହିଲ୍ୟାବାଈଙ୍କ ଜୀବନରୁ ପ୍ରେରଣା ନେଇ ଆମେ ଆମର ସମାଜକୁ ଆହୁରି ସୁଦୃଢ଼ ଓ ସମୃଦ୍ଧ କରିବା ପାଇଁ ପ୍ରତିଜ୍ଞାବଦ୍ଧ । ଆଜି ଯେତେବେଳେ ଦେଶ ଏକ ସଙ୍କଟମୟ ପରିସ୍ଥିତି ଦେଇ ଗତି କରୁଛି, ପୁନର୍ବାର ଦେଶର ନାରୀଶକ୍ତି ଏ ଲଢେଇର ନେତୃତ୍ୱ ନେଇଛନ୍ତି । ଦୁଇ ଦିନ ତଳେ ରକ୍ଷାମନ୍ତ୍ରୀ ମାନନୀୟ ରଜନାଥ ସିଂ ଜୀ ଦେଶବାସୀଙ୍କୁ ଜଣାଇ ଥିଲେ କିପରି ନାରୀଶକ୍ତି ଅପରେସନ ସିନ୍ଦୁରର ଗୁରୁଦାୟିତ୍ୱ ସମ୍ଭାଳି ଥିଲେ । ମୁଖ୍ୟମନ୍ତ୍ରୀ ପରିଶେଷରେ କହିଥିଲେ ଅପରେସନ ସିନ୍ଦୁର କେବଳ ଏକ ସାମରିକ କାର୍ଯ୍ୟାନୁଷ୍ଠାନର 'ନାମ' ନୁହେଁ । ଏହା ହେଉଛି ନାରୀଶକ୍ତିର ପ୍ରତୀକ । କିଛି ଦିନ ତଳେ ଓଡିଶାର ଗଣପର୍ବ 'ସାବିତ୍ରୀ ଓଷା' ପାଳିତ ହୋଇଥିଲାଛ ସିନ୍ଦୁର ପାଇଁ ସତୀ ସାବିତ୍ରୀ ମୃତ୍ୟୁର ଦେବତା ଯମରାଜଙ୍କ ସହିତ ଲଢେଇ କରିଥିଲେ । ଆଜି ସେହି ସିନ୍ଦୁରର ମାନ ମର୍ଯ୍ୟାଦା ରଖିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ବଜ୍ର ଶପଥ ନେଇଛନ୍ତି ।

କାର୍ଯ୍ୟକ୍ରମରେ ଯୋଗଦେଇ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ଅହିଲ୍ୟାବାଈ ହୋଲକରଙ୍କୁ ନ୍ୟାୟନିଷ୍ଠା, ସାହସିକତାର ପ୍ରତୀକ ବୋଲି କହିବା ସହିତ, ଅହିଲ୍ୟାବାଈଙ୍କ ଜୀବନ ସମସ୍ତଙ୍କ ପାଇଁ ଏକ ପ୍ରେରଣାର ଉତ୍ସବୋଲି କହିଥିଲେ । ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା କହିଥିଲେ ଯେ, ଅହିଲ୍ୟାବାଈଙ୍କ ଆଦର୍ଶକୁ ଅନୁସରଣ କରି ଆମେ ଓଡ଼ିଶାରେ ସୁଶାସନ, ଶିକ୍ଷା, ଓ ମହିଳା ସଶକ୍ତିକରଣରେ ନୂତନ ଦିଗନ୍ତ ସୃଷ୍ଟି କରିପାରିବା । ଭାଷା, ସାହିତ୍ୟ, ସଂସ୍କୃତି ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଅହିଲ୍ୟାବାଈଙ୍କୁ ଆଜିର ସମାଜ ପାଇଁ ଆଲୋକ ବର୍ତ୍ତିକା ବୋଲି କହିଥିଲେ ଏବଂ କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ଶ୍ରୀମତୀ ସରୋଜ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ଅତିଥି ମାନେ ଅହିଲ୍ୟାବାଈଙ୍କ ଜୀବନି ଉପରେ ଆଧାରିତ ଏକ ଓଡ଼ିଆ ପୁସ୍ତକ କର୍ମଯୋଗିନୀ ପୂଣ୍ୟଶ୍ଳୋକା ଅହିଲ୍ୟାବାଈ ହୋଲକାର ଉନ୍ମୋଚନ କରିଥିଲେ । ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ, ଡ. କୃଷ୍ଣଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମାଜସେବୀ ଶ୍ରୀମତୀ ପ୍ରଜ୍ଞାପ୍ରିୟଦର୍ଶିନୀ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ଉଷାକୋଠି ଅଭୟାରଣ୍ୟର ସୁରକ୍ଷା ସହ ବିକାଶ ନେଇ ହେବ ଯୋଜନା : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ସମ୍ବଲପୁର ଜମନକିରା ବ୍ଲକ ବଡ଼ରମା ସ୍ଥିତ ଉଷାକୋଠି ଅଭୟାରଣ୍ୟ ପରିଦର୍ଶନ କରିବା ସହ ଏହାର ସୁରକ୍ଷା ଏବଂ ବିକାଶ ନେଇ ଜିଲ୍ଲା ପ୍ରଶାସନିକ ଅଧିକାରୀ ଏବଂ ବନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି ।



କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏହି ଗସ୍ତ କାଳରେ ଅଭୟାରଣ୍ୟରେ ଥିବା ନିରୀକ୍ଷଣ ଅଟ୍ଟାଳିକା ଓ ବଡରମା ଠାରେ ଶିକାରୀ ନିରୋଧ ତନଖି ଫାଟକ ଓ ତନଖି ଗୃହ ସହିତ ପର୍ଯ୍ୟଟକ ସୁବିଧା କେନ୍ଦ୍ର ପରିଦର୍ଶନ କରିଥିଲେ । ଏଠାରେ ଥିବା ସମସ୍ୟା ଓ ସମ୍ଭାବନା ନେଇ ଜିଲ୍ଲା ପ୍ରଶାସନିକ ଅଧିକାରୀ ଏବଂ ବନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ସେ କହିଥିଲେ, ବାମରା ବନ୍ୟପ୍ରାଣୀ ବନଖଣ୍ଡ ବଡରମା ବନାଞ୍ଚଳ ଅଧୀନ ଏହି ଅଭୟାରଣ୍ୟରେ ଅନେକ ବନ୍ୟଜନ୍ତୁ ଥିବାବେଳେ ଅନେକ ମୂଲ୍ୟବାନ ବୃକ୍ଷ ସମୂହ ବହୁପରିମାଣରେ ରହିଛି । ଜଙ୍ଗଲ, ଝରଣା, ସବୁଜିମାରେ ପରିପୂର୍ଣ୍ଣ ଏହି ଅଭୟାରଣ୍ୟ ପ୍ରକୃତିପ୍ରେମୀ ତଥା ପର୍ଯ୍ୟଟକଙ୍କ ପାଇଁ ଏକ ଆକର୍ଷଣୀୟ ସ୍ଥାନରେ ପରିଣତ ହୋଇଛି । ନିରୀକ୍ଷଣ ଅଟ୍ଟାଳିକା ମାଧ୍ୟମରେ ପର୍ଯ୍ୟଟକମାନଙ୍କ ପାଇଁ ନିରାପଦରେ ବନ୍ୟଜନ୍ତୁ ଦେଖିବା ସହିତ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବାର ଏକ ଭଲ ବ୍ୟବସ୍ଥା ରହିଛି । ପର୍ଯ୍ୟଟନ ଆମର ସମ୍ପଦ । ଏହି ଅଭୟାରଣ୍ୟର ସୁରକ୍ଷା, ଅବାଧ ଶିକାରକୁ ରୋକିବା, ପର୍ଯ୍ୟଟକଙ୍କ ସୁବିଧା ବଢାଇବା ପାଇଁ ଡବଲ ଇଞ୍ଜିନ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି । ଉଷାକୋଠି ଅଭୟାରଣ୍ୟର ବିକାଶ ନେଇ ରାଜ୍ୟ ସରକାରଙ୍କ ପ୍ରସ୍ତାବ ଅନୁସାରେ କେନ୍ଦ୍ର ସରକାର ସହଯୋଗୀ ହେବେ ବୋଲି ସେ କହିଛନ୍ତି ।

ଉଷାକୋଠି ଅଭୟାରଣ୍ୟରେ ଥିବା କୁତବ ଗ୍ରାମର ସ୍ଥାନୀୟ ଲୋକମାନଙ୍କୁ ଭେଟି ସେମାନଙ୍କର ସମସ୍ୟା ବିଷୟରେ ଆଲୋଚନା କରିଥିଲେ କେନ୍ଦ୍ରମନ୍ତ୍ରୀ । ସେ କହିଥିଲେ ଏହି ଅଞ୍ଚଳରେ ଜଙ୍ଗଲ ବିଭାଗ ନିୟମ ପାଇଁ ରାସ୍ତା ହୋଇପାରିନଥିବା ବେଳେ କିପରି ନୀତିଦିନିଆ ରାସ୍ତା ତିଆରି କରାଯିବ, ତାହାର ବ୍ୟବସ୍ଥା କରାଯିବ । ପିଲାମାନଙ୍କୁ ଶିକ୍ଷା ସହ ଲୋକମାନଙ୍କ ସ୍ୱାସ୍ଥ୍ୟସେବା, ପାନୀୟ ଜଳ, ଗମନାଗମନ ଏବଂ ଆନୁଷଙ୍ଗିକ ମୌଳିକ ବ୍ୟବସ୍ଥା ଯୋଗାଇ ଦେବା ନେଇ ଯୋଜନା କରିବା ଉପରେ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ହୋଇଛି । ଏହି ଅଞ୍ଚଳରେ ଲୋକଙ୍କ ପାଇଁ ଆମ୍ବୁଲାନ୍ସର ବ୍ୟବସ୍ଥା କରିବା ପାଇଁ ମଧ୍ୟ ସେ ବନବିଭାଗକୁ ପରାମର୍ଶ ଦେଇଥିଲେ । ଅଭୟାରଣ୍ୟ ପରିସରରେ ଥିବା ଲୋକଙ୍କୁ ଉପଯୁକ୍ତ ସୁବିଧା ଯୋଗାଇବା ସହ ସେମାନଙ୍କର ସାମଗ୍ରିକ ବିକାଶ ପାଇଁ ଆମ ସରକାର ବଦ୍ଧ ପରିକର ।

### ସୁରଜମଲ୍ ସାହା ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା

ପୁରୀ (ସବ୍ୟୁ): ଦୀର୍ଘ ୩୬ ବର୍ଷ ଧରି ଅଧ୍ୟାପକ ଭାବରେ ଦାୟିତ୍ୱ ନିର୍ବାହ କରିବା ପରେ ଆଜି ସରକାରୀ ଚାକିରୁ ଅବସର ଗ୍ରହଣ କରିଛନ୍ତି ପୁରୀ ସୁରଜମଲ୍ଲ ସାହା ମହାବିଦ୍ୟାଳୟର ଅଧ୍ୟକ୍ଷ ବ୍ରହ୍ମାନନ୍ଦ ସାହୁ । ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଆଜି ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ ହୋଇ ଥିଲା । ପ୍ରଧାପିକା ସୁଜାତା ବେହେରାଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଆୟୋଜନ ହୋଇ ଥିଲା । ସଭାରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ରହି ଶ୍ରୀ ସାହୁଙ୍କର ଉତ୍ତମ କାର୍ଯ୍ୟଶୈଳୀ ଓ କାର୍ଯ୍ୟଦକ୍ଷତା ଉପରେ ଆଲୋକପାତ କରିଥିଲେ । ଶ୍ରୀ ସାହୁଙ୍କର ଅଳ୍ପ ଦିନର ଶିକ୍ଷା ଦାନ ସେବା, ନିଷ୍ଠା ଓ ନେତୃତ୍ୱ ମହାବିଦ୍ୟାଳୟର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ତାଙ୍କର ଶିକ୍ଷାନୁଷ୍ଠାନ ପ୍ରତି ଅଦମ୍ୟ ମମତା ଓ ଦୃଢ଼ ସଙ୍କଳ୍ପ ସଦା ସ୍ମରଣୀୟ ରହିବ ବୋଲି ଉତ୍ସବ୍ୟରେ ଉପସ୍ଥିତ ଥିବା ଅଧ୍ୟାପକ ଓ ଅଧ୍ୟାପିକା ମାନେ କହିଥିଲେ ।

## ସୋଆ ଏସ୍ଏଚ୍ଏମ୍ ରେ ଅମୁଲ୍ କୁକିଙ୍ଗ ପ୍ରତିଯୋଗିତା

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ୍ ମ୍ୟାନେଜମେଂଟ (ଏସ୍ଏଚ୍ଏମ୍ )ରେ ଏସ୍ଏଚ୍ଏମ୍, ଅମୁଲ୍ ଇଣ୍ଡିଆ ଓ ୱାର୍ଲ୍ଡ ଟ୍ରେଡ୍ ସେଂଟର (ଡବ୍ଲ୍ୟୁଟିସି) ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଅମୁଲ୍ କୁକିଙ୍ଗ – ୨୦୨୫ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ବର୍ଗର କର୍ମଜୀବି ମହିଳା, ଗୃହଣୀ, ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ମଧ୍ୟରୁ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ରୋଷେଇ ପ୍ରତି ରୁଚି ରଖିଥିବା ପ୍ରତିଭା ଓ ଦକ୍ଷତାକୁ ଉତ୍ସାହିତ କରିବା ନିମନ୍ତେ ଏହି ରୋଷେଇ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। 'ଫ୍ରମ ଟେବୁଲ ଟୁ ଟ୍ରେଡ୍' ପ୍ରସଙ୍ଗ ରହିଥିବା ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନେ ଅମୁଲ୍ର ଯେକୌଣସି ଉତ୍ପାଦକୁ ବ୍ୟବହାର କରି ସୁସ୍ୱାଦ୍ୟ ବ୍ୟନ ପ୍ରସ୍ତୁତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍ପିଏଆର୍ସି ପ୍ରାଇଭେଟ୍ ଲିମିଟେଡ୍ର କର୍ପୋରେଟ୍ ଆଫେୟାର୍ସ ମୁଖ୍ୟ ଶ୍ରୀମତି ଶୁଭ୍ରା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ଡବ୍ଲ୍ୟୁଟିସି ଭୁବନେଶ୍ୱର ମହିଳା ଫୋରମର ପରାମର୍ଶଦାତା ଡକ୍ଟର ରିନା ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସେହିପରି ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅମୁଲ୍ ଇଣ୍ଡିଆର ଭୁବନେଶ୍ୱର ଜୋନର ଜୋନାଲ ଇନ୍ଚାର୍ଜ ବିଶ୍ୱଜିତ୍ କୁମାର ଯୋଗ ଦେଇ ଏଭଳି ସ୍ୱତନ୍ତ୍ର ପ୍ରୟାସ ଦ୍ୱାରା ମହିଳାମାନେ ବେଶ ଉପକୃତ





ହୋଇପାରିବେ ବୋଲି କହିଥିଲେ । ସୋଆ ଏସ୍ଏଚଏମ୍ର ଡିନ୍ ପ୍ରଫେସର ସୁଶାନ୍ତ ରଂଜନ ଚଇନି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଡବ୍ଲ୍ୟୁଟିସି ଭୁବନେଶ୍ୱର ମହିଳା ଫୋରମର ସଂଯୋଜକ ଶ୍ରୀମତି ଜ୍ୟୋତ୍ସ୍ନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ୨୦୨୪ – ୨୫ ଅଲିମ୍ପିଆଡ୍ ପୁରସ୍କାରରେ କଟକ ଛାତ୍ରଛାତ୍ରୀଙ୍କ ସଫଳତା

ଭୁବନେଶ୍ୱର (ସବ୍ୟୁ): ୨୦୨୪–୨୫ ବର୍ଷ ପାଇଁ ଏସ୍ଓଏଫ୍ ଅଲିମ୍ପିଆଡ୍ ପରୀକ୍ଷାରେ କଟକର ତିନିଜଣ ଛାତ୍ର ଶୀର୍ଷସ୍ଥାନ ହାସଲ କରିଛନ୍ତି । ଦିଲ୍ଲୀ ପବ୍ଲିକ୍ ସ୍କୁଲ କଳିଙ୍ଗର ଆରଷ କୁମାର ସାହୁ ଅନ୍ତର୍ଜାତୀୟ ଗଣିତ ଅଲିମ୍ପିଆଡରେ ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣ ପଦକ ଏବଂ ଯୋଗ୍ୟତା ପ୍ରମାଣପତ୍ର ହାସଲ କରିଛନ୍ତି । ଦିଲ୍ଲୀ ପବ୍ଲିକ୍ ସ୍କୁଲ କଳିଙ୍ଗର ବୈଭବ ମିଶ୍ର ମଧ୍ୟ





ଅନ୍ତର୍ଜାତୀୟ ଗଣିତ ଅଲିମ୍ପିଆଡରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ଏବଂ ଯୋଗ୍ୟତା ପ୍ରମାଣପତ୍ର ପାଇଛନ୍ତି । କଳିଙ୍ଗ ଇଂରାଜୀ ମାଧ୍ୟମ ବିଦ୍ୟାୟାଳୟର ରୁଷଙ୍କ ରୁଦ୍ରାକ୍ଷ ମଧ୍ୟ ଜାତୀୟ ବିଜ୍ଞାନ ଅଲିମ୍ପିଆଡରେ ତୃତୀୟ ସ୍ଥାନ ଅଧିକାର କରି ମେରିଟ୍ ସାର୍ଟିଫିକେଟ ସହିତ କାଂସ୍ୟ ପଦକ ହାସଲ କରିଛନ୍ତି । ୨୦୨୪–୨୫ ଶିକ୍ଷାବର୍ଷର ଅନ୍ତର୍ଜାତୀୟ ଅଲିମ୍ପିଆଡ୍ ବିଜେତା ଏବଂ ଶିକ୍ଷକମାନଙ୍କୁ ସମ୍ମାନିତ କରିବା ପାଇଁ ଏସ୍ଓଏଫ୍ ଦିଲ୍ଲୀର ଡକ୍ଟର ଆମ୍ବେଦକର ଅନ୍ତର୍ଜାତୀୟ କେନ୍ଦ୍ରରେ ଏକ ସମ୍ବର୍ଦ୍ଧନା ସମାରରାହର ଆୟୋଜନ କରାଯାଇଥିଲା । ଏହି ଉତ୍ସବରେ ମୋଟ ୭୫୦ ଜଣ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଯୋଗ ଦେଇଥିଲେ । ଏହିଅବସରରର ମୁଖ୍ୟ ଅତିଥି ଭାବରେ ନ୍ୟାୟ ମୂର୍ତ୍ତି ଜେ.ଜେ ମାହେଶ୍ୱରୀ ଯୋଗ ଦେଇଥିଲେ ।

### ନାବାଳିକକୁ ଅସଦାଚରଣ ଯୁବକ କୋର୍ଟ ଚାଲାଣ

ବାଲିପାଟଣା ,(ସବ୍ୟୁ) :ନାବାଳିକାକୁ ଅସଦାଚରଣ ଅଭିଯୋଗରେ ବାଲିପାଟଣା ପୋଲିସ ଜଣେ ବ୍ୟକ୍ତିଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି।ଅଭିଯୁକ୍ତର ନାମ ସାଜିଦ ଖାଁ।ଏହି ଘଟଣାର କେଶ ନମ୍ବର ୨୪୯/ ୨୫।ସୂଚନା ଅନୁସାରେ ବାଲିପାଟଣା ଅଂଚଳର ଜଣେ ନାବାଳିକା ଟିଉସନ ସାରି ଶୁକ୍ରବାର ରାତି ୮ ଟା ବେଳେ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ନାବାଳିକାକୁ ଟଣା ଓଟରା କରିଥିବା ଅସଦାଚରଣ ପାଇଁ ଚେଷ୍ଟା କରିଥିଲେ। ଝିଅ ଘରକୁ ଆସି କହିବା ପରେ ତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ପାଥେୟ କରି ଶନିବାର ଦିନ ତା ଭଡାଘରୁ ଗିରଫ କରି କୋର୍ଟ ଚାଲାଣ କରିଛି। ଉକ୍ତ ବ୍ୟକ୍ତି ଭୁବନେଶ୍ୱରର ବୋଲି ଜଣାପଡିଛି। ନାବାଳିକାର ଘର ପାଖରେ ଭଡାରେ ରହି ଅଭିଯୁକ୍ତ ମିସ୍ତ୍ରୀ କାମ କରୁଥିଲେ।

### ଚନ୍ଦନ ବେହେରା ହତ୍ୟା ମାମଲା

## ୩ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

ପୁରୀ (ସବ୍ୟୁ): ୨୦୧୭ ମସିହାରେ ପୁରୀ ଏଡିଜେମ କୋର୍ଟ ନିକଟରେ ଘଟି ଥିବା ଆଇନଜୀବି ଚନ୍ଦନ ବେହେରା ହତ୍ୟା ମାମଲା ଫଏସଲା ହୋଇ ରାୟ ଶନିବାର ପ୍ରକାଶ ପାଇଛି । ଦୀର୍ଘ ଆଠ ବର୍ଷ ଧରି ଏହି ମାମଲା କୋର୍ଟରେ ବିଚାରଧିନ ଥିଲା । କୋର୍ଟ ମୋଟ ନଅ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ କୋର୍ଟ ତିନି ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶରେ ଦଣ୍ଡିତ କରିବା ସହ ଦଶ ହଜାର ଟଙ୍କା ଲେଖାଏଁ ଆର୍ଥିକ ଜରିମାନା କରିଛନ୍ତି । ସାକ୍ଷ୍ୟ ପ୍ରମାଣ ଅଭାବରୁ କୋର୍ଟ ଅନ୍ୟ ୬ ଜଣ ଅଭିଯୁକ୍ତଙ୍କୁ ଖଲାସ କରିଛନ୍ତି । ଏହି ରାୟ ଶୁଣାଇଛନ୍ତି ପ୍ରଥମ ଶ୍ରେଣୀ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସୈକତ ପାତ୍ର ।

ମୋଟ ୨୬ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି କୋର୍ଟ ଏହି ଦଣ୍ଡାଦେଶ ଘୋଷଣା କରିଛନ୍ତି । ହତ୍ୟା ଅଭିଯୋଗରେ ଦଣ୍ଡିତ ହୋଇ ଥିବା ଅଭିଯୁକ୍ତମାନଙ୍କ ପରିଚୟ ହେଲା କୁମ୍ଭାରପଡ଼ା ଥାନା ଅଧିନ ନରେନ୍ଦ୍ର କୋଣ ବ୍ରହ୍ମଜାଗାର କପିଳ ଓରଫ କପିଳାସ ଭୋଇ(୩୦), ରେଡକ୍ରସ ରୋଡ ଟିକନ୍ ଜଗଦେବ ବଗିଚାରେ ରହୁ ଥିବା ଜଗା ଓରଫ ବାସୁଦେବ ଭଞ୍ଜ (୨୭), ପୁରୀ ସଦର ଥାନା ଅଧୀନ ଖଣ୍ଡିଆବନ୍ଧ ବାରବାଟିର ବରଜୁ ଓରଫ ବ୍ରଜ କିଶୋର ଭୋଇ(୩୦) । ଗତ ୨୦୧୭ ଜାନୁଆରି ମାସ ୮ ତାରିଖ ସନ୍ଧ୍ୟା ବେଳେ ପୁରୀ ଏସଡିଜେମ୍ କୋର୍ଟ ନିକଟରେ ଚନ୍ଦନ ବେହେରା ନାମକ ଜଣେ ଆଇନଜିବୀଙ୍କୁ କେତେକ ଅଭିଯୁକ୍ତ ବିଭିନ୍ନ ମାରଣାସ୍ତ୍ରରେ ଅତି ନିର୍ମମ ଭାବେ ହତ୍ୟା କରି ଥିଲେ । ଚନ୍ଦନଙ୍କ ଶରୀରର ମୁଣ୍ଡ, ଗୋଡ଼, ହାତ ଓ ପିଠି ସମେତ ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇ ପ୍ରଚୁର ରକ୍ତ ସ୍ରାବ ହୋଇ ଥିଲା ।

ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟି ଥିଲାଛ ଏନେଇ କୃଷ୍ଣ ଚନ୍ଦ୍ର ପ୍ରଧାନ ନାମକ ଜଣେ ବ୍ୟକ୍ତି ଟାଉନ ଥାନାରେ ଏତଲା ଦେଇ ଥିଲେ । କୃଷ୍ଣଙ୍କ ଅଭିଯୋଗ କ୍ରମେ ଟାଉନ ଥାନା ପୋଲିସ କେଶ ନମ୍ବର ୦୩/ ୨୦୧୭ କ୍ରମେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଥିଲା । ଏହା ଏକ ସମ୍ବେଦନଶିଳ ଘଟଣା ହୋଇ ଥିବାରୁ ତତ୍କାଳୀନ ଟାଉନ ଥାନା ଆଇଆଇସି ଦୟାନିଧି ନାୟକ ଖୋଦ୍ ନିଜେ ତଦନ୍ତ ଭାର ଗ୍ରହଣ କରି ଥିଲେ । ତଦନ୍ତ ସମୟରେ ପୋଲିସ ଚନ୍ଦନଙ୍କ ପତ୍ନୀଙ୍କ ସମେତ ୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । କିଛି ଦିନ ପରେ ଅଭିଯୁକ୍ତମାନେ କୋର୍ଟରୁ ଜାମିନରେ ଆସି ଥିଲେ । ତଦନ୍ତ ପରେ ପୋଲିସ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କୋର୍ଟରେ ଚାର୍ଜ ସିଟ ଦାଖଲ କରି ଥିଲା । ଏହି ହତ୍ୟା ମାମଲାର ତଦନ୍ତ ଇନ୍ସପେକ୍ଟର ଶ୍ରୀ ନାୟକ କରି ଥିବା ବେଳେ ସୁପରଭିଜନ ତତକାଳୀନ ଅତିରିକ୍ତ ଏସପି ଜଗନ୍ନାଥ ପ୍ରଧାନ କରିଥିଲେ । ଶନିବାର ଏହି ମାମଲା ବିଚାରରେ ପୂର୍ଣ୍ଣଚ୍ଛେଦ ପଡ଼ିଛି । ଏହି ରାୟ ପ୍ରକାଶ ପାଇବା ପରେ ବିଭିନ୍ନ ବୁଦ୍ଧିଜିବୀ ମହଲରେ ତଦନ୍ତ କାରି ଅଧିକାରୀ ଦୟା ନିଧି ନାୟକଙ୍କ ତଦନ୍ତକୁ ପ୍ରଶଂସା କରାଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଏପିପି ସତ୍ୟ ନାରାୟଣ ତ୍ରୀପାଠୀ ମୋକଦ୍ଦମା ପରିଚାଳନା କରି ଥିବା ବେଳେ ସରକାରୀ ଅଶୋକ କୁମାର ମଲ୍ଲିକ ସହଯୋଗ କରି ଥିଲେ ।

### ଡାକ୍ତର ଦୁର୍ବାଦଳ ମିଶ୍ର ହତ୍ୟା ମାମଲା

## ଦୁଇ ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶ

ସୋନପୁର,(ସବ୍ୟୁ): ବହୁ ଚର୍ଚ୍ଚିତ ସୁବର୍ଣ୍ଣପୁର ଏଡିଏମଓ ତଥା ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଦୁର୍ବାଦଳ ମିଶ୍ର ହତ୍ୟା ମାମଲାର ରାୟ ଶନିବାର ପ୍ରକାଶ ପାଇଛି । ଦୀର୍ଘ ୧୧ ବର୍ଷ ପରେ ମାମଲାର ରାୟ ଶୁଣାଇଲେ ସୁବର୍ଣ୍ଣପୁର ଏଡିଜେ କୋର୍ଟ। ଦୁଇ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୨୫ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍।

୨୦୧୪ ମସିହା ନଭେମ୍ବର ୨୧ ତାରିଖ ରାତି ପ୍ରାୟ ୯ଟାରେ ସୁବର୍ଣ୍ଣପୁରର ଶିଶୁରୋଗ ବିଶେଷଜ୍ଞ ତଥା ଏଡିଏମ୍ଓ ଡା. ଦୁର୍ବାଦଳ ମିଶ୍ରଙ୍କୁ ତାଙ୍କ ଘର ଆଗରେ ଅତି ନିର୍ମମ ଭାବେ ହତ୍ୟା କରିଥିଲେ ଦୁର୍ବୃତ୍ତ। ଏହି ମାମଲାରେ ତଦନ୍ତ କରି ୩ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିଲା । ଶନିବାର ଏହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ୨ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୨୫



ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ଅଭିଯୁକ୍ତ ଦ୍ୱୟ ହେଲେ ପ୍ରତ୍ୟୁଷ ପଣ୍ଡା (ବବୁଲୁ) ଓ ଅଶୋକ ସାହୁ। ଏହି ଘଟଣାରେ ଆଉ ଜଣେ ନାବାଳକ ଅଭିଯୁକ୍ତ ରହିଛନ୍ତି। ଯାହାଙ୍କର ଜୁଭେନାଇଲ ଟ୍ରାଏଲ ଚାଲିଛି। ଏହି ଚର୍ଚ୍ଚିତ ଘଟଣାରେ ସରକାରୀ ଓକିଲ ଭାବେ କହ୍ନେୟା ଲାଲ ପ୍ରଧାନ ମାମଲା ପରିଚାଳନା କରୁଥିଲେ। ଏହି ମାମଲାରେ କୋର୍ଟ ସରକାରୀ ଓକିଲଙ୍କ ପକ୍ଷରୁ ୨୬ ଏବଂ ପ୍ରତିପକ୍ଷ ପକ୍ଷରୁ ୩ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ରେକର୍ଡ କରିଥିଲେ। ସାକ୍ଷ୍ୟ ପ୍ରମାଣ ଏବଂ ପାରିପାର୍ଶ୍ୱିକ ପରିସ୍ଥିତିକୁ ତର୍ଜମା କରି ଏଡିଜେ କୋର୍ଟ ରାୟ ଶୁଣାଇଛନ୍ତି। ବହୁ ଚର୍ଚ୍ଚିତ ସୁବର୍ଣ୍ଣପୁର ଏଡିଏମଓ ତଥା ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଦୁର୍ବାଦଳ ମିଶ୍ର ହତ୍ୟା ମାମଲାରେ ପ୍ରକାଶ ପାଇଲା ରାୟ। ଦୀର୍ଘ ୧୧ ବର୍ଷ ପରେ ମାମଲାର ରାୟ ଶୁଣାଇଲେ ସୁବର୍ଣ୍ଣପୁର ଏଡିଜେ କୋର୍ଟ।

### ପ୍ରଧାନଶିକ୍ଷକ ସରୋଜ ଦାଶଙ୍କୁ ଝୁରୁଛି କଣ୍ଟାବାଡ଼

## ସ୍କୁଲ କମିଟି, ଶିକ୍ଷକ, ଛାତ୍ରଛାତ୍ରୀ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର, (ସବ୍ୟୁ) : କଣ୍ଟାବାଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜ କୁମାର ଦାଶଙ୍କୁ ଝୁରୁଛନ୍ତି କଣ୍ଟାବାଡ଼ବାସୀ । ଦୀର୍ଘ ୧୭ ବର୍ଷ ଚାକିରି ଜୀବନ କାଳରେ ସେ ଛାତ୍ରଛାତ୍ରୀଙ୍କୁ ଉଚିତ୍ ଶିକ୍ଷାଦାନ ଯୋଗୁ ଅନେକ ଭଲ ମଣିଷ ହୋଇପାରିଛନ୍ତି । ଶନିବାର ତାଙ୍କୁ କଣ୍ଟାବାଡ଼ ସ୍କୁଲ କମିଟି ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଶ୍ରୀ ଦାଶ ୨୦୦୮ରୁ ଶିକ୍ଷକତା ଆରମ୍ଭ କରିଥିଲେ. ତେବେ ସେ ୨୦୨୨ ରେ କଣ୍ଟାବାଡ଼ ସରକାରୀ ଉଚ୍ଚ ପ୍ରାଥମିକ



ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ରହିଥିଲେ । ସେ ଜଣେ ସ୍ନେହୀ ଓ ମିଷ୍ଟଭାଷୀ ମଣିଷ । ୨୦୨୫ ମେ ୩୧ ତାରିଖ ବିଦ୍ୟାଳୟରେ ତାଙ୍କ ପାଇଁ ଶେଷ ଦିନ ଥିଲା । ଏହି ସମୟରେ ଶ୍ରୀ ଦାଶ ଭାବବିହ୍ୱଳ ହୋଇଯାଇଥିଲେ । ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ମୋ ସ୍କୁଲ୍ ସଭାପତି ନଗେନ୍ କୁମାର ସିଂହ, କଣ୍ଟାବାଡ଼ ପୂର୍ବତନ ସରପଞ୍ଚ ଭାବଗ୍ରାହୀ ସାହୁ, ଏସ୍ଏମସି ଅଧ୍ୟକ୍ଷ ସୁକାନ୍ତ ବାଘସିଂହ ଓ ସଦସ୍ୟ/ ସଦସ୍ୟା ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

### ସାମ୍ବାଦିକଙ୍କୁ ହାତଗୋଡ଼ ବାନ୍ଧି ଆକ୍ରମଣ ମାମଲା

## ସମସ୍ତ ଅଭିଯୁକ୍ତଙ୍କୁ ଜାମିନ

ବଲାଙ୍ଗିର,(ସବ୍ୟୁ) : ବଲାଙ୍ଗିରରେ କାର୍ଯ୍ୟରତ ସାମ୍ବାଦିକ ବିଜୟ ପ୍ରଧାନଙ୍କୁ ଗାଁ ମଝିରେ ବାନ୍ଧି ମାଡ଼ ମାରିବା ଘଟଣା ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଥିଲା। ୫ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଆନ୍ଦୋଳନ ହେଇଥିଲା। କିଛି ଦିନ ଭିତରେ ସବୁ ଅଭିଯୁକ୍ତ ଗିରଫ ହେଲେ। ମୁଖ୍ୟ ଅଭିଯୁକ୍ତ ଠିକାଦାର ଗଜେନ୍ଦ୍ର ଦଲେଇ ମଧ୍ୟ ଗିରଫ ହେଲା। ବଲାଙ୍ଗିର ଏସଡ଼ିଜେଏମ କୋର୍ଟରୁ ଶନିବାର ସମସ୍ତ ଅଭିଯୁକ୍ତଙ୍କୁ ଜାମିନ ମିଳିଛ ।

ମୁଖ୍ୟ ଅଭିଯୁକ୍ତ ଗଜେନ୍ଦ୍ର ସମେତ ଅନ୍ୟ ଅଭିଯୁକ୍ତ କୁଲଥିପାଲି ଗାଁର ଅବିନାଶ ଦଲେଇ, ଗୁମର ନାଏକ ଓ ବଲାଙ୍ଗୀର ବରପାଲିପଡ଼ାର ଆଦିତ୍ୟ ଜେନା ଜାମିନ ପାଇଛନ୍ତି । ଅନ୍ୟପକ୍ଷରେ, ଏହି ମାମଲାରେ ଜାତୀୟ ମାନବାଧିକାର ଆୟୋଗ ନିଜ ପଟୁ ଶୁକ୍ରବାର ମାମଲା ରୁଜୁ କରିଛନ୍ତି। ଦୁଇ ସପ୍ତାହ ଭିତରେ ରିପୋର୍ଟ ଦେବାକୁ ପୁଲିସ୍ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୨୩ ତାରିଖ ସାମ୍ବାଦିକ ବିଜୟ ପ୍ରଧାନ ଖବର ସଂଗ୍ରହ କରିବାକୁ କୁଲଥିପାଲି ଗାଁକୁ ଯାଇଥିବାବେଳେ ଗଜେନ୍ଦ୍ରର ଇଙ୍ଗିତରେ ତାଙ୍କୁ ଆକ୍ରମଣ ହୋଇଥିଲା। ଏପରିକି ତାଙ୍କ ହାତବାନ୍ଧି ଗାଁ ମଝିରେ ମାଡ଼ ମରାଯାଇଥିବା ପୁଇଁତଲା ଥାନାରେ ଅଭିଯୋଗ ହୋଇଥିଲା।

## ବିଧାନସଭା ଷ୍ଟାଣ୍ଡିଂ କମିଟିର
# ବୃହତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ଗ୍ରାମୀଣ ଶିଳ୍ପ ଉଦ୍ୟାନ ପରିଦର୍ଶନ



ଛତ୍ରପୁର, (ସବ୍ୟୁ): ରାଜ୍ୟ ବିଧାନସଭାର ନବମ ଷ୍ଟାଣ୍ଡିଂ କମିଟି ଶନିବାର ଗଞ୍ଜାମ ଜିଲ୍ଲା ଛତ୍ରପୁର ନିର୍ବାଚନ ମଣ୍ଡଳୀ ଗ୍ରସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଛନ୍ତି । ବିଧାୟକ ସନାତନ ବିଜୁଳିଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଷ୍ଟାଣ୍ଡିଂ କମିଟିର ସଦସ୍ୟ ବିଧାୟକ ଦେବିରଞ୍ଜନ ତ୍ରିପାଠୀ, ଅଧୀରଜ ମୋହନ ପାଣିଗ୍ରାହୀ, ଯୋଗେଶ କୁମାର ସିଂ ଅରବିନ୍ଦ ମହାପାତ୍ର ଓ ଅମର କୁମାର ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, କବିସୂର୍ଯ୍ୟନଗର ପ୍ରତାପ ଚନ୍ଦ୍ର ନାୟକଙ୍କ ସମେତ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ପ୍ରଥମେ ଛତ୍ରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଛତ୍ରପୁର ବ୍ଲକ ପୋଟଲାମପୁର ସ୍ଥିତ ବୃହତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଚାଲିଥିବା କାର୍ଯ୍ୟ ବୁଲି ଦେଖିଥିଲେ। କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ସଦସ୍ୟ ମାନେ ବିରକ୍ତ ପ୍ରକାଶ କରିଥିଲେ,ପରେ ମେଗା ପ୍ରକଳ୍ପ ର ଅନ୍ୟାନ୍ୟ ଅଧିକାରୀ ଏବଂ ଇଂଜିନିୟର ମାନଙ୍କ ସହ କାର୍ଯ୍ୟ ର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ପ୍ରଥମେ କମିଟିର ସଦସ୍ୟମାନଙ୍କୁ ସ୍ଥାନୀୟ ବିଧାୟକ ଏବଂ ଜିଲ୍ଲାପ୍ରଶାସନଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହାପରେ ଷ୍ଟାଣ୍ଡିଂ କମିଟି ଚମାଖଣ୍ଡି ସ୍ଥିତ ଗ୍ରାମୀଣ ଶିଳ୍ପ ଉଦ୍ୟାନ ପରିଦର୍ଶନ କରିଥିଲେ, ସେଠାରେ ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ରେ ମହିଳା ମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ଚିପ୍ସ, ଚିଲି, ଟମାଟ ସସ ଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀର ପ୍ରସ୍ତୁତ କାର୍ଯ୍ୟକୁ ଅନୁଧ୍ୟାନ କରିଥିଲେ। ସେମାନଙ୍କ କାର୍ଯ୍ୟ ଦେଖି କମିଟି ଖୁସି ଜାହିର କରିଥିଲେ।ଏହି ପରିଦର୍ଶନ ବେଳେ ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା, ଓଡିଶା ଜୀବିକା ମିଶନର ଛତ୍ରପୁର ବ୍ଲକ ପ୍ରକଳ୍ପ ସଂଯୋଜିକା ମାନିନୀ ଜେନା ଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିପୁଳ ପରିମାଣର ମାରଣାସ୍ତ୍ର ଜବତ: ୭ ଗିରଫ




ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ସହରରୁ ପୁଣି ଥରେ ୫ଟି ବନ୍ଧୁକଓ ୪୩ଟି ଗୁଳି ସମେତ ବିପୁଳ ପରିମାଣର ମାରଣାସ୍ତ୍ର ଜବତ ହୋଇଛି। ଏହି ବନ୍ଧୁକ ତଥା ମାରଣାସ୍ତ୍ର ରଖିବା ଅଭିଯୋଗରେ ପୁଲିସ ମୋଟ ୭ ଜଣଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ଦେଶୀ ବନ୍ଧୁକ, ଏୟାର ଗନ୍ ଓ ପିସ୍ତଲ ସମେତ ୪୩ଟି ଜୀବନ୍ତ ଗୁଳି, ୫ଟି ଜୀବନ୍ତ ବୋମା, ୬ଟି ମାଗାଜିନ, ୨୨ଟି ଚୋରି ଏଟିଏମ କାର୍ଡ, ଗୋଟିଏ ମହିନ୍ଦ୍ରା କାର, ୬ଟି ମୋବାଇଲ ଓ ୧ ଲକ୍ଷ ୧୧ ହଜାର ୫୦୦ ଟଙ୍କା ଜବତ କରିଛି । ଏ ନେଇ ବୈଦ୍ୟନାଥପୁର ଥାନା ଓ ଗୋସାଇ ନୂଆଗାଁ ଥାନାରେ ୨ଟି ପୃଥକ ମାମଲା ରୁଜୁ ହୋଇଛି । ସୂଚନାପ୍ରକାରେ, କିଛି ପୁରୁଣା ଅପରାଧୀ ଏକାଠି ହୋଇ ହାତରେ ବନ୍ଧୁକ ଓ ବୋମା ଧରି କାହାକୁ ମାରିବାକୁ ଯୋଜନା କରୁଥିବା ଗୋସାଇଁ ନୂଆଗାଁ ଥାନା ପୁଲିସକୁ ଖବର ମିଳିଥିଲା ।

ଗୋସାଇଁ ନୂଆଗାଁ ଥାନା ଅଧିକାରୀ ତଥା ଡିଏସପି ସ୍ମୃତିପ୍ରଭା ପ୍ରଧାନଙ୍କ ନେତୃତ୍ୱରେ ପୁଲିସ ବିଭିନ୍ନ ସ୍ଥାନରେ ଚଢଉ କରିବା ପରେ ପ୍ରଥମେ ଶାସ୍ତ୍ରୀନଗରର ସୁନୀଲ କୁମାର ସାହୁ ଓରଫ ସନ୍ନି (୩୪)ଙ୍କୁ ଗିରଫ କରଯିବା ସହ ତା' ନିକଟରୁ ଗୋଟିଏ ବନ୍ଧୁକ ଓ ଗୁଳି ଜବତ ହୋଇଥିଲା । ଏହାପରେ ଅଭିଯୁକ୍ତ ସନ୍ନି ସହ ଜଡିତ ଥିବା ଅଭିଯୁକ୍ତ ତଥା ଲକ୍ଷ୍ମୀନୃସିଂହ ସାହିର ସୁରଜ ପାଢୀ(୩୯) ଓ ଭଞ୍ଜନଗରର ଗୋବର୍ଦ୍ଧନ ପାତ୍ର (୩୮)ଙ୍କ କାବୁ କରି ଯାଞ୍ଚ ବେଳେ ପୁଲିସ ଏକ ମୋଡିଫାଏଡ ବନ୍ଧୁକ ତଥା ଦେଶୀ ଏୟାର ଗନ୍ ଜବତ ହୋଇଥିଲା ।

ସେହିପରି ଜଟଣୀର ସୁମନ୍ତ ପାତ୍ରଙ୍କ ଠାରୁ ମଧ ଏକ ବନ୍ଧୁକକୁ ପୁଲିସ ଜବତ କରିଥିଲା । ତେବେ ଏହି ଏୟାର ଗନକୁ ମୋଡିଫାଏଡ କରିଥିବା ଖୋର୍ଦ୍ଧା ଜିଲା ଜଙ୍କିଆର ରବିନ୍ଦ୍ର ମହାରଣା (୫୦)ଙ୍କୁ ଗିରଫ କରାଯାଇଥିଲା । ସେହିପରି ବୈଦ୍ୟନାଥପୁର ଥାନା ପୁଲିସ ପକ୍ଷରୁ ମୋଟରଯାନ ଯାଞ୍ଚ ଚାଲୁଥିବା ବେଳେ ଜରଡା ନାରାୟଣପୁରର ରଞ୍ଜନ ଗୌଡ (୪୦) ଓ ଚିର୍କିଟି ରାମଚନ୍ଦ୍ରପୁରର ସୁଶୀଲ କୁମାର ପଣ୍ଡା (୪୭)ଙ୍କୁ ପୁଲିସ କାବୁ କରି ଯାଞ୍ଚ କରିଥିଲେ । ଏହି ସମୟରେ ପୁଲିସ ଉଭୟଙ୍କ ନିକଟରୁ ଗୋଟିଏ ବନ୍ଧୁକ ଜବତ କରିଥିଲା ।

ପଚରାଉଚରା ବେଳେ ଉଭୟ ଏକ ଭଡା ଘରେ ରହୁଥିବା କହିବା ପରେ ଥାନା ଅଧିକାରୀ ସୁଚିତ୍ରା ପରିଡାଙ୍କ ନେତୃତ୍ୱରେ ସେଠାରେ ଚଢଉ କରାଯିବା ପରେ ସେହି ଘରୁ ୨ ବନ୍ଧୁକ ଓ ୩୪ ଗୁଳି ସହ ଓ ମାଗାଜିନ, ନଗଦ ଲକ୍ଷାଧିକ ଟଙ୍କା ଜବତ ହୋଇଥିଲା । ଏହି ମାମଲାରେ ଆଉ ଜଣେ ଅଭିଯୁକ୍ତ ରହିଥିବା ବେଳେ ସେ ଫେରାର ରହିଛି ବୋଲି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି । ଆଜି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ ଅଦାଲତ ଚାଲାଣ କରାଯାଇଥିଲା ।

## କିରାସିନି ଢାଳି ଦିବ୍ୟାଙ୍ଗଙ୍କୁ ହତ୍ୟା, ମହିଳା ଗିରଫ

ବ୍ରହ୍ମପୁର, (ସବ୍ୟୁ) : ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ସୁବାଷ ନଗର ପ୍ରଥମ ଲାଇନରେ ରହୁଥିବା ଜଣେ ଦିବ୍ୟାଙ୍ଗ ହରିହର ସାହୁଙ୍କ ଉପରେ କିରାସିନି ଢାଳି ହତ୍ୟା ମାମଲାରେ ପୋଲିସ ଜଣେ ମହିଳାଙ୍କୁ ଗିରଫ କରିଛି ।ସେ ହେଲେ ସୁଦେଷ୍ଣା ଜେନା (୫୭) । ମାମଲା ନଂ ୨୫୯/୨୫ ରେ ତାଙ୍କୁ ଶନିବାର କୋର୍ଟ ଚାଲାଣ କରିଛି । ଉକ୍ତ ମହିଳା ଜଣଙ୍କ ଗତ ୫ବର୍ଷ ହେଲା ହରିହରଙ୍କ ଘରେ ରହୁଥିବା ବେଳେ ସେମାନେ ସ୍ୱାମୀ ଓ ସ୍ତ୍ରୀ ଭଳି ରହୁଥିଲେ । ଅନ୍ୟପଟେ ହରିହର ତାଙ୍କରି ନାମରେ କୌଣସି ସମ୍ପତ୍ତି କରିନଥିବା ବେଳେ ଅନେକ ସମୟରେ ତାଙ୍କର ଅନ୍ତରଙ୍ଗ ମୁହର୍ତ୍ତର ଅଶ୍ଳୀଳ ଭିଡିଓ ଭାଇରଲ କରିବାର ଧମକ ଦେଉଥିଲେ । ଯାହାଫଳରେ କିଛିଦିନ ହେଲା ଉକ୍ତ ମହିଳା ଜଣଙ୍କ ମାନସିକ ଚାପରେ ରହୁଥିଲେ । ଶେଷରେ ସେ ମାନସିକ ଭାରସାମ୍ୟ ହରାଇ ଗତ ୨୯ ତାରିଖ ବିଳମ୍ବିତ ରାତ୍ରରେ ହରିହର ଘରେ ଶୋଇଥିବା ବେଳେ ତାଙ୍କ ଦେହରେ କିରାସିନ ଢାଳିଦେଇ ବାହାରକୁ ଆସି ହରିହରଙ୍କ ଦେହରେ କେହି ପେଟ୍ରୋଲ ଢାଳିଦେଇଥିବାର ଅଭିନୟ କରିଥିଲେ । ଏପରିକି ପୋଲିସକୁ ଖବର ନକରିବା ସହ ଘର ଭିତରକୁ କାହାରିକୁ ଯିବାକୁ ଦେଇନଥିଲେ । ଆମ୍ବୁଲାନ୍ସ ଡକାଇ ଗୁରୁତରଙ୍କୁ ଏମକେସିଜି ମେଡିକାଲକୁ ନିଆଯାଇଥିଲା । ପରେ ତାଙ୍କୁ କଟକ ସ୍ଥାନାନ୍ତର ହୋଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ଉକ୍ତ ମହିଳାଙ୍କୁ ଜେରା ବେଳେ ସେ ହରିହର ସାହୁଙ୍କ ଉପରେ କିରୋସିନ ଢାଳି ହତ୍ୟା ଉଦ୍ୟମ କରିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି ।



ଘଟଣାରୁ ପ୍ରକାଶ ଯେ, ହରିହରଙ୍କ କୋଭିଡ଼ ସମୟରେ ଗୋଡ଼ ଦୁଇଟି କଟିଯିବା ପରେ ସେ ସୁବାସ ନଗର ପ୍ରଥମ ଲାଇନରେ ରହି ଆସୁଥିଲେ । ତାଙ୍କର ତିନୋଟି ସନ୍ତାନ ରହିଥିବା ବେଳେ ସମସ୍ତେ ବାହାରେ ରହୁଛନ୍ତି । ଅନ୍ୟପଟେ ହରିହର ଉପର ମହଲାରେ ରହୁଥିବାବେଳେ ତଳ ମହଲାରେ ସୁଦେଷ୍ଣା ରହୁଥିଲେ । ପିଲାମାନେ ଅଲଗା ରହୁଥିବା ବେଳେ ସେ ଏକାକୀ ହୋଇଯାଇ ଉକ୍ତ ମହିଳାଙ୍କ ସାହାରା ନେଇ ମିଳିମିଶି ରହୁଥିଲେ । ମହିଳା ଜଣଙ୍କ ଝିଅ ଘରକୁ ଯିବାକୁ ଚାହୁଁ ଥିବା ବେଳେ ହରିହର ତାଙ୍କୁ ଯିବାକୁ ବାରଣ କରୁଥିଲେ । ଗୋଟିଏ ପଟେ ପୁରୁଷ ବନ୍ଧୁ ମହିଳାଙ୍କ ନାମରେ କୌଣସି ସମ୍ପତ୍ତି ଲେଖିନଥିବା ବେଳେ ଏପରିକି ତାଙ୍କ କଥା ନମାନିଲେ ପାଖରେ ରଖିଥିବା ଅଶ୍ଳୀଳ ଭିଡିଓ ଭାଇରାଲ କରିବାକୁ ଧମକ ଦେଇଥିଲେ । ଯାହାଫଳରେ ମହିଳା ଜଣଙ୍କ ତାଙ୍କ ପୁରୁଷ ବନ୍ଧୁଙ୍କ ଉପରେ କିରାସିନି ଢାଳି ନିଆଁ ଲଗାଇ ଦେଇଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା ।

# କୁରାଢ଼ୀରେ ଆକ୍ରମଣ, ଜଣେ ଗିରଫ

ବୁଗୁଡା, (ସବ୍ୟୁ) : ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ସୋରଡ ଗ୍ରାମରେ ମୁନା ନାଇକ(୨୪) ନାମକ ଜନୈକ ବ୍ୟକ୍ତିଙ୍କୁ କୁରାଢ଼ିରେ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ଜଣେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ଜଣାଯାଇଛି।ଗିରଫ ବ୍ୟକ୍ତି ଜଣକ ହେଲେ ସୋରଡ ଗ୍ରାମ ଖଦାଳ ସାହିର ପ୍ରକାଶ ନାଇକ (୨୭) । ଏ ନେଇ ପୋଲିସ ଥାନାରେ କେସ୍ ନଂ ୩୫୨/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି।

ପ୍ରକାଶ ଯେ, ଗତ ୨୮ ତାରିଖ ଦିନ ମୁନାଙ୍କ ପରିବାର ଏବଂ ପଡୋଶୀ ପ୍ରକାଶଙ୍କ ପରିବାର ମଧ୍ୟରେ ଘରୋଇ କଳିକୁ ନେଇ ଯୁକ୍ତିତର୍କ ହୋଇଥିଲା । ୨୯ ତାରିଖ ଦିନ ସକାଳେ ପ୍ରକାଶ ଅଶ୍ଳୀଳ ଭାଷାରେ ମୁନାର ପରିବାର ଲୋକଙ୍କୁ ଗାଳିଗୁଲଜ କରିଥିଲା। ଏ ନେଇ ମୁନା ସନ୍ଧ୍ୟାରେ ପ୍ରକାଶର ଘରକୁ ଯାଇ ଗାଳି କରି ଫେରିବା ବେଳକୁ ପ୍ରକାଶ ତା'ର ପଛପଟୁ କୁରାଢୀରେ ବେକ ପାଖକୁ ଏକ ଚୋଟ ପକାଇବା ସହ ଜୀବନରେ ମାରି ଦେବାକୁ ଧମକ ଦେଇଥିଲା । ପ୍ରକାଶର ଆକ୍ରମଣରେ ମୁନା ତଳେ ପଡିଯାଇ ସାହାଯ୍ୟ ପାଇଁ ଚିତ୍କାର କରିବାରୁ ତା'ର ଭଉଣୀ ଓ ଅନ୍ୟମାନେ ତାକୁ ସେଠାରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରିଥିଲେ। ଆହତ ମୁନା ମେଡିକାଲରେ ଚିକିତ୍ସିତ ହେବା ସହ ପୋଲିସରେ ଅଭିଯୋଗ କରିଥିଲେ। ବାଲିପଦର ଫାଣ୍ଡି ଅଧିକାରୀ ଏନ୍.ନିଳାଦ୍ରୀ ରେଡି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

## ମୟୂରଭଞ୍ଜ ଅସ୍ମିତାକୁ ନେଇ ରାଜରାସ୍ତାକୁ ଓହ୍ଲାଇବ ଜେଏମ୍ଏମ



ବାରିପଦା, (ସବ୍ୟୁ) : ବାରିପଦା ରୋଟାରୀ କ୍ଲବ ଠାରେ ଜେଏମଏମ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜେଏମଏମ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ ଯୋଗଦେଇ ଆଗାମୀ ଦିନରେ ମୟୂରଭଞ୍ଜ ଅସ୍ମିତାକୁ ନେଇ ଜେଏମଏମ ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସୂଚନା ଦେଇଥିଲେ । ଏହି ଅବସରରେ ରେଲୱାଇ ବିକାଶ ମନ୍ଥର ଗତିରେ ହେବା, ଜାମଶୋଳାରୁ ଯଶିପୁର ଜାତୀୟ ରାଜପଥର ବିକାଶ କଚ୍ଛପ ଗତିରେ ଚାଲିବା, ଜଙ୍ଗଲ ଜମି ପଟ୍ଟା ନଦେବା ସହିତ ନୀରିହ ଆଦିବାସୀଙ୍କ ଜୀବନ ଜୀବିକାରେ ବାଧା ସୃଷ୍ଟି କରୁଥିବା କାରଣର ସମାଧାନ ବାହାର କରିବା ପାଇଁ ସରକାର ସଚେତନ ନହେବା, କଳ କାରଖାନା ବିହିନ ମୟୂରଭଞ୍ଜ ଜିଲ୍ଲାର ବେକାର ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି ପାଇଁ ସରକାର କିଛି ବ୍ୟବସ୍ଥା ନ କରିବା, ଜିଲ୍ଲାର ପର୍ଯ୍ୟଟନ ଶିଳ୍ପର ବିକାଶ ନହେବା ଏବଂ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପଦବୀ ଖାଲି ରଖିବା ସରକାରଙ୍କ ର ଅପାରଗତାର ପରିଚୟ ବୋଲି ଜେଏମଏମ ପକ୍ଷରୁ ସରକାରଙ୍କୁ ଦୃଢ ସମାଲୋଚନା କରାଯାଇଥିଲା । ତେଣୁ ଆଗାମୀ ଦିନରେ ଏନେଇ ଜେଏମଏମ ପକ୍ଷରୁ ଜିଲ୍ଲାର ବିଭିନ୍ନ ସମସ୍ୟାକୁ ଆନ୍ଦୋଳନ କରାଯିବ । ଏହି ସାମ୍ବାଦିକ ସମ୍ମିଳନୀରେ ଜେଏମଏମ ଜିଲ୍ଲା ସଭାପତି ଶ୍ରୀ ଦାସଙ୍କ ସହ ଉପସଭାପତି ରାଜା ହେମ୍ବ୍ରମ, ସମ୍ପାଦକ ଶୈଳେନ୍ଦ୍ର ହେମ୍ବ୍ରମ, କେନ୍ଦ୍ରୀୟ ସଦସ୍ୟ ଦିବାକାର ସୋରେନ୍, ରାଜ୍ୟ ପରିଷଦ ସଦସ୍ୟ ସନାତନ ମୁର୍ମୁ ଓ ସଂଗଠନ ସମ୍ପାଦକ ସାଙ୍ଗ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସହକାରୀ ନିର୍ବାହୀ ଯନ୍ତ୍ରୀ ଘରେ ଭିଜିଲାନ୍ସ ଚଢାଉ



ବ୍ରହ୍ମପୁର, (ସବ୍ୟୁ) : ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବ୍ରହ୍ମପୁର ରାସ୍ତା ଓ କୋଠାବାଡି ଡିଭିଜନ-୧ର ସହକାରୀ ନିର୍ବାହୀ ଯନ୍ତ୍ରୀ ଏନ. ଦିଲୀପ କୁମାର ଚୌଧୁରୀଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢଉ କରାଯାଇଛି । ଶନିବାର ଭୋରୁ ଭିଜିଲାନ୍ସର ୪ ଟିମ ଦିଲିପଙ୍କ ଅଫିସ ସମେତ ବ୍ରହ୍ମପୁର ଧର୍ମନଗର ସ୍କେକ୍ସମ ରୋୟାଲ ଆପାର୍ଟମେଣ୍ଟରେ ଥିବା ଫ୍ଲାଟ, ମୟୁର ବିହାର ସ୍ଥିତ ୨ ମହଲା କୋଠା ଓ ଭୁବନେଶ୍ୱର ସହିଦନଗର ସ୍ଥିତ ଏକ ଅପାର୍ଟମେଣ୍ଟରେ ଥିବା ଫ୍ଲାଟରେ ଚଢଉ କରାଯାଇଥିଲା । ଚଢଉ ବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ତାଙ୍କ ପରିବାର ନାମରେ ବ୍ରହ୍ମପୁର ଓ ଭୁବନେଶ୍ୱର ଠାରେ ଥିବା ୧୧ଟି ପ୍ଲଟ, ୨ଟି ଫ୍ଲାଟ ଓ ଗୋଟିଏ ବହୁତଳ କୋଠା ଠାବ ହୋଇଛି ।

ସୂଚନାଥାଉକି, ସହକାରୀ ନିର୍ବାହୀ ଯନ୍ତ୍ରୀ ଦିଲିପଙ୍କ ନାଁରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗ ପରେ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପକ୍ଷରୁ ସର୍ଚ୍ଚ ୱାରେଣ୍ଟ ଜାରି କରାଯାଇଥିଲା । ସେହିକ୍ରମରେ ଭିଜିଲାନ୍ସର ୩ ଜଣ ଡିଏସପି ୭ ଇନ୍ସପେକ୍ଟରଙ୍କ ନେଇ ଗଠିତ ୪ଟି ଦଳ ଆଜି ଭୋରୁ ଦିଲିପଙ୍କ ବାସଭବନ ସମେତ ଏହାପରେ ଭିଜିଲାନ୍ସ ପକ୍ଷରୁ ବ୍ରହ୍ମପୁର ଗିରିରୋଡ ସ୍ଥିତ ରାସ୍ତା ଓ କୋଠା ବାଡି ବିଭାଗ ଅଫିସରେ ଯାଞ୍ଚ କରାଯାଇଥିଲା । ଯାଞ୍ଚ ପରେ ଦିଲିପ ଓ ତାଙ୍କ ପରିବାର ଲୋକଙ୍କ ନାମରେ କୋଠା ଓ ପ୍ଲଟ ରହିଥିବା ଜଣାପଡିବା ସହ ୨୮ ଲକ୍ଷ ୫୩ ହଜାର ଟଙ୍କାର ବ୍ୟାଙ୍କ ଜମା, ୧୦ ଲକ୍ଷ ଟଙ୍କାର ଗୃହ ଉପକରଣ ଠାବ ହୋଇଥିଲା । ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି ।

## ଦ୍ୱିତୀୟ ଶ୍ରୀକ୍ଷେତ୍ର ରଥଯାତ୍ରା ୨୦୨୫ ସମ୍ପର୍କିତ ସମନ୍ୱୟ ବୈଠକ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ରଥଯାତ୍ରା- ୨୦୨୫ ସମ୍ପର୍କିତ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ଓ ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା ଯୋଗ ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଗୌତମ କିଷାନ, ବାରିପଦା ତହସିଲଦାର ସପନ କୁମାର ସାହୁ, ୱାଟକୋ ଅଧିକ୍ଷଣ ଯନ୍ତ୍ରୀ ପିସି ମଲ୍ଲିକଙ୍କ ସମେତ ବିଭିନ୍ନ ଲାଇନ ବିଭଗୀୟ ଅଧିକାରୀ, ରଥ ମହାପାତ୍ର, ରଥ ମହାରଣା, ସେବାୟତ, ପୂଜକ ଓ ଉପଦେଷ୍ଟା କମିଟି ସଦସ୍ୟ ମାନେ ଉପସ୍ଥିତ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ମୁଖ୍ୟତଃ ଠାକୁରଙ୍କ ଶୃଙ୍ଖଳିତ ନୀତିକାନ୍ତି, ଶାନ୍ତି ଶୃଙ୍ଖଳାରେ ରଥଯାତ୍ରା ଅନୁଷ୍ଠିତ ପାଇଁ ପର୍ଯ୍ୟାପ୍ତ ସଂଖ୍ୟାରେ ପୋଲିସ ମୁତୟନ, ଷ୍ଟଲ ବଣ୍ଟନ, ଜରୁରୀ କାଳୀନ ସ୍ୱାସ୍ଥ୍ୟ ସେବା, ରଥଯାତ୍ରା ସମୟରେ ରଥ ଦାଣ୍ଡରେ ଆମିଷ ଖାଦ୍ୟ ଦ୍ରବ୍ୟ ବିକ୍ରିକୁ ନିଷେଧ, ନିରବଛିନ୍ନ ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରଥ ଟଣା ସମୟରେ ଶ୍ରଦ୍ଧାଳୁ ଓ ଭକ୍ତ ମାନଙ୍କୁ ଗୁଳୁଗୁଳିରୁ ରକ୍ଷା ପାଇଁ ଜଳ ସିଞ୍ଚନ ବ୍ୟବସ୍ଥା, ସ୍ୱଚ୍ଛତା, ଅସ୍ଥାୟୀ ଶୌଚାଳୟ ସ୍ଥାପନ, ପାର୍କିଙ୍ଗ ବ୍ୟବସ୍ଥା, ରଥ କାଠ ସଂଗ୍ରହ, ମନ୍ଦିର ଏବଂ ରଥର ରଙ୍ଗ କାର୍ଯ୍ୟ, ରଥଟଣା ପାଇଁ ନଡ଼ିଆକତା ଦଉଡି ସଂଗ୍ରହ, ରଥଯାତ୍ରା ପାଇଁ ପବ୍ଲିକ ଡନେସନ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ ଓ ଜଳଛତ୍ର ଷ୍ଟଲ ବ୍ୟବସ୍ଥା ଇତ୍ୟାଦି ଉପରେ ଆଲୋଚନା ହୋଇଥିଲା ।

## ପ୍ରାତଃ ଭ୍ରମଣ ବେଳେ ମହିଳାଙ୍କଠୁ ଅଳଙ୍କାର ଲୁଟ୍

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ସହର ଉପକଣ୍ଠସ୍ଥ ସ୍ୱାଗତ ତୋରଣ ନିକଟରେ ପ୍ରାତଃ ଭ୍ରମଣରେ ଯାଇଥିବା ଜନୈକା ମହିଳାଙ୍କଠାରୁ ସୁନା ଅଳଙ୍କାର ଲୁଟ ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଲୁଟର ଶିକାର ହୋଇଥିବା ମହିଳା ଜଣକ ହେଲେ ସ୍ଥାନୀୟ ଶକ୍ତିନଗର ନିବାସୀ ଅଭିମନ୍ୟୁ ସାହୁଙ୍କ ପତ୍ନୀ ସୁକାନ୍ତି ସାହୁ ।

ପ୍ରକାଶ ଯେ, ଆଜି ୫ଟା ସମୟରେ ସୁକାନ୍ତି ସାହିର ଅନ୍ୟ ତିନି ଜଣ ମହିଳାଙ୍କ ସହ ମିଶି ପ୍ରାତଃଭ୍ରମଣରେ ଯାଇଥିଲେ। ସହର ଉପକଣ୍ଠସ୍ଥ ସ୍ୱାଗତ ତୋରଣ ପରେ ତିନି ଜଣ ମହିଳା ଏକ କଲଭର୍ଟଠାରେ ବିଶ୍ରାମ ନେଇଥିଲେ ଏବଂ ସୁକାନ୍ତି ଆଉ ଅଳ୍ପ ଦୂର ଆଗକୁ ଯାଇଥିଲେ। ଏହି ସମୟରେ ବାଇକରେ ଦୁଇ ଜଣ ଆସି ତାଙ୍କ ପାଖରେ ଅଟକିଲେ। ଜଣେ ବାଇକରୁ ଓହ୍ଲାଇ ପଛପଟୁ ମାଆ-ମାଆ ବୋଲି ଡାକିଲା । ସୁକାନ୍ତି ଯେତେବେଳେ ପଛକୁ ବୁଲିଛନ୍ତି ସେତେବେଳେ ଦୁର୍ବୃତ୍ତ ଜଣକ ସେ ପିନ୍ଧିଥିବା ଆଗକାଳର ଦଶ ଭରି ଓଜନର ଏକ କାଟା ଚେନ୍ ଓ ତିନି ଭରି ଓଜନର ମଙ୍ଗଳସୂତ୍ରଟିକୁ ଝାମ୍ପି ଛିଣ୍ଡାଇ ଦେଇ ବାଇକରେ ବସି ଖୋଲମଇଲି ଅଭିମୁଖେ ଦ୍ରୁତଗତିରେ ଚାଲିଯାଇଥିଲେ। ଏନେଇ ଥାନାରେ ଅଭିଯୋଗ କ୍ରମେ ପୋଲିସ କେସ୍ ନଂ ୩୫୩/୨୫ ରେ ଏକ ମାମଲା ରୁଜୁ କରି ଆଖପାଖରେ ଥିବା ସିସିଟିଭି ଫୁଟେଜକୁ ଯାଞ୍ଚ ପୂର୍ବକ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି । ଏହି ଘଟଣା ପରେ ପ୍ରାତଃଭ୍ରମଣକାରୀଙ୍କ ଛାତିରେ ଛନକା ପଶିଥିବା ବେଳେ ପୋଲିସ୍ ପାଇଁ ଏହା ଚ୍ୟାଲେଞ୍ଜ ସୃଷ୍ଟି କରିଛି ।

## ବରିଷ୍ଠ କିରାଣୀଙ୍କ ଉଦ୍ଦେଶ୍ୟମୂଳକ ବଦଳିକୁ ବିରୋଧ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁ ନଗର ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ବରିଷ୍ଠ କିରାଣୀ ଭାବରେ କାର୍ଯ୍ୟରତ ଥିବା ତପନ କୁମାର ଦାଶଙ୍କୁ ହଠାତ୍ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଚିଠି ନଂ ୬୦୧୭/୨୫ ଅନୁଯାୟୀ ତାଙ୍କୁ କୌଣସି କାରଣ ନଥାଇ ଉଦ୍ଦେଶ୍ୟ ମୂଳକ ଭାବରେ ବଦଳି କରାଯାଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି । ଏହାବ୍ୟତୀତ୍ ଗୋଷ୍ଠୀ ଶିକ୍ଷାଧୀକାରୀ କାର୍ଯ୍ୟାଳୟରେ ବରିଷ୍ଠ କିରାଣୀ ଶ୍ରୀ ଦାଶ ମାତ୍ର ଏକ ବର୍ଷ ପୂର୍ବରୁ ପଦୋନ୍ନତି ପାଇ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରୁ ଗୋପବନ୍ଧୁନଗର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ବଦଳି ହୋଇଥିଲେ, ଚାକିରିର ଅବସର ସମୟରେ ବାରିପଦାରୁ ଠାକୁରମୁଣ୍ଡା ୧୨୦କିମିରୁ ଊର୍ଦ୍ଧ୍ୱ ଯିବା ଆସିବା କରିବା ସମ୍ଭବ ନୁହେଁ, ଏଭଳି ବାରମ୍ବାର ଉଦ୍ଦେଶ୍ୟ ମୂଳକ ଭାବରେ ବଦଳିକୁ ବିରୋଧ କରି ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଭେଟି କିରାଣୀ ତପନ ଦାଶଙ୍କ ଭାଇ ତରୁଣ କୁମାର ଦାଶ ଓ ଅନ୍ୟମାନେ ଘଟଣାର ବିଦ୍ଧିବଦ୍ଧ ତଦନ୍ତ ସହ ପୁନଃବିଚାର କରିବାକୁ ଅନୁରୋଧ କରିଛନ୍ତି। ଏଥିସହ କିରାଣୀ ଶ୍ରୀ ଦାଶଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଥିବାବେଳେ ତାଙ୍କୁ ଦୂରକୁ ବଦଳି କରିବା ଠିକ୍ ହୋଇନାହିଁ ବୋଲି ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି ।

## ଜ୍ୱାଇଁଙ୍କୁ ବିଷ ଦେଇ ମାରିଦେଲେ ଶଶୁର ଘର

ବାସୁଦେବପୁର ,(ସବ୍ୟୁ) : ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପାଳିକାର ଏକ ନମ୍ବର ୱାର୍ଡ ରାଧାନାଥପୁର ଭୀମ ଗିରିଙ୍କ ପୁଅ ପବିତ୍ର ଗିରି ଶଶୁର ଘରକୁ ଯାଇଥିବା ବେଳେ ବିଷ ଦେଇ ଶଶୁରଘର ଲୋକ ମାରି ଦେଇଥିବାର ଚୂଡାମଣୀ ସାମୁଦ୍ରିକ ଥାନାର ଅଭିଯୋଗ ହୋଇଛି । ଭୀମ ଗିରିଙ୍କ ପୁତ୍ର ପବିତ୍ର ଗିରି ଚୂଡାମଣୀ ଆଡିଆର ସମ୍ପଥ ଖିଲାର ଝିଅ ସସ୍ମିତା ସହିତ ୨୦୨୦ ମସିହାରେ ବୈଦିକ ରୀତିରେ ବିବାହ କରିଥିଲେ । କିଛି ମାସ ପରେ ପତି ଓ ପତ୍ନୀଙ୍କ ମଧ୍ୟରେ ମନାନ୍ତର ହୋଇ ଏକାଧିକ ଥର ସମାଧାନ ହୋଇଛି । ସସ୍ମିତା ଅଧିକାଂଶ ସମୟରେ ବାପଘରେ ରହନ୍ତି । ଗତ ୨୬ ତାରିଖ ସାବିତ୍ରୀ ବ୍ରତରେ ପବିତ୍ର ଶଶୁର ଘରକୁ ଯାଇଥିଲା । ପତି ଓ ପତ୍ନୀଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ପବିତ୍ରକୁ ଶାଶୁ,ଶଶୁର, ଶଳା ଓ ପତ୍ନୀ ମିଳିତ ଭାବେ ନିସ୍ତୁକ ମାଡ ଦେଇ ବିଷ ପିଆଇ ଦେଇଛନ୍ତି ବୋଲି ପବିତ୍ରଙ୍କ ଭାଇ ଦୀପୁ ଗିରି ଚୂଡାମଣୀ ସାମୁଦ୍ରିକ ଥାନାର ଲିଖିତ ଅଭିଯୋଗ କରିଛନ୍ତି । ଖବର ପାଇ ମୁମୂର୍ଷ ଅବସ୍ଥାରେ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାର ଭର୍ତ୍ତି କରିଥିଲେ । ପରେ ଭଦ୍ରକ ରେଫର କରାଯାଇ ଥିଲା । ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ କଟକ ରେଫର କରାଯାଇ ଥିଲା । କଟକରେ ଚିକିତ୍ସାଧିନ ଅବସ୍ଥାରେ ପବିତ୍ର ମୃତ୍ୟୁ ବରଣ କରିଥିଲେ । ପୋଲିସ ଘଟଣାର ତଦନ୍ତ କଲେ ପବିତ୍ରକୁ ବିଷ ଦେଇ ହତ୍ୟାକାଣ୍ଡ ପାଇଁ ଯୋଜନା କରିଥିଲେ ନା ପବିତ୍ର ଶଶୁର ଘରର ଅତ୍ୟାଚାର ସହ୍ୟ କରିନପାରି ଆତ୍ମହତ୍ୟା କରିବାକୁ ବିଷ ପିଇଛି । ପୋଲିସର ଖୋଳତାଡ ପରେ ପ୍ରକୃତ ସତ୍ୟ ପଦାକୁ ଆସିବ ।

## ବିଦ୍ୟୁତ ବିଭାଗ ଦାୟିତ୍ୱହୀନତା: ଅଳ୍ପକେ ବର୍ତ୍ତିଲେ ଶିଶୁପୁତ୍ର

ସୋର, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ସୋର ବ୍ଲକ ବାଳଙ୍ଗ ପଞ୍ଚାୟତ ପନଦା ଗ୍ରାମରେ ବିଦ୍ୟୁତ୍ ବିଭାଗ ଦାୟିତ୍ୱ ହୀନତା ପାଇଁ ଜଣେ ଶିଶୁପୁତ୍ର ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ଦୁଇଟି ଆଙ୍ଗୁଠି ପୋଡି ଯାଇଥିବା ଜଣାପଡିଛି । ସୂଚନା ଅନୁସାରେ ଗତ ୨୬ ତାରିଖରେ ଟାଟା ପାୱାର ପକ୍ଷରୁ ପନଦା ଗ୍ରାମରେ ବିଦ୍ୟୁତ ମରାମତି କାମ କରାଯାଉଥିଲା । କିନ୍ତୁ ଟ୍ରାନ୍ସଫର୍ମରର କାର୍ଯ୍ୟ ଅଧାକରି ସେଥିରେ ଲାଗିଥିବା ଏକ ବକ୍ସକୁ ବିଦ୍ୟୁତ ସଂଯୋଗ କରି ତଳେ ପକାଇ ଛାଡି ଚାଲି ଯାଇଥିଲେ । କିନ୍ତୁ ସେଥିରେ ବିଦ୍ୟୁତ ସଂଯୋଗ ଥିବାରୁ ଗ୍ରାମର ରଞ୍ଜୟ ଗାହାଣଙ୍କ ୬ ବର୍ଷର ଶିଶୁପୁତ୍ର ବନୀତ କୁମାର ଗାହଣ ସେହି ବକ୍ସରେ ହାତ ପୁରେଇ ଦେଇଥିଲେ । ଫଳରେ ବିଦ୍ୟୁତ ଆଘାତରେ ସେ ଗୁରୁତର ଆହତ ହୋଇଥିବା ବେଳେ ଡାହାଣ ହାତର ଦୁଇଟି ଆଙ୍ଗୁଠି ପୋଡ଼ିଯାଇଥିଲା । କିନ୍ତୁ ସେତେବେଳେ ସେହି ରାସ୍ତାରେ ଆସୁଥିବା ଜଣେ ଗ୍ରାମବାସୀ ଏହା ଦେଖି ଲାଇନ କାଟିଦେବାରୁ ନାବାଳକର ଜୀବନ ବଞ୍ଚି ଯାଇଥିବା ବେଳେ ଡାହାଣ ହାତର ଦୁଇଟି ଆଙ୍ଗୁଠି ପୋଡି ଯାଇ ଗୁରୁତର ଆହତ ହୋଇଥିଲେ । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ମେଡ଼ିକାଲରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏ ଭଳି ସମୟରେ ମାନବିକତା ହରାଇଲା ଟାଟା ପାୱାର ।

ଶୁକ୍ରବାର ଦିନ ପରିବାର ଲୋକେ ତାଙ୍କୁ ବାଲେଶ୍ୱରରୁ ଚିକିତ୍ସା କରାଇ ସୁସ୍ଥ କରାଇ ଘରକୁ ଆଣିବା ପରେ କମ୍ପାନୀ ଅଧିକାରୀଙ୍କୁ ଏହା ଜଣାଇ ଥିଲେ । କିନ୍ତୁ ବିଳମ୍ବ ହୋଇଯାଇଥିବାରୁ ତାଙ୍କୁ କିଛି କ୍ଷତି ପୂରଣ ମିଳିବ ନାହିଁ ବୋଲି ବିଦ୍ୟୁତ ବିଭାଗ ଅଧିକାରୀ ମାନେ ସିଧା ମନା କରିଦେଇଥିଲେ । ତେବେ ପରିବାର ଲୋକେ ଏଭଳି ସ୍ଥିତିରେ ନାବାଳକକୁ ଚିକିତ୍ସା କରାଇବାକୁ ପ୍ରାଥମିକତା ଦେବା ଉଚିତ କିମ୍ବା ଟାଟା ପାୱାର ଅଧିକାରୀଙ୍କୁ ଜଣାଇବା ଉଚିତ ତାହା ବୁଦ୍ଧିଜୀବୀ ମାନଙ୍କୁ ଆଶ୍ଚର୍ଯ୍ୟ କରିଛି । ତେବେ ବାଲେଶ୍ୱର ଜିଲ୍ଲାପାଳ ଏବଂ ଟାଟା ପାୱାରର ଉଚ୍ଚ ପଦସ୍ଥ ଅଧିକାରୀ ମାନେ ଏଥିରେ ହସ୍ତକ୍ଷେପ କରି ତୁରନ୍ତ କ୍ଷତି ପୂରଣ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ତମାଖୁ ମୁକ୍ତ ଭାରତ ଗଠନ ଉପରେ ସଚେତନତା




ବ୍ରହ୍ମପୁର, (ସବ୍ୟୁ) : ସାମାଜିକ ଅନୁଷ୍ଠାନ କ୍ରାନ୍ତି ତରଫରୁ ବିଶ୍ୱ ତମାଖୁ ବର୍ଜନ ଦିବସରେ ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ନିକଟରେ କ୍ରାନ୍ତି ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ କର୍କଟ ରୋଗୀ ଡ଼ଃ ଦେବାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ବତନ କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, ପୂର୍ବତନ ମେୟର ଶିବ ଶଙ୍କର ଦାସ,ଡାକ୍ତର ପ୍ରୀୟଜୀତ ଜେନା, ଡାକ୍ତର ବୀରେନ ପଲେଇ, ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ, ସାମନ୍ତରାୟ ଏକାଡେମୀର ନିର୍ଦ୍ଦେଶକ ଦେବେଶ ସାମନ୍ତରାୟ, ୱାନ ଷ୍ଟେପ ସେଣ୍ଟରର ନିର୍ଦ୍ଦେଶିକା ମହେଶ୍ୱେତା ପାଢି ଓ ସମାଜସେବୀ ବନମାଳୀ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଯୋଗ ଦେଇ ତମାଖୁ ସେବନର ଭୟାବହତା ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀ, ଯୁବସମାଜ ଓ ଜନସାଧାରଣଙ୍କୁ ସଚେତନ କରାଇଥିଲେ।କ୍ରାନ୍ତିର ଡଃ ଦାଶ ସେ ଜଣେ ମୁଖ କର୍କଟ ରୋଗୀ ହୋଇ ଥିବା ଯୋଗୁଁ ସେ ତାଙ୍କର କଷ୍ଟ ଓ ଯନ୍ତ୍ରଣା ମାଧ୍ୟମରେ ସମସ୍ତଙ୍କୁ ସଚେତନତା କରି କିପରି ତମାଖୁ ମୁକ୍ତ ଭାରତ ହୋଇ ପାରିବ ହାତଯୋଡି ନିବେଦନ କରିଥିଲେ । ପରେ ପରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ନିକଟରୁ ଏକ ସଚେତନତା ପଦଯାତ୍ରା ବାହାର କରାଯାଇ ଜନସାଧାରଣ ଙ୍କୁ ସଚେତନ କରା ଯାଇଥିଲା ।

ଏହି ପଦଯାତ୍ରାରେ ନିମନ୍ତ୍ରିତ ଅତିଥି ମାନଙ୍କ ସହିତ ସାମନ୍ତରାୟ ଏକାଡେମି, କେ. ସି.ପବ୍ଲିକ ସ୍କୁଲ୍, କନିସୀ ସ୍ଥିତ ସିଦ୍ଧ ଭୈରବୀ ହାୟର ସେକେଣ୍ଡାରୀ ସ୍କୁଲ୍, ଆଇ ଏସ ଆର ଡି ଅନୁଷ୍ଠାନ, ଶକ୍ତି ସଦନର କର୍ମକର୍ତ୍ତା ସହ ଗଣମାଧ୍ୟମ ବ୍ୟକ୍ତି ବିଶେଷ ସହ ଆରକ୍ଷୀ ବାହିନୀ ସମେତ ପଦଯାତ୍ରାରେ ପ୍ରଚାର ପତ୍ର ମାଧ୍ୟମରେ ସଚେତନତା କରାଯାଇ ଥିଲା । ଅନୁଷ୍ଠାନ ତରଫରୁ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତା ରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇ ଥିଲା । କ୍ରାନ୍ତି ଅନୁଷ୍ଠାନର ନିର୍ମଳା ଦାଶ, ଚର୍ଚ୍ଚିକା ଦାଶ, ସିଗ୍ଧାଧା ମହାରଣା, ଅନିଲ କୁମାର ସେଠୀ, ଶ୍ରୀମନ୍ତ ପଟ୍ଟନାୟକ, ପରମାନନ୍ଦ ପଣ୍ଡା, ଚିନ୍ମୟାନନ୍ଦ ଦାଶ, ମାନସ ରଥ, ଅରୁଣ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ ଓ ଆଇଏସଆରଡିର ପ୍ରଭାତ କୁମାର ପାଢ଼ୀ, ଗୋପାଳ କୃଷ୍ଣ ଦଳବେହେରା, ଶକ୍ତି ସଦନର ଶୟନି ମଲ୍ଲିକ ଓ ବଳରାମ ମଲ୍ଲିକ ସମେତ କ୍ରାନ୍ତି ଅନୁଷ୍ଠାନ ସଦସ୍ୟ ମାନେ କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସୁରେନ୍ଦ୍ର ନାୟକ ବ୍ଲକ ବିଜେଡି ସଭାପତି

ତିହିଡି, (ସବ୍ୟୁ): ତିହିଡି ବ୍ଲକ ବିଜେଡି ସଭାପତି ଭାବେ ବରିଷ୍ଠ ରାଜନେତା ସୁରେନ୍ଦ୍ର ନାୟକଙ୍କୁ ନିଯୁକ୍ତି ଦିଆଯାଇଛି । ଫତେପୁର ପଞ୍ଚାୟତ ଅଧିନ ବଡଗାଲୋ ଗାଁର ସୁରେନ୍ଦ୍ର ୧୯୭୪ରୁ ରାଜନୀତିରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ଆସିଛନ୍ତି । ସେ ୧୯୯୬ରୁ ୨୦୦୫ ଯାଏଁ ତିହିଡି ବ୍ଲକର ଜନତାଦଳ ଓ ପରେ ବିଜେଡିର ସଭାପତି ଦାୟିତ୍ୱରେ ଥିଲେ । ଏହାବ୍ୟତୀତ ସେ ଅବିଭକ୍ତ କୋଲ୍ହ ପଞ୍ଚାୟତର ସରପଞ୍ଚଭାବେ ୨ଥର ନିର୍ବାଚିତ ହୋଇଥିଲେ । ସ୍ୱର୍ଗତ ଅର୍ଜୁନ ସେଠୀ କେନ୍ଦ୍ର ମନ୍ତ୍ରୀ ଥିବା ବେଳେ ସେ ତାଙ୍କର ବାଲେଶ୍ୱର ଜିଲ୍ଲା ପ୍ରତିନିଧି ଓ ସାଂସଦ ଥିବା ବେଳେ ତାଙ୍କର ତିହିଡି ବ୍ଲକ ପ୍ରତିନିଧି ଦାୟିତ୍ୱ ତୁଲାଇଥିଲେ । ତିହିଡି ବ୍ଲକ ବିଜେଡି ସଙ୍ଗଠନକୁ ସଶକ୍ତ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ଏହି ପଦବୀ ପାଇବା ପରେ ଶ୍ରୀ ନାୟକ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ, ଉପ ସଭାପତି ପ୍ରଣବପ୍ରକାଶ ଦାସ, ବିଧାୟକ ବ୍ୟୋମକେଶ ରାୟ, ପ୍ରାକ୍ତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବିଜୟ ନାୟକ ଓ ରାଜେନ୍ଦ୍ର ଦାସ ଏବଂ ଡା.ସଞ୍ଜୟ ଦାସ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଏକତରଫା ପ୍ରେମରୁ ହତ୍ୟା
# ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ, ଅଜୀବନ କାରାଦଣ୍ଡାଦେଶ

ରାୟଗଡା, (ସବ୍ୟୁ) : ଏକତରଫା ପ୍ରେମରୁ ହତ୍ୟାକାଣ୍ଡ ମାମଲାରେ ଶୁଣାଣି କରି ରାୟଗଡ଼ା ଅତିରିକ୍ତ ଜିଲା ଦୌରାଜଜ୍ ଅକ୍ସନା ସ୍ୱାଇଁ ଶନିବାର ରାୟ ଶୁଣାଇଛନ୍ତି । ଏହି ମାମଲାରେ ଅଭିଯୁକ୍ତ ରଶିକ ଓରଫ ପ୍ରକାଶ ପ୍ରଧାନୀକୁ କୋର୍ଟ ଦୋଷୀ ସାବ୍ୟସ୍ତ କରି ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଦଫା ୩୦୯/୩୦୨/୩୨୪ ଅନୁସାରେ ଦଣ୍ଡିତ କରି ୫୦ ହଜାର ଟଙ୍କା ଜରିମାନା ନିମନ୍ତେ ରାୟରେ ଉଲ୍ଲେଖ କରିଛନ୍ତି । ଜରିମାନା ଅନାଦେୟ ହେଲେ ଅତିରିକ୍ତ୧ବର୍ଷ ସଶ୍ରମ କାରାଦଣ୍ଡ ପାଇଁ ଆଦେଶ ଦେଇଛନ୍ତି ।

ଘଟଣାଟି ହେଲା ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଟିକିରି ଥାନା ଅନ୍ତର୍ଗତ ସାନମାଟିକଣା ଗ୍ରାମର ଦୁର୍ଯ୍ୟ ମାଝୀ ଟିକିରି ଥାନାରେ ନିଜ ଝିଅ ରୀମା ମାଝୀର ହତ୍ୟାକୁ ନେଇ ଏତଲା ଦେଇଥିଲେ । ୦୩/୦୯/୨୨ ଦିନ ଟିକିରି ଥାନା କେସ ୧୨୦ନମ୍ବରେ ଦର୍ଶାଇଥିଲେ ଯେ ତାଙ୍କ ଝିଅ ରୀମା ମାଝୀ ଓ ତାର ସାଙ୍ଗ ଜମ୍ପାନୀ ମାଝୀ ଉଷାପଡ଼ା ଗ୍ରାମରେ କର୍ମାକର ମହାପାତ୍ରଙ୍କ ଜମିରେ ମଜୁରିଆ ରୂପେ କାର୍ଯ୍ୟ କରୁଥିଲେ । ମଧ୍ୟାହ୍ନ ଭୋଜନ ପରେ ଜମିରେ ବିଶ୍ରାମ ନେଲା ବେଳେ ମୁଣ୍ଡା ଗ୍ରାମର ରଶିକ ପ୍ରଧାନୀ (୫୦) ସେହି ଜାଗାକୁ ଆସି ରୀମାର ଗଳାକୁ ଏକ ଧାରୁଆ ଛୁରୀ ଦ୍ୱାରା କାଟିଦେଇଥିଲା । ଘଟଣା ବେଳେ ଉପସ୍ଥିତ ଥିବା ଜମ୍ପାନୀ ମାଝୀ ହସ୍ତକ୍ଷେପ କରିବାରୁ ତାଙ୍କ ହାତକୁ କାଟିଦେବା ଫଳରେ ସେ ଘଟଣାସ୍ଥଳରୁ ଦୌଡ଼ି ପଳାଇଯାଇଥିଲେ । ପୁଣି ଥରେ ରଶିକ ଧାରୁଆ ଛୁରୀ ଦ୍ୱାରା ରୀମାର ଗଳା କାଟିଥିଲା। ଏତଲାରେ ଦର୍ଶାଯାଇଥିଲାରେ ଅଭିଯୁକ୍ତ ରଶିକ ରୀମାଙ୍କୁ ପ୍ରେମ ନିବେଦନ କରି ତାଙ୍କୁ ହଇରାଣ ହରକତ କରୁଥିଲା ।

ଏଥିରେ ଅତିଷ୍ଠ ହୋଇ ସେ ନିଜ ପରିବାରକୁ ଜଣାଇବା ପରେ ଗ୍ରାମରେ ଏକ ବୈଠକ ହୋଇଥିଲା ଏବଂ ରଶିକକୁ ଏଭଳି ନକରିବା ପାଇଁ ସତର୍କ କରାଯାଇଥିଲା । ଏଥିରେ ପ୍ରତିଶୋଧ ପରାୟଣ ହୋଇ ଏଭଳି କାଣ୍ଡ ଭିଆଇଥିଲା । ପୁଲିସ ଏହି ଘଟଣାର ସାଇଣ୍ଟିଫିକ ଦଳର ସାହାଯ୍ୟ ନେଇ ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଥିଲେ । ୨୩ଜଣ ସାକ୍ଷୀଙ୍କ ବୟାନ ଏବଂ ପ୍ରମାଣ ଆଧାରରେ କୋର୍ଟ ରାୟ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ଏହି ମାମଲାକୁ ଏପିପି ରାମପ୍ରସାଦ ପାତ୍ର ପରିଚାଳନା କରୁଥିଲେ ।

# ପିସିସିଏଫଙ୍କ ତିନିଦିନିଆ କଳାହାଣ୍ଡି ଗସ୍ତ



ଭବାନୀପାଟଣା, (ସବ୍ୟୁ) : ପିସିସିଏଫ ସୁରେଶ ପନ୍ଥ ତିନିଦିନିଆ କଳାହାଣ୍ଡି ସର୍କଲ ଗସ୍ତ କରି ବିଭିନ୍ନ ପ୍ରକାର ବନିକରଣ ପ୍ରକଳ୍ପ, ଚାରା ଉତ୍ପାଦନ କେନ୍ଦ୍ର ଆଦି ବୁଲି ତଦାରଖ କରିବାସହ ନବନିର୍ମିତ କର୍ମଚାରୀ ବାସଗୃହ ଉଦଘାଟନ କରି ଜଙ୍ଗଲ, ଜମି, ଜୀବିକା ଓ ପରିବେଶ ଉପରେ ଗୁରୁତ୍ୱାରୋପ କରିଥିଲେ ।

ପ୍ରଥମେ ଶ୍ରୀ ପନ୍ଥ ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ବାହାରି ଉତ୍କେଲା ଉଡ଼ାଜାହାଜ ପଡିଆ ଠାରେ ଅବତୀର୍ଣ୍ଣ ହୋଇଥିଲେ । ସେଠାରେ ତାଙ୍କୁ କଳାହାଣ୍ଡି ସର୍କଲ ତରଫରୁ ନିଜେ ଆର ସି ସି ଏଫ ସନ୍ତୋଷ ଯୋଶୀ, ବନଖଣ୍ଡ ଅଧିକାରୀ ରମେଶ କୁମାର, ଏସ ସି ଏଫ ଲିଲି ଅମାନିତ୍ୟା ଏବଂ କେସିଙ୍ଗା ରେଞ୍ଜର ସ୍ନିଗ୍ଧା ସରିତା ବଳିୟାର ସିଙ୍ଗ ପ୍ରମୁଖ ସ୍ୱାଗତ କରିଥିଲେ । ପରେ ସରକାରୀ ଗାଡିଯୋଗେ ଖରିଆର ବନଖଣ୍ଡ, ବଲାଙ୍ଗୀର ବନଖଣ୍ଡ ଅଧିକାରୀଙ୍କ ଅଧୀନରେ ଥିବା ରେଞ୍ଜ କାର୍ଯ୍ୟାଳୟ ଯିବାସହ ବିଭିନ୍ନ ପ୍ରକଳ୍ପ ବୁଲିଦେଖିଥିଲେ । ସେଇଭଳି କଳାହାଣ୍ଡି ଉତ୍ତର ବନଖଣ୍ଡ କେସିଙ୍ଗା ରେଞ୍ଜ ଅଧୀନ କଣ୍ଡୁରପଡା ସେକ୍ସନ ଦ୍ୱାରା ତହନଶୀର ଗ୍ରାମରେ ହୋଇଥିବା ବନୀକରଣ କାର୍ଯ୍ୟ ଏବଂ ସେଣ୍ଟ୍ରାଲ ନର୍ସରୀ ଆଦି ତଦାରଖ କରିଥିଲେ । ପରେ କେସିଙ୍ଗା ବଗାଡ ଠାରେ ନବନିର୍ମିତ କର୍ମଚାରୀ ବାସଗୃହ ଉଦ୍ଘାଟନ କରି ଭବାନୀପାଟଣା ରେଞ୍ଜ ଅଧୀନ କର୍ଲାପଡା ସେକ୍ସନ ତୁର୍ପି ଠାରେ କରଯାଇଥିବା ବନିକରଣ ପ୍ରକଳ୍ପ ବୁଲିଦେଖିଥିଲେ ।

ସେହିଭଳି ଭବାନୀପାଟଣା ସେକ୍ସନ କେ ବି କେ ବନିକରଣ, ଓୟୁଏଟି ପରିସରରେ କରାଯାଇଥିବା ବନିକରଣ କାର୍ଯ୍ୟ ଏବଂ ଶଗଡା ସ୍ଥିତ ମେଗା ନର୍ସରୀ ଏବଂ ସେଠାରେ ନିର୍ମିତ ହୋଇଥିବା ହାତି ସୁରକ୍ଷା ଓ ଚିକିତ୍ସା କେନ୍ଦ୍ର ବୁଲି ତଦାରଖ କରିଥିଲେ । ପରେ ଭବାନୀପାଟଣା ରେଞ୍ଜ କାର୍ଯ୍ୟାଳୟରେ ରାପିଡ଼ ରେସପନ୍ସ ସେଣ୍ଟର ଦେଖିବା ସହ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ । ସେଠାରୁ ଭବାନୀପାଟଣା ଠାରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ରାବଣଦୋର ଜଳପ୍ରପାତକୁ ବୁଲିଦେଖିବା ସହ ତାର ଉନ୍ନତି କରଣ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ ଶ୍ରୀ ପନ୍ଥ । ଦେପୁର ସିନାଙ୍ଗଭଟା ଗ୍ରାମରେ ବନ ସୁରକ୍ଷା ସମିତିକୁ ଗ୍ରୀନ ଇଣ୍ଡିଆ ମିଶନ ଯୋଜନାରେ ବଡି ଏବଂ ପେପେର ପ୍ଲେଟ ତିଆରି ମେସିନ ବଣ୍ଟନ କରିବା ସହ ସେମାନଙ୍କୁ ଜଙ୍ଗଲ, ଜୀବିକା ଓ ପରିବେଶ ସୁରକ୍ଷା ନିମନ୍ତେ ଗଠିତ ବନସୁରକ୍ଷା ସମିତିର ସଭ୍ୟା ସଭ୍ୟ ମାନଙ୍କ ମନୋବଳ ବୃଦ୍ଧି ନିମନ୍ତେ ଉତ୍ସାହିତ କରିଥିଲେ । ସମସ୍ତ କାର୍ଯ୍ୟ ତଦାରଖ କରି ବିଶ୍ରାମ ନିମନ୍ତେ ଫରେଷ୍ଟ ଗେଷ୍ଟ ହାଉସ ଆସିବା ପରେ ସେଠାରେ ଅପେକ୍ଷାରତ ଓଡିଶା ଅଣ ଗେଜେଟେଡ଼ ବନସେବା ସଂଘର ରାଜ୍ୟ ଉପସଭାପତି ଭବାନୀ ଶଙ୍କର ପରିଛା, କଳାହାଣ୍ଡି ଉତ୍ତର ବନସେବା ସଂଘର ସଭାନେତ୍ରୀ ଗୁର୍ମି ମହାରଣା, ସହ ସମ୍ପାଦିକା ଜୋତ୍ସ୍ନା ରାଣୀ ବେହେରା, କୋଷାଧକ୍ଷ ମାନସ ରଞ୍ଜନ ସାହୁ,ଦକ୍ଷିଣ ବନଖଣ୍ଡ ବନସେବା ସଂଘର ସଭାପତି ବିରଞ୍ଚି ନାରାୟଣ ପଣ୍ଡା, ଉପସଭାପତି ଚିନ୍ମୟ ଦାସ, ସମ୍ପାଦକ ସୂଚିତ୍ର ପ୍ରଧାନ ଏବଂ କୋଷାଧକ୍ଷ ବ୍ରଜସୁନ୍ଦର ବେହେରା ପ୍ରମୁଖ ଶ୍ରୀ ପନ୍ଥଙ୍କୁ ସ୍ୱାଗତ କରିବା ସହ ସୌଜନ୍ୟ ମୂଳକ ସାକ୍ଷାତ ଆଲୋଚନା କରି କର୍ମକ୍ଷେତ୍ରରେ ଉପୁଜିଥିବା କର୍ମଚାରୀ ମାନଙ୍କର ବିଭିନ୍ନ ସମସ୍ୟା ଏବଂ ତାର ସମାଧାନ ଉପରେ ଆବଶ୍ୟକ ପଦକ୍ଷେପ ନେବାକୁ ଅବଗତ କରିଥିଲେ ।

## କୋକସରାରେ ରବି ମଣ୍ଡି ଉଦ୍‌ଘାଟିତ
# ପ୍ରଥମ ଦିନରେ ୫ ଚାଷୀଙ୍କ ଧାନ କ୍ରୟ



କୋକସରା, (ସବ୍ୟୁ): କଳାହାଣ୍ଡି ଜିଲ୍ଲା କୋକସରା କୃଷି ସମବାୟ ପକ୍ଷରୁ ଶନିବାର ରବି ମଣ୍ଡି ଉଦଘାଟନ ହୋଇଯାଇଛି । ସମବାୟ ସମିତିର ସମ୍ପାଦକ ନିରଞ୍ଜନ ପ୍ରସାଦ ବାଗ ଓ ଆରଏମସି କର୍ମଚାରୀ ରାହାସ ବିହାରୀ ଧଙ୍ଗଡ଼ା ମାଝୀଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ସାଂସଦଙ୍କ କୋକସରା ବ୍ଲକ ପ୍ରତିନିଧି ପ୍ରମୋଦ କୁମାର ପ୍ରଧାନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂଜାର୍ଚ୍ଚନା ପରେ ମଣ୍ଡିରୁ ଧାନ କ୍ରୟ ଆରମ୍ଭ ହୋଇଥିଲା ।


ଚଳିତ ବର୍ଷ ମେଗାଲିଫ୍ଟ କେନାଲରୁ ଜଳସେଚନ ବନ୍ଦ ରହିଥିବା ବେଳେ କିଛି ଚାଷି ନିଜସ୍ୱ ଉଦ୍ୟମରେ ଧାନ ଫସଲ କରିଛନ୍ତି। ସମବାୟ ସମିତି ଅନ୍ତର୍ଗତ ଚିଲିଗୁଡା ଓ ମାଝୀଗୁଡାର ୧୫ ଜଣ ଚାଷୀ ଏହି ମଣ୍ଡି ରେ ୭୩୮ କ୍ୱିଣ୍ଟାଲ ଧାନ ବିକ୍ରି କରିବା ପାଇଁ ପଞ୍ଜିକୃତ କରିଥିବା ଜଣାପଡ଼ିଛି। ପ୍ରଥମ ଦିନରେ ୫ ଜଣ ଚାଷୀଙ୍କ ୨୫୪ କ୍ୱିଣ୍ଟାଲ ଧାନ ବିକ୍ରି ହେବା ନେଇ ପେକ୍ସ ସମ୍ପାଦକ ସୂଚନା ଦେଇଛନ୍ତି। ଏହି ଅବସରରେ ଆରଏମସି କର୍ମଚାରୀ ଗଗନ ବିହାରୀ ସିଂ, ପୂଜା ସାଗର, ପେକ୍ସ କର୍ମଚାରୀ ଧନଞ୍ଜୟ ବେହେରା,କୁଳମଣି ଖମାରି ସମେତ ସ୍ଥାନୀୟ ଅଞ୍ଚଳର ଚାଷୀ ରଞ୍ଜିତ ନାଏକ, ସୁଧୀର ରଞ୍ଜନ ପଣ୍ଡା, ଜଗ ଜୀବନ ପଣ୍ଡା, କ୍ଷିତି ନାଏକ, ସୁବୋଧ ପଣ୍ଡା ସମେତ ମିଲ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଶିଶୁ ସୁରକ୍ଷା କର୍ମଶାଳା

ଭବାନୀପାଟଣା,(ସବ୍ୟୁ): ଜିଲ୍ଲା ପ୍ରସାଶନ, କଳାହାଣ୍ଡି ପକ୍ଷରୁ ଶିଶୁ ସୁରକ୍ଷା ଉପରେ ଏକ କର୍ମଶାଳା, ଏଡ୍ ଏଟ୍ ଆକ୍ସନ ଓ ୟୁନିସେଫର ବୈଷୟିକ ସହାୟତାରେ ଆୟୋଜନ କରାଯାଇଥିଲା । ଆରମ୍ଭରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ମୁଜିବୁନ ନିଶା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ବୈଠକରେ ଏଡ୍ ଏଟ୍ ଆକ୍ସନର ପ୍ରୋଗ୍ରାମ ମ୍ୟାନେଜର ସରୋଜ କୁମାର ବାରିକ ଯୋଗଦେଇ ବୈଠକର ଉଦ୍ଦେଶ୍ୟ, ମିଶନ ବାତ୍ସଲ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଶିଶୁ ଅସହାୟତା ଆକଳନ ଓ ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଆକଳନ ଏବଂ ଯୋଜନା ମାଧ୍ୟମରେ ଜିଲ୍ଲାର ସମସ୍ତ ଅସହାୟ ଶିଶୁ ମାନଙ୍କୁ ସୁରକ୍ଷା ପ୍ରଦାନ ସହ ଏକ ଶିଶୁ ଅନୁକୂଳ ପରିବେଶ ସୃଷ୍ଟି ହୋଇପାରିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ।

ଶିଶୁ ମଙ୍ଗଳ ସମିତି ମେମ୍ବର ସଞ୍ଜୟ କୁମାର କିପରି ଭାବରେ ଗ୍ରାମ ସ୍ତରିତ ଶିଶୁ ସୁରକ୍ଷା କମିଟିକୁ ସୁଦୃଢ କରି ଶିଶୁ ଅନୁରୂପ ଗ୍ରାମ ତଥା ପଞ୍ଚାୟତ କରିହେବା ଏହି ବିଷୟରେ କହିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କିପରି ଭାବରେ ଯେଉଁ ଶିଶୁ ମାନେ ଅଧରୁ ପାଠପଢା ଛାଡ଼ିଥିବା ଶିଶୁ ମାନଙ୍କୁ ଶିକ୍ଷ୍ୟାର ମୁଖ୍ୟ ସ୍ରୋତରେ ସାମିଲ କରିବାର ବିଭିନ୍ନ ବିଷୟରେ ଆଲୋକପାତ କରିଥିଲେ। ଜିଲ୍ଲାସ୍ତରୀୟ ସମସ୍ତ ବିଭାଗର ଅଧିକାରୀ ଯୋଗଦେଇ ନିଜ ବିଭାଗ ଦ୍ୱାରା ଶିଶୁ ମାନଙ୍କୁ କିପରି ଭାବରେ ସରକାରଙ୍କ ଦ୍ୱାରା ଚାଳିତ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରିପାରିବେ ସେ ବିଷୟରେ ମତାମତ ରଖିଥିଲେ । ଏଡ୍ ଏଟ୍ ଆକ୍ସନର ଜିଲ୍ଲା ସଂଯୋଜକ ଦିବ୍ୟ ରଞ୍ଜନ ଯୋଷୀ । କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ସିଡିପିଓ, ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦାନ କରିଥିଲେ ।ଶେଷରେ ପ୍ରୋଟେକ୍ସନ ଅଫିସର ସୂଚରିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ୪ରୁ ରାଜ୍ୟସ୍ତରୀୟ ସଂକୀର୍ତ୍ତନ ମହୋତ୍ସବ




କନ୍ଧମାଳ,(ସବ୍ୟୁ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ସ୍ଥିତ ହରିଶଙ୍କର କଳା ମଣ୍ଡପ ଠାରେ ୨୦ତମ ଲୋକ କଳା ମହୋତ୍ସବ ଓ ରାଜ୍ୟସ୍ତରୀୟ ସଂକୀର୍ତ୍ତନ ମହୋତ୍ସବର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବ ଆବାହକ ଦିବ୍ୟଶଙ୍କର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଚଳିତ ବର୍ଷ ନୂତନ ଚିନ୍ତାଧାରାରେ ଆୟୋଜିତ ରାଜ୍ୟସ୍ତରୀୟ ସଂକୀର୍ତନ ମହୋତ୍ସବରେ ରାଜ୍ୟ ଓ ରାଜ୍ୟ ବାହାରୁ ସୁନାମଧନ୍ୟ ଗାୟକ ଓ ବାହକଙ୍କ ଯୋଗଦେବା ସମ୍ପର୍କରେ ଆଲୋଚନା ହୋଇଥିଲା । ତିନିଦିନ ଧରି ହେବାକୁଥିବା ଉକ୍ତ ଉତ୍ସବରେ ସମୁଦାୟ ୨୫ଟି ସଂକୀର୍ତ୍ତନ୍ୟ ଦଳ ଭାଗ ନେବେ । ବିଭିନ୍ନ ସମୟରେ ସାମାଜିକ ଗଣମାଧ୍ୟମରେ ଲୋକପ୍ରିୟତା ଅର୍ଜନ କରିଥିବା ସୁନାମଧନ୍ୟ କଣ୍ଠଶିଳ୍ପୀ ମାନଙ୍କୁ ଉକ୍ତ ମଞ୍ଚରେ ଦେଖିବାକୁ ମିଳିବ ବୋଲି ବକ୍ତାମାନେ କହିଥିଲେ। ସମ୍ପୂର୍ଣ୍ଣ ଆଧାତ୍ମିକ ଚିନ୍ତାଧାରାକୁ ନେଇ ହେବାକୁଥିବା ଏହି ମହୋତ୍ସବ କିଭଳି ଲୋକଙ୍କ ମନଛୁଆଁ ହୋଇପାରିବ ସେ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଜୁନ ମାସ ୪, ୫ ଓ ୬ ତାରିଖ ତିନିଦିନ ଧରି ହେବାକୁଥିବା ଏହି ମହୋତ୍ସବ ପ୍ରତ୍ୟେହ ଅପରାହ୍ନ ୩ଘଣ୍ଟା ଠାରୁ ରାତି ୧୦ଘଣ୍ଟା ପର୍ଯ୍ୟନ୍ତ ହେବ ବୋଲି ଚୂଡାନ୍ତ ନିଷ୍ପତ୍ତି ନିଆଯାଇଥିଲା ।

ବୈଠକରେ ମହୋତ୍ସବ କମିଟି ସମ୍ପାଦକ ଓମପ୍ରକାଶ ମିଶ୍ର,ଧର୍ମେନ୍ଦ୍ର ରଣା, ପ୍ରଦୀପ ଦାସ,ପୂର୍ଣ୍ଣ ଚନ୍ଦ୍ର ଖଟୁଆ,ଅରୁଣ ଖଟୁଆ,ଜୟ କୁମାର ମହାରଣା,ଶରତ କୁମାର ସାହୁ,ମନୋଜ କୁମାର ରାଜହଂସ,ରାଜକିଶୋର ବାଘ,ବିଶ୍ୱାମିତ୍ର ପାଢ଼ୀ, ଅରୁଣ ରଣା ସମେତ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ ।

## ପଥରରେ ଛେଚି ହତ୍ୟା
# ଦୋଷୀଙ୍କୁ ୨୦ ବର୍ଷ କାରାଦଣ୍ଡ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ଅଭିଳାଶ ସେନାପତି ଏକ ହତ୍ୟା ମାମଲାର ବିଚାର କରି ଶନିବାର ରାୟ ପ୍ରଦାନ କରିଛନ୍ତି । ଅଭିଯୁକ୍ତ କୁଚିଣ୍ଡାର ମୂଳନିବାସୀ ସୁରଜ କିସାନଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୫୦ହଜାର ଟଙ୍କା ଜରିମାନା କରିଥିବା ବେଳେ ଅର୍ଥ ଅନାଦେୟ ଦେଲେ ଅଧିକ ୧ବର୍ଷ ଦଣ୍ଡାଦେଶ ରହିଛି । ମୃତ ବ୍ୟକ୍ତିର ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ, ବୁର୍ଲା ଥାନା ଅନ୍ତର୍ଗତ ଧୁଡିଆପଡାରେ କୁଚିଣ୍ଡା ଠାକୁର ନିକିତିମାଲ ଗ୍ରାମର ସୁରଜ କିସାନ(୨୨)ଭଡାରେ ରହୁଥିଲେ । ସେ ମଜୁରିଆ ଭାବେ କାମ କରୁଥିବା ବେଳେ ଗତ ୩୦ଜୁଲାଇ, ୨୦୨୨ରେ ସେହି ଅଞ୍ଚଳର ବିନୋଦ ଓରାମଙ୍କୁ ପଥର ଛେଚି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା । ବୁର୍ଲା ଥାନା ପୋଲିସ ୪୫୦/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସୁରଜକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ତତ୍‌କାଳୀନ ଥାନା ଅଧିକାରୀ ଏହ ଘଟଣାର ତଦନ୍ତ କରି ଅଭିଯୁକ୍ତ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ କରିଥିଲେ । ମୋଟ ୧୬ଜଣ ସାକ୍ଷ୍ୟ ବୟାନକୁ ଭିତ୍ତି କରି କୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି । ଏହି ମାମଲାକୁ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ ।

# ସୁସ୍ଥ ସମାଜ ଗଠନ ପାଇଁ ତମ୍ବାଖୁ ବର୍ଜନ କରିବାକୁ ମହିଳା ସମିତିର ଆହ୍ୱାନ




ବରଗଡ଼,(ସବ୍ୟୁ): ତମାଖୁ ରାକ୍ଷସ କାହାର ସ୍ୱପ୍ନ ଉଜାଡ଼ି ଦେଉଛି, ଆଉ କାହାର ସଂସାର । କିଏ ନିଜେ ରୋଗ ଯନ୍ତ୍ରଣାରେ ଛଟପଟ ତ ଆଉ କିଏ ଯେମିତି ପୂରା ପରିବାରକୁ ଭସାଇ ଦେଇଯାଇଛି ସମୁଦ୍ର ମଝିରେ । ତମାଖୁ ସେବନ ଦ୍ୱାରା ସମାଜରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଅନେକ କ୍ଷତି ହେଉଛି। କ୍ୟାନସର ମୁକ୍ତ ତଥା ସୁସ୍ଥ ସବଳ ସମାଜ ଗଠନ ସକାଶେ ତମ୍ବାଖୁ ବର୍ଜନ କରିବାକୁ ବରଗଡ଼ ମହିଳା ସମିତି ସବିନୟ ଆହ୍ୱାନ ଜଣାଇଛି ।

ବରଗଡ଼ ମହିଳା ସମିତି ପକ୍ଷରୁ ଆଜି ବିଶ୍ୱ ତମ୍ବାଖୁ ଦିବସ ପାଳନ ଅବସରରେ ବିଶିଷ୍ଟ ସମାଜ ସେବୀ ଗୀତା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ତମ୍ବାଖୁ ଏବଂ ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ ବ୍ୟବହାର ବହୁଳ ମାତ୍ରାରେ ବଢ଼ିବାକୁ ଲାଗିଥିବା ବେଳେ ଆକାଶ କୁସୁମ ର ଆକର୍ଷଣ ପରି ଯୁବ ସମାଜ ଏଥିରେ ଆକର୍ଷିତ ହୋଇ ଏକ ବିପଦମୁଖୀ ଭବିଷ୍ୟତ ଆଡ଼କୁ ମୁହାଉଛନ୍ତି ବୋଲି ଉଦବେଗ ପ୍ରକାଶ କରିଥିଲେ ।

ମୁଖ୍ୟବକ୍ତା ଭାବରେ ସମାଜସେବୀ ପ୍ରିତମ ସିଂ ଓଡ଼ିଶାରେ ପ୍ରାୟ ୩୦ ପ୍ରତିଶତ ବୟସ୍କ ବ୍ୟକ୍ତି ଅଭ୍ୟାସଗତ ଭାବରେ ଏବଂ ପାଞ୍ଚ ପ୍ରତିଶତ ଲୋକ ସୌଖିନ ଭାବରେ ତମ୍ବାଖୁ ଓ ଧୁମପାନ କରୁଛନ୍ତି ଏବଂ ତମ୍ବାଖୁ ଜନିତ କାରଣରୁ ଅସ୍ୱାଭାବିକ ମୃତ୍ୟୁ ହାର ବୃଦ୍ଧି ପାଇବାରେ ଲାଗିଛି ବୋଲି ଦର୍ଶାଇ ଉଦବେଗ ପ୍ରକାଶ କରିଥିଲେ। ତମ୍ବାଖୁ କେବଳ କ୍ୟାନସରର କାରଣ ତାହା ନୁହେଁ ଏହା ହୃଦରୋଗ, ଶ୍ୱାସଜନିତ ରୋଗ, ବ୍ରେନ୍‌ଷ୍ଟ୍ରୋକ୍ ଆଦିର କାରଣ ସାଜୁଛି। ସେଥିପାଇଁ ସମସ୍ତେ ମାନସିକ ସ୍ତରରେ ଦୃଢ଼ମନା ହୋଇ ତମ୍ବାଖୁ ତଥା ଧୁମପାନ ଠାରୁ ଦୂରେଇ ରହିବାକୁ ସଭାରେ ସଭାପତିତ୍ୱ କରି ମହିଳା ସମିତିର ସଭାନେତ୍ରୀ ଅଞ୍ଜନା ଦାସ ଜନସାଧାରଣଙ୍କୁ ସମିତି ପକ୍ଷରୁ ଅନୁରୋଧ ଜଣାଇଥିଲେ । ପ୍ରାରମ୍ଭରେ ମମତା ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ ଏବଂ ଶେଷରେ ସମ୍ପାଦିକା ସୁଧାଂଶୁବାଳା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶ୍ୱ ତମାଖୁ ବର୍ଜନ ଦିବସ

ଭବାନୀପାଟଣା, (ସବ୍ୟୁ): ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଶ୍ୱ ତମାଖୁ ବର୍ଜନ ଦିବସ-୨୦୨୫ ପାଳିତ ହୋଇଛି। ଚଳିତ ବର୍ଷର ଶୀର୍ଷକ ଉଜ୍ଜଳ ଦ୍ରବ୍ୟ, ଅନ୍ଧକାର ଲକ୍ଷ୍ୟ: ଏକ ଖୋଲା ନିବେଦନ ଉପରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଛବିଲାଲ ସାହୁ ବାର୍ତ୍ତା ପ୍ରଦାନ କରି ତମାଖୁ ବର୍ଜନ ପାଇଁ ସମସ୍ତ ଯୁବବର୍ଗଙ୍କ ଉଦ୍ଦେଶ୍ୟରେ ଶପଥପାଠ କରାଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ ବିକଶିତ ଓଡିଶା ଓ ଭାରତ ପଥରେ ତମାଖୁ ବର୍ଜନର ଆବଶ୍ୟକତା ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢୀ, ପରମେଶ୍ୱର ମୁଣ୍ଡ, ଶୁଶାନ୍ତ କୁମାର ଦାଶ ଓ ଦୀନବନ୍ଧୁ ନାଗ ପ୍ରମୁଖ ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ସହଯୋଗ କରିଥିଲେ।

## ସ୍କୁଟିକୁ ଧକ୍କା ଦେଲା ଅଜଣା ଗାଡ଼ି: ଜଣେ ମୃତ

ସୁନ୍ଦରଗଡ଼, (ସବ୍ୟୁ): ଶନିବାର ରାତି ପ୍ରାୟ ୮ଟାରେ ସୁନ୍ଦରଗଡ଼ କିରେଇ ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣକର ମୃତ୍ୟୁ ହୋଇଛି । ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଦୁଇ ଯୁବକ ଏକ ସ୍କୁଟିରେ କିରେଇ ପଟୁ ସୁନ୍ଦରଗଡ଼କୁ ଆସୁଥିବାବେଳେ ପଛରୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ସ୍କୁଟି ଲୁହା ବ୍ୟାରିକେଡ଼ରେ ପିଟି ହୋଇଯାଇଥିଲା। ଏଥିରେ ସ୍କୁଟି ଆରୋହୀ ଯୁବକଙ୍କ ମୃତ୍ୟୁ ହୋଇଗଲା। ପଛରେ ବସିଥିବା ଯୁବକ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଭର୍ତ୍ତି କରିଛନ୍ତି। ମୃତାହତ ଦୁଇ ଯୁବକ ସୁନ୍ଦରଗଡ଼ ରିଜେଣ୍ଟ ମାର୍କେଟର ବୋଲି କୁହାଯାଉଥିଲେ ମଧ ସେମାନଙ୍କ ପରିଚୟ ହସ୍ତଗତ ହୋଇନାହିଁ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ସ୍କୁଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

## ବିକଶିତ କୃଷି ସଂକଳ୍ପ ଅଭିଯାନ ସଚେତନତା କାର୍ଯ୍ୟକ୍ରମ
# ମାଟି ପରୀକ୍ଷା ସହିତ ଜୈବିକ କୃଷି ପଦ୍ଧତି ଉପରେ ଗୁରୁତ୍ୱ



ଖପ୍ରାଖୋଲ, (ସବ୍ୟୁ): ଖପ୍ରାଖୋଲ ବ୍ଲକ୍ ତେଲେନପାଲି ଖେଳ ପଡିଆ ଠାରେ କୃଷି ଓ କୃଷକ ସଶକ୍ତ କରଣ ବିଭାଗ ତରଫରୁ ବିକଶିତ କୃଷି ସଂକଳ୍ପ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ବ୍ଲକ୍ କୃଷି ଅଧିକାରୀ ସନ୍ତୋଷ କୁମାର ମେହେରଙ୍କ ଅଧକ୍ଷତାରେ ଶନିବାର ଆୟୋଜିତ ହୋଇଯାଇଛି । ମୁଖ୍ୟ ଅତିଥି ରୂପେ ବଲାଙ୍ଗିର କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ କୃଷି ବୈଜ୍ଞାନିକ ଡକ୍ଟର ସତ୍ୟମୟ ଶତପଥି, ସମ୍ମାନୀତ ଅତିଥି ପାଟଣାଗଡ ଉଦ୍ୟାନ କୃଷି ସହ ନିର୍ଦ୍ଦେଶକ ପ୍ରମୋଦ କୁମାର ସେଠୀ, ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, କୃଷି ବୈଜ୍ଞାନିକ ରୁକେୟା ବେଗମ, ବ୍ଲକ୍ ଉପାଧକ୍ଷ ସୁଖିରାମ ଷାଣ୍ଡ,ସରପଞ୍ଚ ଶକୁନ୍ତଳା ବେହେରା , ଏଫ୍ ଇ ଏସ ମାଷ୍ଟର ଟ୍ରେନର ଡ ଅଭୟ ତ୍ରିପାଠୀ, ଶ୍ରୀ ଅନ୍ନ ଅଭିଯାନର ବ୍ଲକ୍ ସଂଯୋଜକ ଉମେଶ ଗୁପ୍ତା ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷି, ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ, ମତ୍ସ୍ୟ ଓ ମୃତ୍ତିକା ସଂରକ୍ଷଣ ବିଭାଗ ର ଯୋଜନା ଆଲୋକପାତ କରିଥିଲେ । ସରକାରଙ୍କ କୃଷି ଓ କୃଷକଙ୍କ ବିକାଶ ସହିତ ଆୟ ଦ୍ୱିଗୁଣିତ ପାଇଁ ନିଆଯାଉଥିବା ପଦକ୍ଷେପ ଉପରେ ସଚେତନତା ବାର୍ତ୍ତା ଦେବା ସହିତ ସାମିଲ ହେବାକୁ କହିଥିଲେ ।

ସେହିପରି ମାଟି ପରୀକ୍ଷା ଓ ଜୈବିକ କୃଷି ଉପରେ ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ ୧୨ଜଣ ଚାଷୀଙ୍କୁ ମାଟି ପରୀକ୍ଷା ପ୍ରମାଣ ପତ୍ର ବଣ୍ଟନ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ସହକାରୀ କୃଷି ଅଧିକାରୀ ସୁମନ୍ତ ଖମାରୀ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜିନିତା ବରୁଆ, ଏ ଟି ଏମ ପରେଶ ମେହେର, ମାନସ ଖମାରୀ ସମେତ ଏମ ବି କେ, ସି ଆର ପି, କୃଷକ ସାଥି, କୃଷି ମିତ୍ର, ଚାଷୀ ଉପସ୍ଥିତ ଥିଲେ । ସହକାରୀ କୃଷି ଅଧିକାରୀ ଦୀନବନ୍ଧୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ସେହିପରି ଟଙ୍କପାଣି ପଞ୍ଚାୟତ ସାରେଇବାହାଲ ହାଇସ୍କୁଲ ପରିସରରେ ମଧ ଏକ ବିକଶିତ କୃଷି ସଂକଳ୍ପ ଅଭିଯାନ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ବ୍ଲକ୍ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର ଅଧକ୍ଷତା କରିଥିବା ବେଳେ କୃଷି ବୈଜ୍ଞାନିକ,ସ୍ଥାନୀୟ ସରପଞ୍ଚ ସୁନାଫୁଲ ନାଗ ସମେତ କୃଷି ବିଭାଗ ଅଧିକାରୀ, ଶତାଧିକ ମହିଳା ଓ ପୁରୁଷ ଚାଷୀ ଯୋଗଦେଇଥିବା ବେଳେ ୮ ଜଣଙ୍କୁ ମାଟି ପରୀକ୍ଷା ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା ।

## ଶ୍ରୀଶ୍ରୀ ସ୍ୱପ୍ନେଶ୍ୱର ମହାଦେବ ବାବା-ମାତା ପାର୍ବତୀଙ୍କ ବିବାହ ଉତ୍ସବ ସମ୍ପନ୍ନ



ପଦ୍ମପୁର,(ସବ୍ୟୁ): ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ହିନ୍ଦୁ ମାନ୍ୟତା ଅନୁଯାୟୀ ଦେବାଦୀ ଦେବ ମହାଦେବ ଏବଂ ଶକ୍ତି ସ୍ୱରୂପିଣୀ ମା ଜଗତ ଜନନୀ ପାର୍ବତୀଙ୍କ ପବିତ୍ର ବିବାହ ତିଥି ହିସାବରେ ପାଳନ କରାଯାଇଥାଏ। ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ରତାପରୁ ଏହି ତିଥିରୁ ପ୍ରକୃତି ପରିବେଶକୁ ଶୀତଳତାକୁ ପରିବର୍ତ୍ତିତ କରିଥାଏ। ତେଣୁ ଏହି ତିଥିରେ ହିଁ ଶିବ ପାର୍ବତୀ ବିବାହ ଉତ୍ସବ ଆୟୋଜନ ହେବା ସହ ଷଷ୍ଠୀରେ ଯୁଗଳ ଦର୍ଶନ ଦିଅନ୍ତି ଦେବ ଦମ୍ପତ୍ତି ଯାହାକୁ ଶୀତଳଷଷ୍ଠୀ ଭବରେ ମହାସମାରୋହରେ ପାଳନ କରନ୍ତି ଲୋକେ। ସେହି ପରିପେକ୍ଷିରେ ପଦ୍ମପୁର ସାର୍ବଜନୀନ ଶୀତଳଷଷ୍ଠୀ କମିଟି, ପଦ୍ମପୁର ତରଫରୁ ମଧ ପଦ୍ମପୁର କଣ୍ଟାବନ୍ଧ ସ୍ଥିତ ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବ ବାବାଙ୍କ ବିବାହ ଏବଂ ମାତା ପାର୍ବତୀଙ୍କ ଶୀତଳଷଷ୍ଠୀ ଉତ୍ସବ ଆୟୋଜିତ ହୋଇଥିଲାଛ ଶ୍ରୀ ଶ୍ରୀ ସ୍ୱପେଶ୍ୱର ବାବାଙ୍କ ମନ୍ଦିରରେ ରୁଦ୍ରାଭିଶେଖ ସହ ବାବାଙ୍କ ପୂଜାପାଠ କରିବା ପରେ ମାନବୀୟ ପରମ୍ପରା ଓ ବୈଦିକ ରୀତିରେ ଉଭୟ ଶିବ ଶକ୍ତିଙ୍କ ହରିଦ୍ର ଲେପନ ଏବଂ ତାପରେ ଭବ୍ୟ ଶୋଭାଯାତ୍ରାରେ ପଞ୍ଚ ବାଦ୍ୟ, ଢୁଲ ଢୁଲୀ, ସଙ୍କୀର୍ତ୍ତନ, ସହ ଘଣ୍ଟ ଶଙ୍ଖ ଡମ୍ବରୁ ସହ ବୈଦିକ ମନ୍ତ୍ରରେ ସାରା ନଗର ପ୍ରକମ୍ପିତ ହୋଇ ଉଠିଥିଲା । ମହା ଭବ୍ୟ ପାଟୁଆଁରରେ ସର୍ବ ସୌମ୍ୟ ସୁନ୍ଦର ମନୋରମ ରାଜ ରାଜେଶ୍ୱର ଚନ୍ଦ୍ରଶେଖର ରୂପରେ ଦେବାଦୀ ଦେବ ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବ ବାବାଙ୍କ ଅଦ୍ଭୁତ ବିରାଟ ଭବ୍ୟ ବରଯାତ୍ରା ହଜାର ହଜାର ଭକ୍ତଙ୍କ ସମାଗମରେ ପଦ୍ମପୁର ଶ୍ରୀରାମ ନଗର ସ୍ଥିତ ମାତା ଜଗତ ଜନନୀ ପାର୍ବତୀଙ୍କ ପିତା ମାତା ଦାୟିତ୍ୱ ବହନ କରୁଥିବା ସ୍ୱର୍ଣ୍ଣକାନ୍ତି ସାହୁ ଏବଂ କେଦାର ସାହୁଙ୍କ ଘରେ ପହଞ୍ଚିବା ସହ ମହାସମାରୋହରେ ଦେବ ଦମ୍ପତ୍ତିଙ୍କ ବିବାହ ଉତ୍ସବ ସମ୍ପନ୍ନ ହୋଇଯାଇଛି।

ଶୋଭାଯାତ୍ରାରେ ପ୍ରାୟ ୧୧ଗୋଟି ପାରମ୍ପରିକ ବାଦ୍ୟ ଯଥା ସଂକୀର୍ତ୍ତନ, କଳଙ୍ଗୀ,ଘୁମରା,ଡଣ୍ଡା ନାଚ,ଢୁଲଢୁଲି ଦଳ ସାମିଲ ହୋଇଥିବା ବେଳେ ଏହି ପବିତ୍ର ବିବାହ ଉତ୍ସବର ସାକ୍ଷ୍ୟ ରହିବା ପାଇଁ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କର ଭିଡ଼ ଜମିଥିଲା। ତେବେ ରବିବାର ଉଭୟ ଶିବ ଶକ୍ତିଙ୍କ ଯୁଗଳ ମୂରତି ଷଷ୍ଠୀ ଉତ୍ସବର ଭବ୍ୟ ଶୋଭାଯାତ୍ରାରେ କନ୍ୟା ମାତା ପିତାଙ୍କ ଘରୁ ବାହାରି ନଗର ପରିକ୍ରମା କରିବା ସହ ପୁନଃ ମନ୍ଦିରରେ ପ୍ରବେଶ ନୀତି ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ସୁରଖୁରରେ ଏବଂ ବୈଦିକ ପରମ୍ପରା ଗତ ନୀତିରେ ଉତ୍ସବ ସମ୍ପନ୍ନରେ ସହଯୋଗ ତଥା ସମ୍ମିଳିତ ହେବା ପାଇଁ ସମଗ୍ର ପଦ୍ମପୁର ବାସୀ ଏବଂ ଭକ୍ତଙ୍କୁ କମିଟି ପକ୍ଷ୍ୟରୁ ଧନ୍ୟବାଦ ଦିଆଯାଇଛି।

## ୪ ଟନ୍ ବିସ୍ଫୋରକ ଲୁଟ୍ ଘଟଣା

# ଜଙ୍ଗଲରେ ଚାଲିଛି ଛାନଭିନ୍

ଭୁବନେଶ୍ୱର/ସୁନ୍ଦରଗଡ଼, (ସବ୍ୟୁ) : ମାଓବାଦୀଙ୍କ ଦ୍ୱାରା ଲୁଟ୍ ୪ ଟନ ବିସ୍ଫୋରକ ମଧ୍ୟରୁ କିଛି ଉଦ୍ଧାର ହୋଇଥିବା ବେଳେ ସରଣ୍ଡା ଜଙ୍ଗଲରେ ଓଡ଼ିଶା ଓ ଝାଡ଼ଖଣ୍ଡ ପୋଲିସ ପକ୍ଷରୁ କମ୍ବିଂ ଅପରେସନ ଓ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି । ଅପରେସନରେ ସାମିଲ ହୋଇଛନ୍ତି ଓଡ଼ିଶା ଓ ଝାଡଖଣ୍ଡ ପୋଲିସ ସହ ଏସଓଜି, କୋବ୍ରା, ସିଆରପିଏଫ ଓ ଝାଡ଼ଖଣ୍ଡ ଜାଗୁଆର । ସରଣ୍ଡା ଜଙ୍ଗଲରେ ମାଓବାଦୀଙ୍କ କ୍ୟାମ୍ପ ଚାଲିଥିବା ସୂଚନା ପାଇ ଶୁକ୍ରବାର ଓଡ଼ିଶା-ଝାଡଖଣ୍ଡ ପୋଲିସ ପକ୍ଷରୁ ସେମାନଙ୍କ କ୍ୟାମ୍ପ ଉପରେ ଚଢାଉ କରାଯାଇ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଓ ବିଭିନ୍ନ ସାମଗ୍ରୀ ଜବତ କରାଯାଇଥିଲା । ମାଓବାଦୀଙ୍କ ବାରୁଦ ଲୁଟ ପରେ ପୋଲିସର ବଡ଼ ଆହ୍ୱାନ । ସୁନ୍ଦରଗଡ କେ-ବଲାଙ୍ଗ ଜଙ୍ଗଲର ଚପ୍ପା ଚପ୍ପା ଚାଲିଛି ଯାଞ୍ଚ । ଗ୍ରାଉଣ୍ଡ ଜିରୋରେ କମ୍ବିଂ ଅପରେସନ୍ ଜାରି ରଖିଛନ୍ତି ଯବାନ । ସୁନ୍ଦରଗଡ଼ କେ-ବଲାଙ୍ଗ ବାଙ୍କୋ ପଥର ଖଣି ନିକଟରୁ ୪ଟନ୍ ଓଜନର ବିସ୍ଫୋରକ ସାମଗ୍ରୀ ମାଓବାଦୀ ଲୁଟି ନେଇଥିଲେ। ଲୁଟ ବିସ୍ଫୋରକ ଜବତ ପାଇଁ କମ୍ବିଂ ଓ ସର୍ଚ୍ଚ ଅପରେସନକୁ ଜୋରଦାର କରିଛି ପୋଲିସ ।

ପୋଲିସ ପକ୍ଷରୁ ଆତିରିକ୍ତ ଏସପିଙ୍କ ନେତୃତ୍ୱରେ ଏସଆଇଟିର ୫ ଜଣିଆ ଟିମ ଘଟଣାର ତଦନ୍ତ ଜାରି ରଖିଛନ୍ତି । ଖଣି ବିଭାଗ ମଧ୍ୟ ତଦନ୍ତରେ ସାମିଲ ହୋଇଛି । ବିସ୍ଫୋରକ ସାମଗ୍ରୀ ଯାଇଥିବା ଗୋଦାମ ମାଲିକ, ଗୋଦାମ କର୍ମଚାରୀ, ପଥର ଖଣି କର୍ମଚାରୀଙ୍କୁ ପୋଲିସ ପକ୍ଷରୁ ପୁଣି ଥରେ ପଚରାଉଚରା କରାଯାଉଛି । ବିଭିନ୍ନ ଦିଗକୁ ନେଇ ଯାଞ୍ଚ କରୁଛି ତଦନ୍ତକାରୀ ଟିମ୍ ।

# ଶିବ ଓ ପାର୍ବତୀଙ୍କ ପରିଣୟ ସମ୍ପନ୍ନ: ବିବାହ ବେଦୀରେ ଦେବ ଦମ୍ପତି





ସମ୍ବଲପୁର,(ସବ୍ୟୁ): ଆଜି ଜ୍ୟେଷ୍ଠ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଦେବ ଦେବ ମହାଦେବ ଓ ଦେବୀ ପାର୍ବତୀଙ୍କ ପରିଣୟ ସମ୍ପନ୍ନ ହୋଇଯାଇଛି । ଏଥିପାଇଁ ବିଭିନ୍ନ ଶିବାଳୟ ଗୁଡିକୁ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଇଛି । ପରମ୍ପରା ଅନୁଯାୟୀ ପୂର୍ବ ବର୍ଷ ପାର୍ବତୀଙ୍କ କନ୍ୟା ପିତାମାତା ଭୂମିକା ନେଇଥିବା ଦମ୍ପତ୍ତିଙ୍କ ଘରକୁ ଦେବୀଙ୍କୁ ନିଆଯାଇଥିଲା । ସେଠାରେ ଗଣ୍ଠାଳ ଫିଟା ନୀତି ଅନୁଷ୍ଠିତ ହୋଇଥିଲା । ପରେ ଚଳିତବର୍ଷ କନ୍ୟା ପିତାମାତା ହୋଇଥିବା ଦମ୍ପତ୍ତି ଦେବୀ ପାର୍ବତୀଙ୍କୁ ନିଜ ଘରକୁ ନେଇ ଯାଇଥିଲେ । ସେଠାରେ ପାର୍ବତୀ ଏବଂ ଶିବାଳୟରେ ମହାଦେବଙ୍କ ସ୍ୱତନ୍ତ୍ର ଅଭିଷେକ ଓ ବେଶ କରାଯାଇଥିଲା । ମହାଦେବ ବିଭିନ୍ନ ପ୍ରକାରର ସ୍ୱର୍ଣ୍ଣ ଓ ରୁପା ଆଭୂଷଣରେ ସଜ୍ଜିତ ହୋଇ ରାତିରେ ବରବେଶରେ ବାହାରିଥିଲେ । ଭୋଳାନାଥଙ୍କୁ ସ୍ୱତନ୍ତ୍ର ପାଲିଙ୍କି ସହ ଶୋଭାଯାତ୍ରାରେ ବିବାହ ମଣ୍ଡପକୁ ନିଆଯାଇଥିଲା । ବିଭିନ୍ନ ପଡ଼ାରୁ ବାହାରିଥିବା ଏହି ଶୋଭାଯାତ୍ରାମାନଙ୍କରେ ଘଣ୍ଟ, ଶଙ୍ଖ, ସମ୍ପର୍ଦା, ଡମ୍ବରୁ, ପଞ୍ଚବାଦ୍ୟ ସହ ରାଜ୍ୟ ଓ ରାଜ୍ୟ ବାହାରର ହଜାର ହଜାର କଳାକାର ଅଂଶଗ୍ରହଣ କରିଥିଲେ । ଶୋଭାଯାତ୍ରା ପରେ ମାହେନ୍ଦ୍ର ବେଳାରେ ବିବାହ ମଣ୍ଡପ ଗୁଡିକରେ ଲୌକିକ ରୀତିରେ ଶିବ ଓ ପାର୍ବତୀଙ୍କ ପରିଣୟ ସମ୍ପନ୍ନ ହୋଇଥିଲା ।

ବଂ ବଂ ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ସହ ଚନ୍ଦ୍ରଶେଖର, ସାକ୍ଷୀଗୋପୀନାଥ, ପଞ୍ଚ ବକ୍ର ଏବଂ ନୃସିଂହ ମହାପ୍ରଭୁ ସୁସଜ୍ଜିତ ବିମାନ ଗୁଡିକରେ ବରଯାତ୍ରୀରେ ବାହାରିଥିଲେ । ଶୋଭାଯାତ୍ରା ସହ ବିବାହସ୍ଥଳକୁ ପହଞ୍ଚିଥିଲେ । ନନ୍ଦପଡ଼ାର ରାମଚରଣ ମିଶ୍ର ଏବଂ ବବିତା ମିଶ୍ର ବର ପିତାମାତା ଓ ଝାରସୁଗୁଡ଼ାର ବମ୍ବେ ଛକ ନିବାସୀ ପ୍ରତାପ ନନ୍ଦ ଓ ଲିପିକା ନନ୍ଦ କନ୍ୟା ପିତାମାତା ଭୂମିକା ଗ୍ରହଣ କରିଥିଲେ । ପଣ୍ଡିତ ଶଶାଙ୍କ ଶେଖର ମିଶ୍ର ମନ୍ତ୍ରୋଚ୍ଚାରଣ କରିଥିଲେ । ସ୍ଥାନୀୟ ନାରୀସେବା ସଦନ ହଲ୍ ଠାରେ ସ୍ୱତନ୍ତ୍ର ମଣ୍ଡପରେ ଏଥିପାଇଁ ବିବାହ ବେଦୀ କରାଯାଇଥିଲା । ସେହିପରି ଝାଡୁଆପଡ଼ାର ଲୋକନାଥ ବାବାଙ୍କ ବରଯାତ୍ରାରେ ପଞ୍ଚବକ୍ର, ରାଧାକୃଷ୍ଣ ଏବଂ ବୀର ହନୁମାନ ସ୍ୱତନ୍ତ୍ର ପାଲିଙ୍କିରେ ଅଂଶଗ୍ରହଣ କରିଥିଲେ । ବିବାହ ପାଇଁ ଅମରନାଥ ସୁପକାର ଓ ଅମୟ ସୁପକାର ବର ପିତାମାତା ଭୂମିକା ଗ୍ରହଣ କରିଥିଲେ । ସ୍ଥାନୀୟ ସାକ୍ଷୀଗୋପୀନାଥ ପଡ଼ା ନିବାସୀ ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ତାଙ୍କ ପତ୍ନୀ ପଦ୍ମିନୀ ନାୟକ କନ୍ୟା ପିତାମାତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ବିବାହ ଉତ୍ସବ ମହାନଦୀ କ୍ଲବ୍ ଠାରେ ନିର୍ମିତ ସୁସଜ୍ଜିତ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା । ପଣ୍ଡିତ ମହେନ୍ଦ୍ର କୁମାର ପୂଜାରୀ ଏହାକୁ ସଂଯୋଜନା କରିଥିଲେ । ମୁଦିପଡ଼ାର ଜାଗେଶ୍ୱର ମହାଦେବ-ଦେବୀ ପାର୍ବତୀଙ୍କ ପରିଣୟ ପାଟଣେଶ୍ୱରୀ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା । ବରପିତା ମଧୁସୂଦନ ନେଗୀ ଏବଂ ବୁର୍ଲା କଣ୍ଟ୍ରାକ୍ଟର କଲୋନୀର ମୃତ୍ୟୁଞ୍ଜୟ ଦାଶ ଏବଂ ମଧୁସ୍ମିତା ପଣ୍ଡା କନ୍ୟା ପିତାମାତା ଭୂମିକା ଦାୟିତ୍ୱ ବହନ କରିଥିଲେ । ପଣ୍ଡିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଏହାକୁ ପରିଚାଳନା କରିଥିଲେ। ଜାଗେଶ୍ୱରଙ୍କ ବର ଶୋଭାଯାତ୍ରାରେ ରାଧାକୃଷ୍ଣ , ବୀର ହନୁମାନ ଭିନ୍ନ ଭିନ୍ନ ପାଲଙ୍କିରେ ପରିକ୍ରମା କରିଥିଲେ । ଏଥିସହ ବାଲିବନ୍ଧାର ସୋମନାଥ ବାବା,ବଡ଼ବଜାରର ଶୀତଳେଶ୍ୱର, ଠାକୁରପଡ଼ାର ଗୁପ୍ତେଶ୍ୱର, ମାନେଶ୍ୱରର ମାନ୍ଧାତା, ଦୁର୍ଗାପାଲିର ଗୁଡ଼େଶ୍ୱର, ଫାଟକର ମହାକାଳେଶ୍ୱର, ବୁଢ଼ାରଜାର ପାହାଡ଼େଶ୍ୱର, ମ୍ୟୁନ୍ୟସିପାଲଟି ଛକର ଗୁପ୍ତେଶ୍ୱରଙ୍କ ମଧ୍ୟ ବିବାହ ଉତ୍ସବ ପାରମ୍ପାରିକ ରୀତିରେ ବିଧି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି । ତେବେ ପଞ୍ଜିକା ଅନୁଯାୟୀ ଜ୍ୟେଷ୍ଠମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିର ରାତି ଶିବ-ପାର୍ବତୀଙ୍କ ପରିଣୟ ପରେ ଆସନ୍ତା କାଲି ଷଷ୍ଠୀ ତିଥିରେ ନବପରିଣତ ଦେବଦେବୀ ମନ୍ଦିର ବେଢ଼ାକୁ ପ୍ରତ୍ୟାବର୍ତ୍ତନ କରିବେ । ଦେବ ଦମ୍ପତି ଗଣ୍ଠାଳ ହୋଇ ରବିବାର ରାତିରେ ଭକ୍ତଙ୍କୁ ଦର୍ଶନ ଦେବା ସହ ନଗର ପରିକ୍ରମା କରିବେ । ଆସନ୍ତା ସୋମବାର ଦିନ ଦେବଦମ୍ପତିଙ୍କ ଗମ୍ଭୀରା ବିଜେ କାର୍ଯ୍ୟକ୍ରମ ରହିଛି ।

# ଦୀପକ ବେହେରା ପାଇଲେ ରାଜୀବଗାନ୍ଧୀ ଯୁବ ପୁରସ୍କାର




ଭବାନୀପାଟଣା, (ସବ୍ୟୁ): ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଛାତ୍ର ଦୀପକ ରଞ୍ଜନ ବେହେରା ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ଯୁବ ପୁରସ୍କାର ଓ ଯୁବ ଶକ୍ତି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଯୁବ ବର୍ଗ କାର୍ଯ୍ୟ ଓ ସମାଜ ସେବା ପାଇଁ ତାଙ୍କ କାର୍ଯ୍ୟକୁ ପ୍ରଶଂସା କରି କୋଣାର୍କ ଠାରେ ଆୟୋଜିତ ବିକଶିତ ଓଡିଶା: ବିକଶିତ ଭାରତ ଶୀର୍ଷକ ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମ -୨୦୨୫ରେ ଦୀପକଙ୍କୁ ଭାରତ ଯୁବ ଶକ୍ତି ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୂର୍ବତନ ଯୁବ ବ୍ୟାପାର ମନ୍ତ୍ରୀ ତରୁଣ କାନ୍ତ ବେହେରା ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଶ୍ରୀ ବେହେରା ଦେଉଣ୍ଡି ଗ୍ରାମ କଳାହାଣ୍ଡିର ବାପା ଗୌତମ ଚନ୍ଦ୍ର ବେହେରା ଓ ମାତା ଶୁଲକ୍ଷଣି ବେହେରାଙ୍କ ପୁତ୍ର । ଦୀପକ ରଞ୍ଜନଙ୍କ ଏହି ସଫଳତା ପାଇଁ ବିଶ୍ୱବିଦ୍ୟାଳୟର କୂଳପତି ନିବେଦିତା ନାଥ ଓ କୁଳସଚିବ ଡ. ଗୁଣନିଧି ନାୟକ. ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଡ: ଚିତ୍ତ ରଞ୍ଜନ ଖୁଣ୍ଟିଆ, ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ ଚନ୍ଦ୍ର ଦାସ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ୨୦ ଘଣ୍ଟା ଅଟକ ପରେ ମୁକ୍ତ ହେଲେ ବିଧାୟକ

ସୁନ୍ଦରଗଡ଼, (ସବ୍ୟୁ): ୨୦ ଘଣ୍ଟା ଅଟକ ପରେ ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂ ଏବଂ ଗ୍ରାମବାସୀଙ୍କୁ ଛାଡ଼ିଲା ପୁଲିସ। ଉପ ଜିଲ୍ଲାପାଳ, ଅତିରିକ୍ତ ଏସ ପି ଏବଂ ଏସ ଡି ପି ଓ ଅଟକ ବିଧାୟକ ଓ ଗ୍ରାମବାସୀଙ୍କ ସହ ଆଲୋଚନା ପରେ ପୁଲିସ ଛାଡ଼ିଥିବା ଜଣାଯାଇଛି। ଜିଲ୍ଲା ପ୍ରଶାସନ, ପୁଲିସ, ଗ୍ରାମବାସୀ ଏବଂ ବିଧାୟକଙ୍କ ମଧ୍ୟରେ ଆସନ୍ତା ୬ ତାରିଖ ଆଲୋଚନା ହେବାର ନିଷ୍ପତ୍ତି ହୋଇଛି। ଶୁକ୍ରବାର ଧାରଣାସ୍ଥଳରୁ ବିଧାୟକଙ୍କ ସମେତ ୬୪ ଗ୍ରାମବାସୀଙ୍କୁ ଉଠାଇ ଆଣି ଅଟକ ରଖିଥିଲା ପୁଲିସ। ହେମଗିରି ବରପାଲି ରେଳ ସାଇଡିଂ କୋଇଲା ପରିବହନକୁ ବିରୋଧ କରି ଦୀର୍ଘ ଚାରି ମାସ ଧାରଣାରେ ବସିଥିଲେ ବିଧାୟକ ଏବଂ ସ୍ଥାନୀୟ ଗ୍ରାମବାସୀ।

# ଶିବ ବିବାହ ଉତ୍ସବରେ ମହିଳାଙ୍କ ହଳଦୀ ଖେଳ



ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ମୁଦିପଡା ଶୀତଳଷଷ୍ଠୀ ଯାତ୍ରାର ଏକ ବୈଶିଷ୍ଟ୍ୟ ରହିଛି । ଜାଗେଶ୍ୱର ବାବାଙ୍କ ବିବାହ ଉତ୍ସବରେ ମହିଳା ମାନେ ହଳଦୀ ଖେଳିଥାନ୍ତି । ସେମାନେ ପରସ୍ପର ମଧ୍ୟରେ ହଳଦୀ ଲଗାଇ ଖୁସି ମନାଇଥାନ୍ତି । ଏଭଳିସ୍ଥଳେ ପାର୍ବତୀଙ୍କୁ ଚଳିତବର୍ଷର କନ୍ୟା ପିତା ମାତା ନିଜ ବାସଭବନକୁ ନେବା ପରେ ଜାଗେଶ୍ୱର ବାବାଙ୍କ ଗୌରୀପୂଜା ନୀତି ଅନୁଷ୍ଠିତ ହୋଇଥିଲା । ପଡାର ମହିଳାମାନେ ପଦ୍ମକେଶରୀ ପାର୍କରେ ଥିବା ଭୁବନେଶ୍ୱରୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ ।

ଏହାପରେ ଜାଗେଶ୍ୱର ବାବାଙ୍କ ମନ୍ଦିର ପରିସରର ବାବାଙ୍କ ତୈଳାଭିଷେକ ହୋଇଥିଲା । ମହିଳା ମାନେ ବାବାଙ୍କୁ ଦୁବକେରା ଦ୍ୱାରା ତୈଳ ଓ ହଳଦୀରେ ଗନ୍ଧଷଣ କରିଥିଲେ । ତତପରେ ହଳଦୀ ଖେଳ ଆରମ୍ଭ ହୋଇଥିଲା । ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଶୀତଳଷଷ୍ଠୀ ଯାତ୍ରା ସମନ୍ୱୟ କମିଟିର ସଭାପତି ସୁଶାନ୍ତ ପୁରୋହିତ, ନନ୍ଦପଡା ଯାତ୍ରା କମିଟିର ସଭାପତି ସମୀର ରଞ୍ଜନ ବାବୁ ପ୍ରମୁଖ ଦୁଲଦୁଲି ବାଜାର ତାଳେ ତାଳେ ମହିଳା ମାନଙ୍କ ସାଙ୍ଗେ ନାଚିଥିଲେ । ମହିଳା ମାନେ ଖୁସିରେ ପରସ୍ପରକୁ ହଳଦୀ ବୋଳିଥିଲେ ।

# ଗୁଣିଗାରେଡ଼ିରୁ ପୁତୁରାକୁ ବଳି ଘଟଣା : ବଡ଼ବାପାଙ୍କୁ ଆଜୀବନ କାରାଦଣ୍ଡ

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା କୋମନା ଥାନା ଜଡ଼ାମୁଣ୍ଡା ଗାଁରେ ଭଲ ଚାଷ ପାଇଁ ଗୁଣି ଗାରେଡ଼ି କରି ବଡ଼ବାପା ନିଜ ପୁତୁରାକୁ ଚାଷଜମିରେ ପୂଜାପାଠ କରି ବଳି ଦେଇଥିଲା । ଏହି ମାମଲାରେ ନୂଆପଡ଼ା ଅତିରିକ୍ତ ଦୌରାଜଜ୍ ସୁନୀଲ କୁମାର ଦାସ ମୁଖ୍ୟ ଅଭିଯୁକ୍ତ ଚିନ୍ତାମଣି ମାଝୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ।

୨୦୧୯ ଅଗଷ୍ଟ ୮ରେ କୋମନା ଥାନା ଜଡ଼ାମୁଣ୍ଡା ଗାଁର ଚିନ୍ତାମଣି ନିଜ ନାବାଳକ ପୁତୁରା ଧନସିଂ ମାଝୀଙ୍କୁ ଗଛ କାଟିବା ପାଇଁ ଚାଷଜମିକୁ ଡାକି ଥିଲେ । ପୂର୍ବରୁ ସେଠି ଗୁଣି ଗାରେଡ଼ି କରି ଭଲ ଚାଷ ଅମଳ ପାଇଁ ପୂଜାପାଠ କରିଥିଲେ । ଧନସିଂ ଗଛ କାଟିବା ସମୟରେ ଚିନ୍ତାମଣି ପଛପଟୁ ଏକ ଧାରୁଆ କାତିରେ ଆକ୍ରମଣ କରିଥିଲେ। ସେଠି ଘଟଣା ସ୍ଥଳରେ ଧନସିଂଙ୍କ ମୁଣ୍ଡ ଓ ଗଣ୍ଡି ଅଲଗା ହୋଇ ମୃତ୍ୟୁ ହୋଇଥିଲା । ଏନେଇ କୋମନା ଥାନା ପୁଲିସ କେଶ ନଂ ୧୩୮/୨୦୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଚିନ୍ତାମଣିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏନେଇ ଅତିରିକ୍ତ ଦୌରାଜଜ୍‌ଙ୍କ କୋର୍ଟରେ ଏସଟି କେଶ ନଂ ୩୬/୧୧, ୨୦୧୯/୨୦୨୩ରେ ମାମଲା ରୁଜୁ କରି ବିଚାରାଧୀନ ଥିଲା । ନୂଆପଡ଼ା ଅତିରିକ୍ତ ଦୌରାଜଜ୍ ଶ୍ରୀ ଦାସ ହତ୍ୟା ଘଟଣାର ଶୁଣାଣି କରିଥିଲେ। ଏହି ହତ୍ୟା ଘଟଣାରେ ଅତିରିକ୍ତ ଦୌରାଜଜ୍ ଶ୍ରୀ ଦାସ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ବଡ଼ବାପା ଚିନ୍ତାମଣିଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ଶୁଣାଣି କରିଛନ୍ତି । ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି କାର୍ତ୍ତିକେଶ୍ୱର ମହାରଣା ମାମଲାର ପରିଚାଳନା କରିଥିଲେ।

## ଜିଲ୍ଲା ସଂଯୋଜିକା ଅନ୍ତର୍ନିବେଶୀ ଶିକ୍ଷା, ସମଗ୍ର ଶିକ୍ଷାଙ୍କ ଅବସର

ଝାରସୁଗୁଡ଼ା, (ସବ୍ୟୁ): ଝାରସୁଗୁଡାସ୍ଥିତ ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟର, ସୁଶ୍ରୀ ଚମ୍ପାବନ୍ତୀ ଦନ୍ତା, ଜିଲ୍ଲା ସଂଯୋଜିକା (ଅନ୍ତର୍ନିବେଶୀ ଶିକ୍ଷା) ଚାକିରୀରୁ ଅବସର ହେତୁ ତାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି ।ଏହି ଅବସରରେ ରାଧାକାନ୍ତ ଗଡ଼ତିଆଙ୍କ ସଭାପତିତ୍ୱରେ ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ୍ତ ସା ତଥା ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ ।

ଦୀର୍ଘ ୨୨ ବର୍ଷ କାର୍ଯ୍ୟକାଳ ମଧ୍ୟରେ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନା ମାଧ୍ୟମରେ ଜିଲ୍ଲାର ଦିବ୍ୟାଙ୍ଗ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଅନେକ ଉଲ୍ଲେଖନୀୟ କାର୍ଯ୍ୟକୁ ସୁଶ୍ରୀ ଦନ୍ତା ସଫଳତାର ସହ ପରିଚାଳନା କରିଥିଲେ । ଏହି ଅବସରରେ ସୁଶ୍ରୀ ଦନ୍ତାଙ୍କର କାର୍ଯ୍ୟଶୈଳୀ ତଥା ତାଙ୍କ ଶାନ୍ତ ସ୍ୱଭାବକୁ ଭୂୟସୀ ପ୍ରଶଂସା କରାଯାଇଥିଲା । ଜିଲ୍ଲାର ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କର ଗୁଣାତ୍ମକ ଶିକ୍ଷା ତଥା ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଉଲ୍ଲେଖନୀୟ ଅବଦାନଯୋଗୁଁ, ଜିଲ୍ଲାଶିକ୍ଷା ବିଭାଗରେ ସୁଶ୍ରୀ ଦନ୍ତା ଚିରସ୍ମରଣୀୟ ହୋଇ ରହିବେ । ଶେଷରେ ତାଙ୍କର ଅବସରକାଳୀନ ଜୀବନ ସୁଖମୟ କାମନା କରି ଉପଢୌକନ ଓ ସ୍ମାରକ ପ୍ରଦାନ କରାଯାଇ ସୁଶ୍ରୀ ଦନ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ୭ରେ ମୁଖ୍ୟମନ୍ତ୍ରୀଙ୍କ ସୁବର୍ଣ୍ଣପୁର ଗସ୍ତ

ସୋନପୁର,(ସବ୍ୟୁ):ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ଜୁନ୍ ମାସ ପ୍ରଥମ ସପ୍ତାହରେ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଆସୁଛନ୍ତି । ମୁଖ୍ୟମନ୍ତ୍ରୀ ହେବା ପରେ ଏହା ତାଙ୍କର ପ୍ରଥମ ସୁବର୍ଣ୍ଣପୁର ଗସ୍ତ । ସରକାରଙ୍କ ବର୍ଷ ପୂର୍ତ୍ତି ଅବ୍ୟବହିତ ପୂର୍ବରୁ ମୁଖ୍ୟମନ୍ତ୍ରୀ ଏଠାକୁ ଆସୁଥିବା ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ସୂଚନା ଦିଆଯାଇଛି। ୦୭ ତାରିଖ ଚୂଡାନ୍ତ ହୋଇଥିବା ବେଳେ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲା ସଦର ମହକୁମାର ରାମେଶ୍ୱର ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ଏକ ଜନସଭାକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ପାଇଁ ପ୍ରଶାସନ ଲକ୍ଷ୍ୟ ରଖିଛି। ଏଥିପାଇଁ ସଭା ସ୍ଥଳ ଓ ହେଲିପ୍ୟାଡ ନିର୍ମାଣ କାର୍ଯ୍ୟ ଶୁକ୍ରବାର ଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶତାଧିକ କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ ଓ ଉଦ୍ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏକ ସ୍ୱତନ୍ତ୍ର ହେଲିକେପ୍ଟର ଯୋଗେ ମୁଖ୍ୟମନ୍ତ୍ରୀ ସୁବର୍ଣ୍ଣପୁର ଆସିବେ। କାର୍ଯ୍ୟକ୍ରମ ସାରି ପୁଣି ଭୁବନେଶ୍ୱର ଫେରିଯିବାର କାର୍ଯ୍ୟକ୍ରମ ରହିଛି। ଜିଲା ପ୍ରଶାସନ ଓ ଭାଜପା ଶିବିର ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି। ନୂଆ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଜିଲାବାସୀ ମଧ୍ୟ ବେଶ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି।

### ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ

## ୩ରେ ସାଇକେଲ ରାଲି

ଝାରସୁଗୁଡ଼ା, (ସବ୍ୟୁ): ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଝାରସୁଗୁଡା ଆଚଂଳିକ ଶାଖା ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ କରାଯାଉଛି। ଏହି ଉପଲକ୍ଷେ ଆସନ୍ତା ୩ ତାରିଖରେ ସ୍କୁଲର ଛାତ୍ର,ଛାତ୍ରୀ ମାନଙ୍କର ଏକ ସାଇକେଲ ରାଲି ସ୍ଥାନିୟ ସହର ମଧ୍ୟରେ ଥିବା ବମ୍ବେଛକ ଠାରୁ ସକାଳ ୭.୩୦ ମିନିଟରେ ଆରମ୍ଭ ହୋଇ ପ୍ରସନ୍ନ ପଣ୍ଡା ଛକ ପର୍ଯ୍ୟନ୍ତ ରାଲି ଯିବ। ମହାନଦୀ କୋଇଲା କମ୍ପାନୀ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ସମସ୍ତ ପ୍ରକାର ସାହାର୍ଯ୍ୟ ସହଯୋଗ କରୁଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଝାରସୁଗୁଡା ଆଚଂଳିକ ଶାଖା ପକ୍ଷରୁ ବିଭିନ୍ନ କ୍ରୀଡା ଅନୁଷ୍ଠାନ, ଶିକ୍ଷା ଅନୁଷ୍ଠାନ ଓ ଅଧିକାରୀ ମାନଙ୍କୁ ଏହି ବିଶ୍ୱ ପରିବେଶ ଦିବସ ପାଳନ ରାଲିରେ ଅଂଶ ଗ୍ରହଣ କରିବା ପାଇଁ ଅନୁରୋଧ କରାଯାଇଛି।

# ମେଗା ସ୍ୱାସ୍ଥ୍ୟ ଶିବିର



ବୋରିଗୁମ୍ମା, (ସବ୍ୟୁ): ବୋରିଗୁମ୍ମା ବ୍ଲକ୍ ଅନ୍ତର୍ଗତ କାଠରଗଡ଼ା ପ୍ରାଥମିକ ବିଦ୍ୟାଳୟ ଠାରେ ବିଶ୍ୱ ତମ୍ବାଖୁ ବର୍ଜନ ଦିବସ ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ତଥା ସଚେତନତା ଶିବିର ଆୟୋଜିତ ହୋଇଯାଇଛି ।

ଆଇଡ଼ିଏ ହିଲ ସିଟି ଅବିଭକ୍ତ କୋରାପୁଟ ବ୍ରାଞ୍ଚ ଦନ୍ତ ଚିକିତ୍ସକ ମାନଙ୍କର ଏହି ସଂଗଠନ ଦ୍ୱାରା ଆୟୋଜନ କରା ଯାଇଥିବା ଏହି ଶିବିରରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ସହ କିଛି ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

ଏହି ଶିବିରରେ ସମୁଦାୟ ୨୭୮ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରା ଯାଇଥିଲା । ସଭାପତି ଡଃ.ଅଶୋକ କୁମାର ଦାଶ, କୋଷାଧ୍ୟକ୍ଷ ଡଃ.ସିଦ୍ଧାନ୍ତ ନାୟକ କାର୍ଯକ୍ରମକୁ ଆୟୋଜନ କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଡଃ ସୁରଭି ମହାନ୍ତି, ଡଃ ଦୀପନିତ ସରକାର, ଡଃ ପୂଜା ସରକାର, ଡଃ ସୁଚୀସ୍ମିତା ମହାପାତ୍ର, ଡଃ ଫୌଜିଆ ତନବୀର, ଡଃ. ସୁଚେତା ପି. ଡଃ. ବେହେରା , ଡଃ. ଆର୍.କେ.ବେଉରିଆ, ଡଃ. ପ୍ରତ୍ୟୁଶା ନନ୍ଦ, ଡଃ. ଅମିତ ଦାଶ, ଡଃ ଦେବ ଦେବାର୍ଚ୍ଚନ ପ୍ରମୁଖ ଯୋଗ ଦେଇଥିଲେ । ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ. ଅରୁଣ କୁମାର ପାଢ଼ୀ ତଥା ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡଃ. ଦିଲ୍ଲୀପ କୁମାର ନାଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ମାର୍ଗ ଦର୍ଶନରେ ତଥା କାଠରଗଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ଡଃ. ଶିବପ୍ରସାଦ ମହାରଣାଙ୍କ ସହଯୋଗରେ ଶିବିର ଅନୁଷ୍ଠିତ ହୋଇଥିଲା ।

# ନାଏକଗୁଡାରେ ବ୍ୟାପୁଛି କିଡ୍‌ନୀ ରୋଗ : ବର୍ଷକରେ ୩ ମୃତ, ୧୦ରୁ ଅଧିକ ଆକ୍ରାନ୍ତ



କଲମପୁର, **(ଶଙ୍କର୍ଷଣ ବେହେରା)**: କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ନାଏକଗୁଡାରେ ଦେଖାଦେଇ କିଡ଼ନୀ ରୋଗର ପ୍ରାଦୁର୍ଭବ । ବର୍ଷକରେ ୩ କିଡ଼ନୀ ରୋଗୀଙ୍କ ମୃତ୍ୟୁ ହୋଇଥିବା ବେଳେ ବର୍ତ୍ତମାନ ୧୦ରୁ ଅଧିକ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି । ସୂଚନା ଯୋଗ୍ୟ ଯେ, ନାଏକ ଗୁଡାରେ ୪୦ରୁ ବି କମ ପରିବାର ଏହି ଗାଁରେ ବାସ କରନ୍ତି । ଦୀର୍ଘ ଦିନରୁ ଏହି ଗାଁରେ କିଡ଼ନୀ ରୋଗୀ ଚିକିତ୍ସିତ ହୋଇ ଆସୁଛନ୍ତି । ଗ୍ରାମବାସୀଙ୍କ ଠାରୁ ଜାଣିବାକୁ ମିଳିଛି ଯେ, କିଡ଼ନୀ ରୋଗ ରେ ଆକ୍ରାନ୍ତ ହୋଇ ଗତ ଜୁଲାଇରେ ନରେନ୍ଦ୍ର ନାଏକ (୪୦), ଗତ ୧୫ ଏପ୍ରିଲ ରେ ଗଣେଶ ରାମ ନାଏକ ଏବଂ ଚଳିତ ମାସ ୩ ତାରିଖରେ ଉଗ୍ରେସେନ ମାଝୀ ଙ୍କ ମୃତ୍ୟୁ ହୋଇଥିଲା । ବର୍ତ୍ତମାନ କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ଅବସ୍ଥାରେ ଥିବା ରୋଗୀ ମାନେ ହେଲେ ହରିହର ଚଣ୍ଡୀ(୩୫), ରତ୍ନାକର ଚଣ୍ଡୀ (୫୦), ଲାଲସିଂ ନାଏକ (୫୨), ହରିଶଙ୍କର ନାଏକ (୪୦), ଗୁରବାରୁ କାଣ୍ଡ (୪୫), ନୀଳାବତୀ ନାଏକ (୪୦), ତିଳଝମ୍ପର ମାଝୀ (୩୫), ବିବାନଶ୍ୱର ବାଗ, ଗୌର ଯୁଆଡ଼ି (୬୦), ଦ୍ରୌପଦୀ ଯୁଆଡ଼ି (୫୮) । ଏଭଳି କିଡ଼ନୀ ରୋଗ ବ୍ୟାପୁଥିବାକୁ ନେଇ ଏବେ ଗାଁ ରେ ଏକ ପ୍ରକାର ଆତଙ୍କ ସୃଷ୍ଟି ହୋଇଛି । କେଉଁ କାରଣରୁ ଏଭଳି ରୋଗ ବ୍ୟାପିବାରେ ଲାଗିଛି ତାହା ସେମାନଙ୍କୁ ଏବେ ଅଡୁଆରେ ପକାଇଛି । ଦୀର୍ଘ ଦିନରୁ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି ଅନେକ ରୋଗୀ । ରୋଗରୁ ଉଦ୍ଧାର ପାଇବା ପାଇଁ ଗରିବୀ କାରଣରୁ ଅନେକେ ଚେରିମୂଳି ଔଷଧ ଉପରେ ଭରସା କରୁଛନ୍ତି । ପ୍ରାୟତଃ ଅନେକ ରୋଗୀ ସ୍ଥାନୀୟ ଡାକ୍ତରଖାନା ଗୁଡିକରେ କିଡ଼ନୀ ରୋଗ ବୋଲି ଜଣା ପଡିବା ପରେ ଅଧିକାଂଶ ରୋଗୀ ଚିକିତ୍ସା ପାଇଁ ବିଶାଖାପାଟଣା ଡାକ୍ତରଖାନା ଗୁଡିକୁ ଯାଉଥିବା ଜଣାପଡ଼ିଛି । ଜୀବନ ବିକଳରେ କିଭଳି ଶୀଘ୍ର ନିରାକରଣ ହେବ ସେଥିପାଇଁ ଉନ୍ନତ ମାନର ଚିକିତ୍ସା ପାଇଁ ବଡ଼ ବଡ଼ ମେଡିକାଲକୁ ଚିକିତ୍ସା ପାଇଁ ଯାଉଛନ୍ତି । ତେବେ ଏହି ରୋଗ ସମ୍ପୂର୍ଣ୍ଣ ଭାବେ ନିରାକରଣ ତ ହେଉନାହିଁ , ଚିକିତ୍ସା ପରେ ନିୟମିତ ଔଷଧ ଖାଉଥିବା କହିଛନ୍ତି । ଗୁରୁତର କ୍ଷେତ୍ରରେ ଡାଇଲିସିସ ମଧ୍ୟ କରାଉଛନ୍ତି ।

ଅତି ଦୁଃଖ ର ବିଷୟ ଯେ, ପ୍ରାୟତଃ ମଧ୍ୟମ ବର୍ଷର ଲୋକେ ଅଧିକ କିଡ଼ନୀ ରୋଗରେ ଆକ୍ରାନ୍ତ ରହୁଥିବା ଜାଣିବାକୁ ମିଳିଛି । ମାସକ ମଧ୍ୟରେ ୨ କିଡ଼ନୀ ରୋଗୀ ମୃତ ହେବାପରେ ସମସ୍ତେ ଭୟଭୀତ ହୋଇପଡିଛନ୍ତି । ଏବେ ଆଉ ଜଣେ କିଡ଼ନୀ ରୋଗୀ ନୀଳାବତୀ ନାଏକ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲରେ ଆଡମିଟ ହୋଇ ଚିକିତ୍ସିତ ହେଉଛନ୍ତି । ବିଏସକେୱାଇ କାର୍ଡ କାମ ଦେଲାନି କି ନୂଆ ଆୟୁଷ୍ମାନ କାର୍ଡ ପାଇ ନ ଥିବାରୁ ଋଣ କରି ୫୦ ହଜାର ଟଙ୍କା ହସ୍ପିଟାଲରେ ଜମା କରି ଚିକିତ୍ସିତ ହେଉଥିବା ପରିବାର ପକ୍ଷରୁ କହିଛନ୍ତି । ଏଭଳି ଅନେକ ଲୋକଙ୍କ ଆୟୁଷ୍ମାନ କାର୍ଡ ମିଳିନଥିବା ସମସ୍ତେ ଅଭିଯୋଗ କରିଛନ୍ତି ଏବଂ ଶୀଘ୍ର କାର୍ଡ ପାଇଲେ ଆବଶ୍ୟକ ସ୍ଥଳେ ବ୍ୟବହାରରେ ଲାଗିବ ଏବଂ କିଛି ଖର୍ଚ୍ଚାନ୍ତରୁ ବଞ୍ଚିଯିବେ ବୋଲି କହିଛନ୍ତି । ଏସବୁ ବିଷୟକୁ ନେଇ କଲମପୁର ବିଡ଼ିଓ ବିଜୟ କୁମାର ମାଡାଙ୍ଗୀଙ୍କୁ ଜଣାଇବା ପରେ ପାଣି ପାଇଁ ଏହି ସମସ୍ୟା ହେଉଥାଇ ପାରେ ବୋଲି ପାଣି ପରୀକ୍ଷା କରାଇବାକୁ କହିଥିଲେ । ଡାକ୍ତର ଶିବାଶିଷ ସ୍ୱାଇଁ ଙ୍କୁ ମଧ ଏ ବାବଦକୁ ଅବଗତ କରାଯିବା ପରେ ସେମଧ ପାଣି ପରୀକ୍ଷା ପରେ ଜଣା ପଡିବ ବୋଲି କହିଥିଲେ । ଏହି ଗାଁରେ ୬ ଗୋଟି ନଳକୂପ ରହିଛି । ନଳକୂପର ପାଣି ହିଁ ସମସ୍ତେ ବ୍ୟବହାର କରୁଥିବା କହିଛନ୍ତି । ଗାଁରେ ବସୁଧା ଯୋଜନାରୁ ଓଭର ହେଡ଼ ଟ୍ୟାଙ୍କ ପାଣି ଯୋଗାଣ ବ୍ୟବସ୍ଥା କରାଯାଇଥିଲେ ମଧ ନାଏକ ଗୁଡା ଅଞ୍ଚଳରେ ପାଣି ଯୋଗାଣ କାମ କରୁନି । ନୂଆଗାଁକୁ ହିଁ ଯୋଗାଣ ପାଣି ଯାଉଥିବା ଜଣାପଡ଼ିଛି । ଏହି ବିଷୟକୁ ଜିଲ୍ଲା ପ୍ରଶାସନ ଶୀଘ୍ର ପଦକ୍ଷେପ ନେଇ ଆଶୁ ସମାଧାନ କରାଯିବା କ୍ଷେତ୍ରରେ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ବାଇକ୍ ଚୋରି ଅଭିଯୋଗରେ ୨ଗିରଫ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଜିଲ୍ଲା ସଦର ଥାନା ପୋଲିସ ଏକ ବାଇକ ଚୋରି ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ୨ଟି ବାଇକ ଜବତ ହୋଇଛି । ଏନେଇ ସଦର ଥାନା କେଶ ନମ୍ବର ୧୩୩/୨୫ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ଜମନକିରା ଡୁରୁଡୁଆନ ଗ୍ରାମର ଜୁରୋ ବାରଜୋ ଗତ ୩୦ତାରିଖରେ ନିଜ ବାଇକ ଗାଡି ନମ୍ବର (ଓଡି୧୫-୮୧୭୦) ଯୋଗେ ପଡିଆବାହାଲକୁ କିରାଣା ସାମଗ୍ରୀ କିଣିବାକୁ ଆସିଥିଲେ । ତେବେ ସେଠାରୁ ତାଙ୍କ ବାଇକ ଚୋରି ହୋଇ ଯାଇଥିଲା । ବହୁ ଖୋଜାଖୋଜି ପରେ ବାଇକ ନପାଇ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ତଦନ୍ତ ବେଳେ ସଦର ଥାନା ଖର୍ସନମାଲ ଗ୍ରାମର ଅଞ୍ଜନ ପ୍ରଧାନ(୨୪) ଓ ନିରଞ୍ଜନ ଗୁରୁ(୨୫)ଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ୨ଟି ଚୋରି ବାଇକ ଜବତ ହୋଇଛି ।

# ଭାରତମାଳା ଡାଇଭର୍ସନ ନିକଟରେ ୫ ଫୁଟ ଉଚ୍ଚ ପାଣି

ନବରଙ୍ଗପୁର, (ସବ୍ୟୁ): ନବରଙ୍ଗପୁର ଜିଲ୍ଲା ଡ଼ାବୁଗାଁ ମଧ୍ୟ ଦେଇ ଯାଇଛି ଭାରତମାଳା ଆର୍ଥିକ କରିଡ଼ର ରୋଡ । ଶେଷ ପର୍ଯ୍ୟାୟରେ ଏହି ଆର୍ଥିକ କରିଡ଼ର ରୋଡ ଥିବା ବେଳେ କିଛି ସ୍ଥାନରେ ଭାରତମାଳା ରୋଡର ଡ଼ାଇଭର୍ସନ ନିକଟରେ କାଳବୈଶାଖୀ ବର୍ଷା ଯୋଗୁଁ ପାଣି ଓ ମାଟି ଅତଡା ଖସି କାଦୁଆ ଜମି ରହିବାରୁ ଜନସାଧାରଣ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ବ୍ଲକର ଜବାଗୁଡ଼ା, ଛେଳିବେଡ଼ା ଓ ରାବଣାଗୁଡ଼ା ନିକଟରେ ତିନୋଟି ଓଭର ବ୍ରିଜ ତଳେ ଡ଼ାଇଭର୍ସନ ଥିବା ବେଳେ ଓଭର ବ୍ରିଜ ତଳେ ବର୍ଷା ପାଣି ଜମି ଯାତାୟାତରେ ବାଧା ସୃଷ୍ଟି ହେଉଛି।

ଶୁକ୍ରବାର ଅପରାହ୍ନରେ କାଳବୈଶାଖୀ ଯୋଗୁଁ ଡ଼ାବୁଗାଁ ଅଞ୍ଚଳରେ ରାତ୍ର ତମାମ ଅନବରତ ବର୍ଷା ଲାଗି ରହିଥିଲା। ବର୍ଷା ଯୋଗୁଁ ନଦୀ ଓ ଜମି ଗୁଡିକରେ ପାଣି ଭର୍ତ୍ତି ହୋଇଯାଇଥିଲା। ଡ଼ାବୁଗାଁ ବ୍ଲକ ଦେଇ ଯାଇଥିବା ଭାରତମାଳା ଆର୍ଥିକ କରିଡ଼ର ରାସ୍ତାର ଜବାଗୁଡ଼ା, ଛେଳିବେଡ଼ା ଓ ରାବଣା ଗୁଡ଼ା ଗ୍ରାମ ନିକଟ ଦେଇ ଯାଇଥିବା ଓଭର ବ୍ରିଜ ତଳ ଡ଼ାଇଭର୍ସନ ରାସ୍ତା ଉପରେ ୩ ରୁ ୫ ଫୁଟ ପାଣି ଜମି ଯାଇଥିଲା। ମାଟି ଅତଡା ଖସି କାଦୁଅ ଭର୍ତ୍ତି ହୋଇଯାଇଥିଲା, ଯାହା ଦ୍ୱାରା ଏହି ଡ଼ାଇଭର୍ସନ ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ନାହିଁ ନ ଥିବା ହୋଇରାଣ ହୋଇଥିଲେ।

ବିଶେଷ କରି ଛେଳିବେଡ଼ା ଓଭର ବ୍ରିଜ ତଳ ଡ଼ାଇଭର୍ଶନ ରାସ୍ତାରେ ରାତ୍ର ୫ ଫୁଟ ଉଚ୍ଚ ପାଣି ରହିଥିଲା, ଯାହା ଦ୍ୱାରା ଏହି ରାସ୍ତା ଉପରେ ନିର୍ଭର କରୁଥିବା ବୋରିଗାଁ, ଘୋଦାଖୁଣ୍ଟା ଓ ନନ୍ଦପୁରା ପଞ୍ଚାୟତ ଦୀର୍ଘ ୮ ଘଣ୍ଟା ଧରି ଡ଼ାବୁଗାଁ ସହ ବିଛିନ୍ନ ହୋଇ ରହିଥିଲା। ରାତ୍ରରେ ଅଚାନକ ଓଭର ବ୍ରିଜ ତଳେ ପାଣି ଜମା ହୋଇଥିବାରୁ ୪ରୁ ୫ ଟି ୪ ଚକିଆ ଯାନ ପାଣିରେ ଫସି ରହିଥିଲା। ବାଇକ ମଧ୍ୟ ପାଣି କାଦୁଅରେ ଫସି ହୋଇରାଣ ହୋଇଥିଲେ। ବର୍ଷା ଛାଡ଼ିବା ପରେ ସକାଳେ ଭାରତମାଳା ପ୍ରକଳ୍ପ କର୍ମଚାରୀ ଛେଳିବେଡ଼ା ନିକଟରେ ଯୁଦ୍ଧକାଳୀନ ଭିତ୍ତିରେ ଡ଼ାଇଭର୍ସନ ରାସ୍ତାରେ ପାଣି ଓ କାଦୁଅ ସଫା କରିଥିଲେ। ଏହା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଦୀର୍ଘ ୮ ଘଣ୍ଟା କାଳ ଏହି ରାସ୍ତା ଦେଇ ଯାତାୟାତ ଠପ୍ ହୋଇଯାଇଥିଲା।

# ଓଡ଼ିଆ ନାଟକରେ ସାଂସ୍କୃତିକ ଚେତନା



**ଡଃ. ଚନ୍ଦ୍ରକଳା ନାୟକ**

ପ୍ରତ୍ୟେକ ଜାତିର ନିଜସ୍ୱ ସଂସ୍କୃତି ଓ ସଭ୍ୟତା ରହିଛି । ସଂସ୍କୃତି ଓ ସଭ୍ୟତା ପରସ୍ପର ଅଙ୍ଗାଙ୍ଗୀ ଭାବେ ଜଡିତ । ଜୀବ ଜଗତରେ ମଣିଷର କେବଳ ସଂସ୍କୃତି ରହିଛି । ଯଦି ପ୍ରଶ୍ନ ହୁଏ ମଣିଷର ସଂସ୍କୃତି ରହିଛି, ତା ହେଲେ ନିଶ୍ଚୟ ଉତ୍ତର ମିଳିବ ଯେ, ଗୋଷ୍ଠୀବଦ୍ଧ ମଣିଷର, ସମୂହ ମଣିଷର, ଜାତୀୟ ଜୀବନର ସଂସ୍କୃତି ରହିଛି । କୌଣସି ବ୍ୟକ୍ତିର ସଂସ୍କୃତି ତାର ବ୍ୟକ୍ତିତ୍ୱର ପ୍ରତିଫଳନ ମାତ୍ର । ଠିକ୍ ସେହିପରି ସମାଜ ଏବଂ ରାଷ୍ଟ୍ରର ମଧ୍ୟ ସଂସ୍କୃତି ଗୋଟିଏ ବଡ ପରିଚୟ । ଗୋଷ୍ଠୀଚ୍ୟୁତ ବା ସମାଜଚ୍ୟୁତ ହୋଇ ଏକାକୀ ମଣିଷ କେବେ କେଉଁ କାଳେ ସଂସ୍କୃତି ନିର୍ମାଣ କରିନାହିଁ । ସଂସ୍କୃତିର ଆଭିଧାନିକ ଅର୍ଥ ହେଲା– ସମ୍ – କୃ – ତି ଅର୍ଥାତ ଜ୍ଞାନଗତ ଉତ୍କର୍ଷ ଶିକ୍ଷା ଦ୍ୱାରା ବା ଚର୍ଚ୍ଚା ଦ୍ୱାରା ଲବ୍ଧ ବିଦ୍ୟା– ବୁଦ୍ଧି– ଶିଳ୍ପକଳା–ରୁଚି–ନୀତି ଆଦିର ଶ୍ରେଷ୍ଠତା । ନୃତାତ୍ତ୍ୱିକ ବିଚାର ଦୃଷ୍ଟିରୁ ସଂସ୍କୃତି ହେଉଛି ମାନବ ସମାଜର ପରମ୍ପରା । ଯାହା ଭାଷା ମାଧ୍ୟମରେ ବଂଶ ଓ ପରମ୍ପରା କ୍ରମେ ଯୁଗ ଯୁଗ ଧରି ପ୍ରସାରିତ ହେଉଥାଏ । ଗୋଟିଏ ଜାତିର ସଂସ୍କୃତି ସହ ସେହି ଜାତିର ଭାଷା ମଧ୍ୟରେ ନିବିଡ ସମ୍ପର୍କ ରହିଛି । ସାମାଜିକ ଭାଷା ବିଜ୍ଞାନୀମାନେ ତେଣୁ ଗୋଟିଏ ଜାତିର ଭାଷା ବିଶ୍ଳେଷଣ ମଧ୍ୟରୁ ସାଂସ୍କୃତିକ ଉପାଦାନମାନ ଖୋଜି ତାହା କିପରି ସାଂସ୍କୃତିକ ପରିଚିତ ନିର୍ମାଣରେ ସହାୟକ ହେବ, ତାହା ଦର୍ଶାଇ ଦିଅନ୍ତି ।

ଏକ ବୃହତ ଦୃଷ୍ଟିକୋଣରୁ ସଂସ୍କୃତିକୁ ବିଚାର କରାଯାଇ ସମଗ୍ର ମାନବ ସମାଜର ସଂସ୍କୃତି, ମଧ୍ୟଯୁଗୀୟ ସଂସ୍କୃତି, ପ୍ରାଚୀନ ଯୁଗୀୟ ସଂସ୍କୃତି ନାମରେ ଅଭିହିତ । ସଂସ୍କୃତି ହେଉଛି ଗୋଟିଏ ଜାତିର ନିଜସ୍ୱ ପରିଚୟ । ଏହା ମନୁଷ୍ୟର ଅସ୍ଥି ମଜ୍ଜାରେ ମିଶି ରହିଛି । ଏହା ଏକ ପ୍ରକାର ପ୍ରବୃତ୍ତି ଓ ଜିଜ୍ଞାଂସା। ବ୍ୟକ୍ତି ନିଜର ପରିଚୟ ଯେମିତି ଖୋଜେ ଓ ଖୋଜିବା ଯେମିତି ଏକ ପ୍ରବୃତ୍ତି, ସେହିପରି ଗୋଷ୍ଠୀ ବା ଜାତୀୟ ଜୀବନର ପରିଚୟ ଜିଜ୍ଞାଂସା ଏକ ସମୂହ ବା ଗୋଷ୍ଠୀଗତ ଚେତନା ମଧ୍ୟ । ସାହିତ୍ୟର ଅଧ୍ୟୟନ ଓ ସଂସ୍କୃତିର ଅଧ୍ୟୟନ ମଧ୍ୟରେ ସମ୍ପର୍କ ରହିଛି । ସାଂସ୍କୃତିକ ଅଧ୍ୟୟନର କ୍ଷେତ୍ର ବଡ ବ୍ୟାପକ । ସାମ୍ପ୍ରତିକ କାଳରେ ଓଡ଼ିଶାର ବିବିଧ ଗୋଷ୍ଠୀ ବିଭିନ୍ନ ମତାବଲମ୍ବୀ ଓ ନାନା ରାଜନୈତିକ ଆଦର୍ଶର ବିଶ୍ୱାସୀ ଲୋକମାନେ ବସବାସ କରୁଛନ୍ତି । ସେତେବେଳେ ସାଂସ୍କୃତିକ ଅଧ୍ୟୟନ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଓ ଜାତିର ସାହିତ୍ୟକୁ ଏକ ସାଂସ୍କୃତିକ ସାଧନ ଭାବରେ ବିଚାର କରେ । ଫଳରେ ସାହିତ୍ୟରେ ନୂତନ ପ୍ରାଣ ଶକ୍ତିର ସଂଚାର ଘଟେ । ସାହିତ୍ୟ ଓ ମଣିଷର ଜୀବନ ପ୍ରବାହ ଗୋଟିଏ ସୂତ୍ରରେ ବନ୍ଧା ।

ସଂସ୍କୃତି ଏକ ଅଖଣ୍ଡ ଅବିଭାଜିତ ସତ୍ତା ଦେଇ ଖୁବ୍ ପ୍ରାଚୀନ କାଳରୁ ଏଯାବତ୍ ତିଷ୍ଠି ରହିଛି । ବେଦ, ଉପନିଷଦରେ ବର୍ଣ୍ଣିତ ତତ୍ତ୍ୱ ଓ ଆଦର୍ଶର ପ୍ରବାହ ଏ ପର୍ଯ୍ୟନ୍ତ ଓଡ଼ିଆଙ୍କ ଜନମାନସକୁ ପୂତ ଓ ପବିତ୍ର କରୁଛି ଏବଂ କାଳ କାଳ କରିଚାଲିଥିବ । ଭାରତୀୟ ସଂସ୍କୃତି ବେଦ ଉପନିଷଦ ଯୁଗୀୟ ସଂସ୍କୃତି । ଉତ୍କଳୀୟ ସଂସ୍କୃତି ହିଁ 'ଜଗନ୍ନାଥ ସଂସ୍କୃତି' । ଏହିଭଳି ଏକ ଧାରଣା ଆମ ମନ ମଧ୍ୟରେ ବଳବତ୍ତର ରହିଛି ।

ସଂସ୍କୃତିର ପ୍ରତିଫଳନ ସେହି ଜାତିର ସାହିତ୍ୟ କ୍ଷେତ୍ରରେ ମଧ୍ୟ ବଳବତ୍ତର । ଯେପରି ଓଡିଆ ନାଟକ । ଭାରତୀୟ ସାଂସ୍କୃତିକ ଘଟାନ୍ତର ଓ ସମାଜ ବ୍ୟବସ୍ଥାର ପଟ୍ଟ ପରିବର୍ତ୍ତନ, ଓଡିଆ ନାଟକ କ୍ଷେତ୍ରରେ ମଧ୍ୟ ପରିଲକ୍ଷିତ ହୋଇଛି । ପ୍ରଥମ ଓଡ଼ିଆ ନାଟକ 'ବାବାଜୀ' ଠାରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ରଚିତ ନାଟକଗୁଡିକ ପରମ୍ପରାର ପରିବର୍ତ୍ତନ କ୍ରମେ ସଂସ୍କୃତିର ରୂପାନ୍ତରକୁ ଚିହ୍ନଟ କରିଛି । ଊନଂବିଂଶ ଶତକର ମଧ୍ୟଭାଗକୁ ଏକ ମୋଡ ପରିବର୍ତ୍ତନର କାଳ ଭାବରେ ଧରିନେବାକୁ ହେବ । ଏହାକୁ ରେନସାଁ କୁହାଗଲା । ସାହିତ୍ୟ ଓ ସଂସ୍କୃତି ଭିତରେ କୌଣସି କ୍ରାନ୍ତିକୁ ସାମାଜିକ ରାଜନୈତିକ ବିଧି ବ୍ୟବସ୍ଥା ଓ ଅର୍ଥନୈତିକ ପଟ୍ଟ ପରିବର୍ତ୍ତନର ଦୁର୍ଲ୍ଲଙ୍ଘ୍ୟନୀୟ ପରିଚିତି ବୋଲି ବିଚାରିବାକୁ ହେବ । ୧୪୯୮ ମସିହା ଭାସ୍କୋଡାଗାମା ନାମକ ଜଣେ ସାହସୀ ପର୍ତ୍ତୁଗୀଜ ନାବିକ ଉତ୍ତମାଶା ଅନ୍ତରୀପ ଦେଇ ଆଫ୍ରିକାର ପୂର୍ବ ଉପକୂଳ ଯାଏ ନୌଯାତ୍ରା କରିଥିଲେ । ସେଠାରୁ ଜଣେ ଆରବୀୟ ନାବିକଙ୍କ ସାହାଯ୍ୟରେ ଭାରତ ମହାସାଗରରେ ନୌଚାଳନା କରି ଦକ୍ଷିଣ ଭାରତରେ କାଲିକଟ ବନ୍ଦରରେ ପହଞ୍ଚିଥିଲେ । ସେଠାରେ ରାଜାଙ୍କ ଠାରୁ ଅନୁମତି ନେଇ ସେ ବାଣିଜ୍ୟ କଲେ । ପ୍ରମାଣ ମିଳେ ଯେ, ରେନସାଁ କାଳର ପ୍ରଖ୍ୟାତ ଲେଖକ କାଓମାଏନ୍ସ ଯେ କି, ଲୁସିଆଡସ (୧୫୮୦) ନାମକ ମହାକାବ୍ୟ ରଚନା କରିଥିଲେ । ସେ ଭାରତବର୍ଷର ପର୍ତ୍ତୁଗୀଜ ବାଣିଜ୍ୟ କେନ୍ଦ୍ରଗୁଡିକ ସମେତ ଗୋଆର ସତରବର୍ଷ କାଳ କଟାଇଥିଲେ । ପୁଣି ସପ୍ତଦଶ ଶତକରେ ଭାରତର ମୋଗଲ ବାଦଶାହା ଜାହାଙ୍ଗୀରଙ୍କ ସମୟରେ ଇଂଲଣ୍ଡର ରାଜା ଜେମ୍ସ ସାର ଟମାସ୍ ରୋଙ୍କୁ ଭାରତ ପଠାଇଥିଲେ । ଟମାସରୋ, ଜାହାଙ୍ଗୀରଙ୍କୁ ସାକ୍ଷାତ କରି ଭାରତରେ କେତେକ ବାଣିଜ୍ୟ ସୁବିଧା ହାସଲ କରିଥିଲେ । ପାଶ୍ଚାତ୍ୟ ଜଗତ ସହ ଭାରତର ଏ ଯୋଗସୂତ୍ର ଥିଲା ସମ୍ପୂର୍ଣ୍ଣ ବାଣିଜ୍ୟିକ । ହେଲେ ମୋଗଲ ଆଫଗାନମାନଙ୍କର କଳା ଓ ସଂସ୍କୃତି ସହ ଭାରତୀୟମାନଙ୍କର କଳା ସଂସ୍କୃତିର ଆଦାନ ପ୍ରଦାନ ଏହି କାଳରେ ଆମେ ଦେଖିଥାଉ । ୧୮୦୩ରେ ଇଂରେଜମାନେ ଓଡ଼ିଶା ଅଧିକାର କଲାପରେ ପାଇକ ବିଦ୍ରୋହ ମାଧ୍ୟମରେ ପ୍ରଥମ କରି ଜାତୀୟ ସ୍ତରରେ ଶୁଣା ଯାଇଥିଲା ଓଡ଼ିଶାର ଜାତୀୟତାର ମନ୍ତ୍ରଧ୍ୱନି । ଏହାକୁ ନିଷ୍ଠୁର ଭାବରେ ଦବାଇ ଦିଆଗଲା ସତ କିନ୍ତୁ ଓଡ଼ିଆମାନଙ୍କ ମନରେ ନିଜର ମାଟିକୁ ଚିହ୍ନିବା ଓ ଭଲ ପାଇବାର ଏକ ଆଭିମୁଖ୍ୟ ଏହି ବିଦ୍ରୋହ ତିଆରି କରିଥିଲା ।

ଭାରତବର୍ଷର ସମଗ୍ର ଉନବିଂଶ ଶତାବ୍ଦୀର ରାଜନୈତିକ ପ୍ରେକ୍ଷାପଟ, ସାମାଜିକ ବିବର୍ତ୍ତନର ଲମ୍ବା ଇତିହାସ ଆଲୋଚନା କରାଗଲେ ଦେଖାଯିବ ଯେ, ଇଂରେଜମାନେ ଶିକ୍ଷା ସଂସ୍କୃତିର ପ୍ରସାର ଓ ସଂସ୍କାର କ୍ଷେତ୍ରରେ ଭାରତୀୟମାନଙ୍କ ପାଇଁ ଶୁଭାଶୀର୍ବାଦ ବହନ କରିଛନ୍ତି । ନବଜାଗରଣର ଏହି ତରଙ୍ଗ ଫଳରେ ସ୍ପନ୍ଦିତ ହୋଇଛି ଭାରତବର୍ଷ । ଓଡ଼ିଶା ସେଥିରୁ ବାଦ ପଡିନାହିଁ । ରାଜନୀତି, ଶିକ୍ଷା ବ୍ୟବସ୍ଥା, ଦେଶପ୍ରେମ, ସାହିତ୍ୟିକ ଆଭିମୁଖ୍ୟ, କଳା ଚେତନା, ଧର୍ମୀୟ ବିଚାର ଆଦିରେ ଅନୁଭୂତ ହୋଇଛି ସ୍ପନ୍ଦନ । ଜାତୀୟ ଜୀବନରୁ ସ୍ଥବିରତାକୁ ପରିହାର କରି ଏ ସମୟର ଓଡ଼ିଶାର ବୁଦ୍ଧିଜୀବୀଗଣ ସେମାନଙ୍କ ଚେତନାକୁ ଉନ୍ମୁକ୍ତ କରିଛନ୍ତି । ସାଂସ୍କୃତିକ ଚେତନାର ରୂପାନ୍ତର ପ୍ରତିବଦ୍ଧତା ସହ ଅଗ୍ରଗାମୀ ଚିନ୍ତାଧାରାର ସଂଘର୍ଷ ହୋଇଛି । ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତିର ସହାବସ୍ଥାନ ଓ ସଂଘର୍ଷ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ପରି ନାଟକ କ୍ଷେତ୍ରରେ ମଧ୍ୟ ପ୍ରତିଫଳିତ ହୋଇଛି । ସାହିତ୍ୟ ଓ ସଂସ୍କୃତିର ଅନ୍ୟ କ୍ଷେତ୍ର ଅପେକ୍ଷା ନାଟକ ଆମ ସଂସ୍କୃତିକ ସଂଘର୍ଷର ଏକ ବଡ ମୂକସାକ୍ଷୀ ।

ପ୍ରଥମ ଓଡ଼ିଆ ନାଟକ 'ବାବାଜୀ' ଏହାର ଦୃଷ୍ଟାନ୍ତ । ପ୍ରଗତିଶୀଳ ବାବାଜୀ ଚରିତ୍ର ମଧ୍ୟରେ ଜଗମୋହନ ତାଙ୍କ ସମକାଳର ପ୍ରତିଲିପି ହିଁ ସୃଷ୍ଟି କରିଛନ୍ତି । ବାବାଜୀର ଉଚ୍ଚାରଣ ମଧ୍ୟରେ ଅଗ୍ରଗାମୀ ମୂଲ୍ୟବୋଧର ସନ୍ଧାନ, ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜଗତର ସାଂସ୍କୃତିକ ସହାବସ୍ଥାନକୁ ଲକ୍ଷ୍ୟ କରାଯାଏ । ଓଡ଼ିଆ ନାଟକର ରେନସାଁର ବରଦାନ ସ୍ୱରୂପ ଯେଉଁ ଚିନ୍ତା ସଂଘର୍ଷର ସୂତ୍ରପାତ ହୋଇଥିଲା ଓ ଏକ ସାଂସ୍କୃତିକ ରୂପାନ୍ତର ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଥିଲା, ଏହାର ପ୍ରଥମ ଅର୍ଘ୍ୟ ହେଉଛି– 'ବାବାଜୀ'।

ଏହି ସାଂସ୍କୃତିକ ରୂପାନ୍ତରର ଚିତ୍ରପଟ 'ସତୀ' ନାଟକରେ ଖୁବ୍ ଶକ୍ତିଶାଳୀ ହୋଇଥିଲା । ସେକ୍ସପିରିଆନ ଟ୍ରାଜେଡି ଆଦର୍ଶରେ ଏହାର କାହାଣୀ ପରିକଳ୍ପିତ । ଏହି ନାଟକରେ ପ୍ରତିଭାତ ତତକାଳୀନ ଅନ୍ଧକାରାଚ୍ଛନ୍ନ ସାମାଜିକ ଓ ରାଜନୈତିକ ପରିବେଶ ଅତ୍ୟନ୍ତ ଉଦ୍‌ବେଗ ଜନକ । ନାୟିକାର ନାମ ସତୀ ହେଲେ ବି ତାର ସତୀତ୍ୱକୁ ପ୍ରତିଟି କ୍ଷେତ୍ରରେ ବିଡମ୍ବିତ କରିବା ପାଇଁ ଚାହିଁଛି ତତକାଳୀନ ସମାଜ ବ୍ୟବସ୍ଥା । ସତୀ ଶେଷରେ ଆତ୍ମହତ୍ୟା କରିଛି । କିନ୍ତୁ ଏହି ଚରିତ୍ରର ସଂଘର୍ଷ ମଧ୍ୟ ଦେଇ ନାଟ୍ୟକାର ଏକ ଆଦର୍ଶର ପ୍ରତିଷ୍ଠା ପାଇଁ ଯତ୍ନଶୀଳ ହୋଇଛନ୍ତି । ଆମ ସମାଜ ବ୍ୟବସ୍ଥାରେ ସଂସ୍କୃତିର ରୂପାନ୍ତର କିପରି ପରିବର୍ତ୍ତନ ନହେଉ ଏବଂ ଆଦର୍ଶ ବଜାୟ ରହୁ, ଏହାହିଁ ନାଟ୍ୟକାରଙ୍କ ଉଦ୍ଦେଶ୍ୟ ଥିଲା । 'ବାବାଜୀ' ଠାରୁ ୧୯୨୦ ମସିହା ପର୍ଯ୍ୟନ୍ତ ରଚିତ ନାଟକଗୁଡିକର ବିଶ୍ଳେଷଣ କଲେ ଯେଉଁସବୁ ଆଧୁନିକ ଦୃଷ୍ଟିଭଙ୍ଗୀ ଆମ ନଜରକୁ ଆସିବ, ତାହା ଏକ ସାଂସ୍କୃତିକ ରୂପାନ୍ତରର ଫଳଶ୍ରୁତି । ଜାତୀୟତାବାଦ, ଇତିହାସ ଓ ପୁରାଣରୁ ଚରିତ୍ର ଓ କାହାଣୀ ଚୟନ କରି ସେଥିରୁ ସମକାଳ ପାଇଁ ପ୍ରେରଣା ସଂଗ୍ରହ, ସାମାଜିକ ବିଧି ବ୍ୟବସ୍ଥାରେ ଥିବା ଦୋଷତ୍ରୁଟିଗୁଡିକୁ ସୁଧାରିବା ପାଇଁ ଆହ୍ୱାନ ପୁଣି ପାଶ୍ଚାତ୍ୟ ସଂସ୍କୃତିର ଦୁର୍ବଳ ଦିଗଗୁଡିକ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ଆଦି ଏ କାଳର ନାଟକଗୁଡିକର ଅନ୍ତଃସ୍ୱର। ଜଗମୋହନ ଲାଲାଙ୍କ ବ୍ୟତୀତ କାମପାଳ ମିଶ୍ର, ଭିକାରୀ ଚରଣ ପଟ୍ଟନାୟକଙ୍କ ନାଟକଗୁଡିକରେ ସାଂସ୍କୃତିକ ରୂପାନ୍ତରର ଚିତ୍ରପଟ ଦେଖିବାକୁ ମିଳେ ।

ୟୁରୋପୀୟ ରେନସାଁ ଯେଉଁ ସାଂସ୍କୃତିକ ରୂପାନ୍ତର ଆଣିଥିଲା, ତାର ପାଖାପାଖି ୫ ଶହ ବର୍ଷରୁ ଊର୍ଦ୍ଧ୍ୱ କାଳ ପରେ ଉନଂବିଶ ଶତାବ୍ଦୀର ମଧ୍ୟଭାଗରେ ଓଡ଼ିଶାର ସମାଜ ଜୀବନ ସାମନ୍ତବାଦର ପରିଧି ମଧ୍ୟରୁ ମୁକୁଳିବା ପାଇଁ ବେଶ ଆଉ କିଛି କାଳର ପ୍ରୟୋଜନୀୟତା ସେ ସମୟରେ ଅନୁଭୂତ ହୋଇଥିଲା । ଅଷ୍ଟାଦଶ ଶତାବ୍ଦୀ ବେଳକୁ ୟୁରୋପୀୟ ସମାଜ ଜୀବନରେ ପୁଞ୍ଜିବାଦର ପ୍ରାଧାନ୍ୟ ଅନୁଭୂତ ହୋଇଥିବାବେଳେ ଭାରତବର୍ଷର ସ୍ୱାଧୀନତା ପରେ ମଧ୍ୟ ଏହା ଅନୁଭୂତ ହୋଇଥିଲା । ଓଡ଼ିଶାରେ ରାଜାରାଜୁଡା ଜମିଦାର ପ୍ରଭୃତିଙ୍କର ସାମନ୍ତବାଦୀ ଶୋଷଣ ବିରୁଦ୍ଧରେ ସ୍ୱର, ଏହାପରେ ପ୍ରତିଫଳିତ ହୋଇଥିଲା । ଜ୍ଞାନ ବିଜ୍ଞାନର ଅନୁଶୀଳନ , ଜାତୀୟତାବାଦର ବିକାଶ ସହିତ ବ୍ରିଟିଶ ଶାସନତନ୍ତ୍ର ଜାତିପ୍ରଥା ଓ ଧାର୍ମିକ ରୁଢ଼ିବାଦ ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ସାଧାରଣ ଜନତାଙ୍କୁ ଉତ୍ସାହିତ କରିଥିଲା । ୧୯୨୦ ଠାରୁ ୧୯୫୦ ମସିହା ପର୍ଯ୍ୟନ୍ତ ରଚିତ ଓଡ଼ିଆ ନାଟକଗୁଡିକରେ ଉପରୋକ୍ତ ଚିନ୍ତାଧାରା ପ୍ରତିଫଳିତ ।

କୃଷିଭିତ୍ତିକ ସମାଜରେ ଯେଉଁ ମୂଲ୍ୟବୋଧଗୁଡିକ ରାଜୁତି କରୁଥିଲା ତାହା ଧୀରେ ଧୀରେ ଅପସାରିତ ହୋଇଗଲା । ସେଗୁଡିକର ସ୍ଥାନ ଦଖଲ କଲା ପୁଞ୍ଜିବାଦ ସଂସ୍କୃତି । ଏହି ଅପସାରଣ ପ୍ରକ୍ରିୟା ବର୍ବରୋଚିତ ନହୋଇ ଓଡ଼ିଶାରେ ସୁନ୍ଦର କୌଶଳଗୁଡିକ ମାଧ୍ୟମରେ ଦୃଶ୍ୟମାନ ହେଲା । ଯେଉଁଠି ସବୁଜ ଧାନକ୍ଷେତ ଲହଡି ଭାଙ୍ଗୁଥିଲା, ହଳିଆର ଗୀତ, ଗୋରୁପଲଙ୍କ ହମ୍ବାରଡି, ଗାଈଆଳ ପିଲାର ମୂର୍ଚ୍ଛିତ ବଂଶୀସ୍ୱନ ଶୁଣା ଯାଉଥିଲା ବା ନଈଘାଟରେ ନାଉଡିଆର ଛାନ୍ଦ କି ଚଉପଦୀ ଯେଉଁଠି ପରିବେଶକୁ ମୁଖରିତ କରୁଥିଲା, ସେଠାରେ ଶୁଣାଗଲା କାରଖାନା ପୁଙ୍ଗାର ଆର୍ତ୍ତନାଦ । ପାରିବାରିକ ଓ ସାମାଜିକ ଜୀବନକୁ ଯେଉଁ ଆନନ୍ଦବୋଧ ଓ ନୈତିକତା ଆବୋରି ରହିଥିଲା , ତାହା ଧୀରେ ଧୀରେ ବିଲୟ ଘଟିଲା । ଗାଁରୁ ଦଳ ଦଳ ମଣିଷ ପିମ୍ପୁଡି ପରି ଜୀବିକା ଅନ୍ୱେଷଣ ପାଇଁ ସହରାଭିମୁଖୀ ହେଲେ ।

୧୯୫୨ ମସିହାରେ ରଚିତ କାଳୀ ଚରଣ ପଟ୍ଟନାୟକଙ୍କ 'ରକ୍ତମାଟି' ନାଟକରେ ବିଜୟ ଚରିତ୍ରଟି ପୁଞ୍ଜିବାଦ ବିରୋଧରେ ଲଢି ସୁସ୍ଥ ସୁନ୍ଦର ମୂଲ୍ୟବୋଧ ସଂଚାର କରିବା ପାଇଁ ଚାହିଁଛି । କିନ୍ତୁ ପୁଞ୍ଜିପତିର କାରସାଦି ନିକଟରେ ତାକୁ ହାର ମାନିବାକୁ ପଡିଛି । ତାର ଗାଁ ଜୀବନଧାରା ପୁଞ୍ଜିବାଦର ବିଷ ବଳୟରେ ଆବଦ୍ଧ । ତାର ଆଦର୍ଶ ଓ ମୂଲ୍ୟବୋଧ ପରାହତ । ୧୯୫୮ ପରବର୍ତ୍ତୀ କାଳରେ ଏ ନାଟକଟି ଭିତରେ ଧ୍ୱନିତ ହୋଇଛି ଯୁଗ ଯୁଗ ଧରି କୃଷିଭିତ୍ତିକ ସମାଜ ଜୀବନକୁ ନେଇ ଗଢି ଉଠୁଥିବା ଓଡ଼ିଶାର ସାଂସ୍କୃତିକ ଜୀବନର ବିପର୍ଯ୍ୟୟର କାହାଣୀ । ମୋଟାମୋଟି ଭାବରେ ରକ୍ତମାଟିରେ ରହିଛି ପୁଞ୍ଜିବାଦ ସହ ଲଢିଥିବା ଉତ୍କଳୀୟ ଜନଜୀବନର ରକ୍ତପାତ ଜନିତ କରୁଣ କାହାଣୀ ।

୧୯୬୦ ପରବର୍ତ୍ତୀ ଓଡ଼ିଆ ନାଟକର କେତେଗୋଟି ନାଟକକୁ ଏହି ଧାରାରେ ସାମିଲ କରାଯିବା ଆବଶ୍ୟକ ହୋଇପଡିଛି । ଯେପରି ବିଜୟ ମିଶ୍ରଙ୍କର 'ଅସତ୍ୟ ସହର', ରାମଚନ୍ଦ୍ର ମିଶ୍ରଙ୍କର 'ନରୋତ୍ତମ ଦାସ କହେ' । ପରିବାରରୁ ଆରମ୍ଭ କରି ବ୍ୟାପକ ସମାଜ ବ୍ୟବସ୍ଥା ଯାଏ ପୁଣି ରାଜନୈତିକ ଦିଗନ୍ତ ପର୍ଯ୍ୟନ୍ତ ସବୁଠି କ୍ଷମତାର ଛକାପଞ୍ଝା । ସବୁଠି ଧ୍ୱାନ୍ତ ଧୂମିକ ପରିବେଶ । ସେହିପରି ଆନନ୍ଦ ଶଙ୍କର ଦାସଙ୍କ 'ଚିଡିଆଖାନା' ନାଟକରେ ସାମଜ ଜୀବନ ଓ ଗୋଷ୍ଠୀବଦ୍ଧ ମଣିଷର ସଂସ୍କୃତି ବିଲୁପ୍ତ । ମଣିଷ ହୋଇଛି ଚିଡିଆଖାନାର ଜନ୍ତୁ । ସେମାନଙ୍କ ଗର୍ଜନରେ ମାନବିକ କୋମଳ ପ୍ରବୃତ୍ତି ନାରଖାର । ଉତ୍ତାଙ୍ଗ ସାଂସ୍କୃତିକ ମୂଲ୍ୟବୋଧ ରସାତଳଗାମୀ । ୧୯୮୦ ମସିହାରେ ରଚିତ ବିଜୟ ଶତପଥୀଙ୍କର 'କଂସର ଆତ୍ମା' ନାଟକରେ ସବୁ ନୈତିକ ମୂଲ୍ୟବୋଧ, ସତ୍ୟ ନିଷ୍ଠତା, ସାଂସ୍କୃତିକ ଚେତନାକୁ ପ୍ରତାପୀ କଂସ ଗିଳିଦିଏ । ହୁଏତ କୃଷ୍ଣ ଜନ୍ମ ନିଅନ୍ତି । କଂସର ନିଧନ ହୁଏ କିନ୍ତୁ କୃଷ୍ଣ ଓ କଂସ ମଧ୍ୟରେ ଅନିବାର୍ଯ୍ୟ ସଂଘର୍ଷ ଜାରି ରହିଥାଏ ବରାବର ।

୧୯୮୦ ମସିହା ହେଉଛି ଆମ ସାଂସ୍କୃତିକ ଚେତନାର ଏକ ମୋଡ ପରିବର୍ତ୍ତନର କାଳ । ସ୍ୱାଧୀନତା ପରେ ଏ ଜାତି ଭାବିଥିଲା ସ୍ୱାଧୀନ ଚିନ୍ତା, ସ୍ୱାଧୀନ ମନ ନେଇ ବଞ୍ଚିବ । କିନ୍ତୁ ଦୁର୍ଭାଗ୍ୟ ଯେ ବିଦେଶୀମାନଙ୍କର ସାଂସ୍କୃତିକ ଉପନିବେଷବାଦ ଆମର ଜନଜୀବନକୁ ଏପରି ଆକ୍ରାନ୍ତ କରିଛି, ତାର ହିସାବ ନାହିଁ । ଭାଗବତ ଘର ଓଷା, ବ୍ରତ, ପର୍ବର ମଉଜ ତଥା ସମୂହ ଜୀବନ ସ୍ରୋତର ଉଚ୍ଛ୍ୱାସକୁ ସାଂସ୍କୃତିକ ଉପନିବେଶବାଦ ଯେମିତି ଗ୍ରାସ କରିଛି, ସେଥିରୁ ନିସ୍ତାର ନାହିଁ । ଆଧୁନିକ ସଭ୍ୟତା ଓ ତାର ଆତ୍ମିକ ପରିଚିତ ହେଉଛି ଆଧୁନିକ ସଂସ୍କୃତି । ଯାହା ଯୁଗ ଯୁଗ ଧରି ପ୍ରଚଳିତ ବିଶ୍ୱର ସାଂସ୍କୃତିକ ଧାରଣାଗୁଡିକୁ ମୂଳୋତ୍ପାଟନ କରିବା ଦିଗରେ ସମର୍ଥ ।

୧୯୮୦ ପରବର୍ତ୍ତୀ କାଳ କିନ୍ତୁ ଉତ୍ତର ଆଧୁନିକ କାଳ । ଆମର ସମାଜ ଜୀବନ ସାହିତ୍ୟିକ ଓ ସାଂସ୍କୃତିକ ଅଭିରୁଚି ତଥା ମୂଲ୍ୟବୋଧ ଦ୍ରୁତ ପରିବର୍ତ୍ତନ ମଧ୍ୟ ଦେଇ ଗତି କରିବାରେ ଲାଗିଛି । ସମାଜ ପରିବର୍ତ୍ତନର ଖିଅଗୁଡିକୁ ଯଦି ବିଶ୍ଳେଷଣ କରାଯିବ, ଲାଗିବ ଚତୁଃପାର୍ଶ୍ୱରେ ସବୁ ଯେମିତି ଭାଙ୍ଗି ପଡୁଛି । ଭାଙ୍ଗି ପଡୁଛି ସକଳ ମାନବିକ ସମ୍ପର୍କ । ହଜାର ହଜାର ବର୍ଷ ତଳର ସାଂସ୍କୃତିକ ବିକାଶ ଧାରା । ମଣିଷ ଭିତରେ ଓ ବାହାରେ ପରିବର୍ତ୍ତନର ଏ ଘନଘଟା ଦେଖିଲେ ବିସ୍ମିତ ହେବାକୁ ପଡେ । ମଣିଷର ଏ କଣ ଅଗ୍ରଗତି ? ପ୍ରତି ମୁହୂର୍ତ୍ତରେ ସୁସ୍ଥ ଜୀବନ ବିରୋଧୀ ଶକ୍ତିମାନଙ୍କ ସହିତ ମଣିଷ ଯେପରି ମୁକାବିଲା କରୁଛି ବା ସାଲିସ କରୁଛି ତାର ଇୟତ୍ତା ନାହିଁ । ଏକ ପ୍ରକାର ସଂସ୍କୃତିର ଅବହାୱା ସର୍ବତ୍ର । ଘଟଣା ଏଠି ଦୁର୍ଘଟଣାର ରୂପ ନେଉଛି । ଏହି ପରିସ୍ଥିତିରେ ଏ ଗ୍ଲୋବାଲାଇଜେସନ ଯୁଗରେ ଓଡ଼ିଆ ନାଟକ ତାର ନୂତନ ବ୍ୟାକରଣ ପ୍ରସ୍ତୁତ କରିଛି । ସାଂସ୍କୃତିକ ଚେତନା ଆଜିର ଚିନ୍ତା ଜଗତରେ ଯେଉଁ ଦ୍ୱନ୍ଦ ଆଣିଛି, ତାର ରୂପାନ୍ତର ହେଉଛି ଏକବିଂଶ ଶତକର ନାଟକ ।

ନାଟକ ଅନେକ କ୍ଷେତ୍ରରେ ସଂସ୍କୃତିର ବିଲୁପ୍ତ ଚିନ୍ତାଧାରାକୁ ପରିପ୍ରକାଶ କରିଛି। ନାଟକ ତେଣୁ ପ୍ରତିବାଦର, ଅଙ୍ଗୀକାରର, ସାମାଜିକ ନିଷ୍ଠୁରତାର, ଅଖଣ୍ଡ ଜୀବନବୋଧର କଥାକୁ ଶକ୍ତିଶାଳୀ ଭାବରେ ପ୍ରକାଶ କରିଛି । ସାହିତ୍ୟର ଏହି ଭୂମିକା ବାସ୍ତବିକ ଗ୍ରହଣଯୋଗ୍ୟ । ସଂସ୍କୃତିର ଅବକ୍ଷୟ ମଧ୍ୟରେ ନାଟକ ଏକ ନୂତନ ସୂର୍ଯ୍ୟୋଦୟକୁ ଅପେକ୍ଷା କରିଛି ।

**ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର, ମୋ–୯୪୩୭୯୫୭୬୧୭**

# କବିତା

## ଭାବର ଠାକୁର



**ଦାଶରଥୀ ଶତପଥୀ**

ତୁମେ ପରା ସେହି ଭାବର ଠାକୁର
ତୁମେ ମୋର ସେହି ଚକାନୟନ
ଜଗତର ନାଥ , କାଳିଆ ଠାକୁର
ତୁମେ ସେହି ଜଗନ୍ନାଥ
ତୁମେ ଅଖଣ୍ଡ, ତୁମେ ଅନନ୍ତ
ତୁମେ ଅବିନାଶୀ, ତୁମେ ଅବ୍ୟକ୍ତ
ପ୍ରତି ସକାଳର ଶୁଭାରମ୍ଭ ହୁଏ
ଭଜି ଭଜି ତୁମ ନାମ
ତୁମେ ସତ୍ୟ ସନାତନ
ତୁମେ ନିତ୍ୟ ନିରଞ୍ଜନ
ତୁମେ ପ୍ରଭୁ ଜଗନ୍ନାଥ
ତୁମରି ଇଂଗିତେ ପରିଚାଳିତ
ଏ ସଂସାରର ଗତିପଥ
ହେ ଚକାନୟନ
ତୁମେ ମୋ ଅତୀତ
ତୁମେ ବର୍ତ୍ତମାନ
ତୁମେ ଭବିଷ୍ୟତ ମୋର
ତୁମରି ହାତରେ ଗଢ଼ାଇ ଜୀବନ
ତୁମେ ମୋର ପ୍ରାଣ ସ୍ପନ୍ଦନ
ତୁମେ ମୋ ଭକ୍ତିର ବନ୍ଧନ
ତୁମରି ଆଲୋକେ ଆଲୋକିତ ହେଉ
ଜୀବନର ଚଲାପଥ
ସବୁରି ମନରେ ଶାନ୍ତି ଭିରଦିଅ
ତୁମେ ମୋ କଳା ସାଆନ୍ତ ।

**ପ୍ରାକ୍ତନ ଆୟୁକ୍ତ ଓ ସଚିବ**
**ଓଡ଼ିଶା ବିଧାନସଭା**
**ମୋ– ୯୪୩୮୦୮୧୭୧୩**


## ଗପସପ



**ପ୍ରତିଭା ପରିଡ଼ା**

ଆସ ମ !
ଏଇଠି ଟିକେ ବସି ପଡିବା
କିଛି କଥା ହେବା ---
ସେମିତି କ'ଣ ଦୋ ଦୋ ପାଞ୍ଚ ହେଉଛ
?!
କଥାରେ ପରା
ରାଜ୍ୟ ଚଳୁଛି
ଭାତ ଛିଞ୍ଚା ହେଉଛି
ଭାଟି ଜଳୁଛି
ପାଗ ଭିଡା ହେଉଛି
ତ,ମାଦ ଭାଙ୍ଗି ପଡୁଛି ---
ଏଠି ଏଇ ଖୋଲା ପଡ଼ିଆରେ
ଧାପେ ପବନ ମିଳୁନି...
ଉଛୁଳୁ ମୁଛୁଳୁ ପୋଖରୀରେ
ପାଣି ଚଳେ ଅଣ୍ଟୁନି ---
ଭଲ ହେଲା,
ଦୁଃଖ ସୁଖ ଜଞ୍ଜାଳ
ତେଲ ଲୁଣ ସଂସାର
ଘୋଡା ହାତୀ ଯୁଦ୍ଧ ପ୍ରେମ ବେପାର
ସେମିତି ଲାଗି ରହିଛି ତ କାଳ କାଳ---
ଏବେ ଥାଉ ସେସବୁ,
ଆସ ଟିକେ ପାଖାପାଖି ବସି ଯିବା
କିଛି କଥା ହେବା...
ମନ ପାଟି ସାଧ ମେଣ୍ଟେଇବା ---
ଛାତି ପାଣି ଫାଟି ଯାଉଥିବ...
କଞ୍ଚା ମାଟିର ଡହଡହ ତାତିରେ ବି,
ହାଡ଼ ମାଂସ ତରଳୁ ନଥିବ...
ବରଂ କିଛି ମିଠା ଜହର
ଦେହ ମନ ଚରିଯାଉଥିବ...
ଲାଭ କ୍ଷତି ବଣିଜର ଅଡୁଆ ନଥିବ ---
କିଏ ବା' କାହାର ଏଠି ଧାରୁଥାଏ !
କାହା ଭାଗ୍ୟ ଏଠି
କିଏ ସମ୍ଭାଳୁଥାଏ ଯେ,
ଏଇ କଥା ପଦେ ଲାଗି ଯାହା
ମଶାଣି ପଡାରେ କାକର ଜମୁଥାଏ --
ଆସ ଟିକେ ଗପସପ ହେବା
ଏକ ଅଲଗା ବାଗରେ...
ହାତ ମୁଠାର ଜୀବନକୁ ଜିଇଁ ଯିବା
ଗୋଟିଏ ନିଆରା ଢଙ୍ଗରେ ---
ଆମେ ଭିଜୁଥିବା
ସବୁଜ ମାଟି ଓଦା ଗାଲିଚାରେ...
ସାରା ଶବ୍ଦ ବୁଣି ହୋଇ ପଡୁଥିବ
ପତ୍ର ଫାଙ୍କ ଜହ୍ନ ଆଲୁଅରେ...
ସବୁରି ହୃଦୟ ଝଲି ଉଠୁଥିବ
କଥା ଦର୍ପଣରେ...
ବତୁରି ଯାଉଥିବ ସାରା ପୃଥ୍ୱୀ
ଆପଣା ପଣରେ -----

**ପାର୍କ ପାରାଡାଇଜ**
**କଲୋନୀ,ରଘୁନାଥପୁର, ନନ୍ଦନକାନନ ରୋଡ଼, କିଟ୍ ଛକ, ଭୁବନେଶ୍ୱର –୨୪**
**ମୋ– ୮୯୧୭୬୦୩୪୪୨**



# ଅନ୍ୟ ଏକ ଆକାଶ

**ସୁଦର୍ଶନ ମହାପାତ୍ର**

ଗଳ୍ପ

– ସୁନୀଲ ଘର ଖାଲି କରିଦେଲା । ଘରେ ଥିବା ଆସବାବପତ୍ର ବିକ୍ରି କରି ତା'ର ବାକି ଥିବା ଗୋଟିଏ ମାସର ଘରଭଡ଼ା ତୋ ଆକାଉଣ୍ଟରେ ଡିପୋଜିଟ କରି ଦେଇଛି । ଚେକ୍ କରିନେବୁ । ନୂଆ ଭଡାଟିଆ ପାଇଁ ତୁ ବିଜ୍ଞାପନ ଦେଇ ଦେ । ବିଦେଶରେ ରହୁଥିବା ପୁଅକୁ ଜଣାଇଲେ ବାପା ।

ସେପଟୁ ହୋ ହୋ ହୋଇ ହସି, ପୁଅ କହିଲା,–ଦେଖିଲ ତ ବାପା,ଟିକେ ଚାଲାକ ଆଉ ଷ୍ଟ୍ରିକ୍ଟ ହେଲେ କାମ କେମିତି ସହଜରେ ଆଦାୟ କରିହେଉଛି ! ଆଛା,ଏତେ ଶୀଘ୍ର କୁଆଡେ ଗଲା ସେ? ନୂଆ ଭଡାଘର ପାଇଁ ଆଡ଼ଭାନ୍ସ ଟଙ୍କା କେଉଁଠୁ ଯୋଗାଡ଼ କଲା ବିଚରା...?

–ଆମ ଉପର ମହଲାର ସେଇ ଆଟାଚ ବାଥରୁମ ବାଲା ଗୋଟିକିଆ ବେଡ଼ରୁମ ଘର ବନ୍ଦ ହୋଇ କେବେଠୁ ପଡିଥିଲା । ତାକୁ ସେଇଠି ଆଣି ରଖିଛି । ତୋ ବୋଉ ବି ଖୁସି ମୋର ଏଇ ନିଷ୍ପତ୍ତିରେ । ରୂପା ତା ନିଜ ଆଡୁ କହିଛି, ଏଣିକି ରୋଷେଇ ବାସ ଓ ଆମ ଦାୟିତ୍ୱ ତା'ର ବୋଲି । ସେମାନେ ଭାରି ସ୍ନେହୀ । ଖୁବ୍ ଖୁସି ମନରେ ଏସବୁ କଥା ଶ୍ରୀମନ୍ତ ବାବୁ କହୁଛନ୍ତି ବୋଲି ବୁଝି ପାରିଲା ପୁଅ ।

–ଆପଣ ଏମିତି ମାଗଣାରେ ଗୋଟେ ପରିବାରକୁ ଆଣି ଘରେ ରଖିଲେ ? ଆଶ୍ଚର୍ଯ୍ୟ ହୋଇ ସୌରଭ ପଚାରିଲା ।

– ତୋ ପାଇଁ ଟଙ୍କା ସବୁବେଳେ ବଡ଼ ହୋଇ ଦେଖାଯାଉଛି । ସବୁ ଜିନିଷକୁ ଟଙ୍କା ପଇସାରେ ତଉଲା ଯାଏ ନା । ଦୁନିଆରେ ସ୍ନେହ ପ୍ରେମର କିଛି ମୂଲ୍ୟ ଅଛି କି ନାହିଁ ? ଭାବ ଅଭାବରେ ଲୋକ ଲୋକଙ୍କ କାମରେ ଲାଗିବେନି ତ କିଏ ଲାଗିବ ? ତା' ପରେ ତୁ କିଣିଥିବା ଫ୍ଲାଟର ଭଡା ପଇସା ତୁ ପାଇଯାଉଛୁ । ଏବେ ସେ ମୋ ଘରେ ରହିଛି । ମୁଁ ଯାହାକୁ ଘରେ ରଖିଲେ ତୋର ଆପତ୍ତି ରହିବା କଥା ନୁହେଁ । ପୁଅ କଥାରେ ଜବାବ ରଖିଲେ ଶ୍ରୀମନ୍ତ ବାବୁ ।

– ତା ବୋଲି ଯାହାକୁ ନାହିଁ ତାକୁ, ରାସ୍ତାରେ ବୁଲୁଥିବା ଲୋକଙ୍କୁ ଡାକି ଆଣି ଘରେ ଜାଗା ଦେବ ? ସେମାନେ ପୁଣି କେତେବେଳେ ତୁମକୁ ବୋକା ବନେଇ ବାହାରି ଯିବେ ନିଜ ରାସ୍ତାରେ । ସେମାନଙ୍କୁ କ'ଣ ଭରସା କରି ହୁଏ? ଈଷତ୍ ବିରକ୍ତି ଭାବ ପ୍ରକାଶ କରି କହିଲା ପୁଅ ।

– ଦେଖ ସୌରଭ, ବୋକା ବନିବାର ଥିଲେ ବି ମୋତେ କିଛି ଫରକ୍ ପଡିବନି । ମୁଁ ସେଥିରେ ଖୁସି । ବୋକା ଥିଲି ବୋଲି ତ ଗୋଟିଏ ଛୁଆକୁ ରାସ୍ତାରୁ ଉଠାଇ କୋଳେଇ ନେଇଥିଲି । ଏମିତିକି ତାରି ମୁହଁକୁ ଚାହିଁ ନିଜ ରକ୍ତର ପିଲାକୁ ସଂସାରକୁ ଆଣି ନଥିଲୁ ଆମେ ଦୁହେଁ । ହେଲେ ସେଇ ପୁଅ ଆଜି ନିଜ ସୁଖକୁ ପ୍ରାଧାନ୍ୟ ଦେଇ ଆଉ କାହାର ଭଲମନ୍ଦକୁ ପାଶୋରି ଦେଉଛି । ତାକୁ ତ ଠିକ୍ ସଂସ୍କାର ଦେଇ ପାରିଲୁ ନାହିଁ । ଆଉ କାହାଠାରୁ କ'ଣ ଅବା ଆଶା କରିବୁ ?

ନିଜର ଅତୀତ ଆଉ ବର୍ତ୍ତମାନର ମୁଖା ଖୋଲି ଦେଇଥିବା ବୋକା ଲୋକଟିର କଥା କେଇପଦ ସୌରଭଙ୍କୁ ଏଇ ମାତ୍ର ଉଚିତ ମାର୍ଗ ଦେଖାଇ ଭଲ ମଣିଷଟିଏ ହେବାକୁ ପ୍ରେରଣା ଯୋଗାଉଥିଲା...!!!


**କୁଞ୍ଜବିହାରୀ ଲେନ, କଟକ , ମୋ–୯୪୩୮୧୭୫୫୪୨**

# ସୁରେନ୍ଦ୍ର ମହାନ୍ତି : କୃଷ୍ଣଚୂଡ଼ାର କଥାକାର

**ବାଦଲ ଭୂୟାଁ**

ଯାତ୍ରା ହିଁ ତାଙ୍କର ଜୀବନ । ପଥ ହିଁ ତାଙ୍କର ପୃଥିବୀ । ଗତି ହିଁ ତାଙ୍କର ଲକ୍ଷ୍ୟ । କେଉଁଠି ସୁନା ପଞ୍ଜୁରି ଭିତରେ ଶୁଆ ହୋଇ ରହିବାର, କେଉଁ ଗୋଲାପ ବଣରେ ବୁଲବୁଲ ହୋଇ ଅଟକିଯିବାର ଅଭିଳାଷ ତାଙ୍କ ଯାତ୍ରାପଥରେ ପୂର୍ଣ୍ଣଚ୍ଛେଦ ଟାଣିପାରି ନାହିଁ । ଅନ୍ୱେଷା ହିଁ ତାଙ୍କର ଅଭୀପ୍ସା, ସନ୍ଧାନ ହିଁ ତାଙ୍କ ସ୍ୱଧର୍ମ ।

ସେ ଉଡନ୍ତା ଚଢ଼େଇ...ପାନ୍ଥ ପ୍ରଜାପତି...ମୁକ୍ତ କପୋତ । ସାହିତ୍ୟରେ ଗୋଷ୍ଠୀହୀନ ବେସାଲିସୀ ମଣିଷ, ରାଜନୀତିରେ ଯାଯାବର ଘୂର୍ଣ୍ଣି । ତେଣୁ ତାଙ୍କର ମୂଲ୍ୟାୟନ ପାଇଁ ମନୁଷ୍ୟବତ୍ତା ଓ ହୃଦୟବତ୍ତାର ସମାଧିଶିଳା ଉପରେ ଭୁଲ ଆଉ ଠିକ୍‌ର ଫେଡ଼ାଣ– ମିଶାଣ ଲୋଡ଼ାପଡ଼େ ନାହିଁ, ସତ୍ୟ ଓ ଆଦର୍ଶ ହରଣ ଗୁଣନ ମଧ୍ୟରେ ତ୍ରୁଟି ଆଉ ବିଚ୍ୟୁତିର ଭାଗଫଳ ଖୋଜି ବସିବା ପ୍ରୟୋଜନ ହୁଏ ନାହିଁ । ଫ୍ରେମବନ୍ଧା ଫଟୋ, ରଙ୍ଗଛଡ଼ା ଆଲବମ୍ ଓ କିଛି କିଛି କାଗଜବିଡ଼ାର ସ୍ତୂପତଳୁ ତାଙ୍କର ପ୍ରକୃତ ପରିଚୟ ପାଇବା ପାଇଁ ଗଳଦ୍‌ଘର୍ମ ଚେଷ୍ଟା ଲୋଡ଼ା ହୁଏନାହିଁ । ସିଦ୍ଧ, ସାଧନା ଓ ସ୍ୱୀକୃତିର ଊର୍ଦ୍ଧ୍ୱରେ ଏହି ସାରସ୍ୱତ ପ୍ରବାଦପୁରୁଷ ଅର୍ଦ୍ଧଶତାବ୍ଦୀ ବ୍ୟାପୀ ସାଧନାରେ ସମୃଦ୍ଧ କରି ଆସିଛନ୍ତି ଓଡ଼ିଆ ସାହିତ୍ୟକୁ ବହୁ ଉପନ୍ୟାସ, ଚରିତ ଉପନ୍ୟାସ ଓ ଗଳ୍ପ ସଂକଳନ ଜରିଆରେ । ଓଡ଼ିଶାରେ ଏପରି କ୍ୱଚିତ ସାକ୍ଷର ହୁଏତ ଥିବେ, ଯେଉଁମାନେ ସୁରେନ୍ଦ୍ର ମହାନ୍ତିଙ୍କର ସାହିତ୍ୟ ପଢ଼ି ନାହାନ୍ତି, ସୁରେନ୍ଦ୍ର ଶୈଳୀ ଓ ନାନୁକରଣୀୟ ଶବ୍ଦର ସାୟରୀରେ ମନ୍ତ୍ରମୁଗ୍ଧ ପାଲଟି ନାହାନ୍ତି ।



'ନୀଳଶୈଳ', 'ନୀଳାଦ୍ରି ବିଜୟ', 'କୃଷ୍ଣାବେଣୀରେ ସନ୍ଧ୍ୟା', 'ମରାଳର ମୃତ୍ୟୁ', 'ଅନ୍ଧ ଦିଗନ୍ତ', 'କୁଳବୃଦ୍ଧ' ଓ ନିଜର ଜୀବନସ୍ମୃତି 'ପଥ ଓ ପୃଥିବୀ' ତାଙ୍କର ଦୀର୍ଘ ନିରଳସ ନିଷ୍ଠାପର ସାଧନାର କତିପୟ ଉଜ୍ଜ୍ୱଳ ଇସ୍ତାହାର । ଏଥିପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ, ଶାରଳା ପୁରସ୍କାର ସମିତି, ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ଆହୁରି ବହୁ ବହୁ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ଏବଂ ସମ୍ବର୍ଦ୍ଧିତ ।

ଆଜି ହୁଏତ ଅନେକେ ବିଶ୍ୱାସ କରିବେ ନାହିଁ ଯେ ଓଡ଼ିଆ ସାହିତ୍ୟର ଏହି ମୁକୁଟବିହୀନ ସମ୍ରାଟଙ୍କୁ ଏକଦା ଜୀବିକା ନିର୍ବାହ ପାଇଁ ରାଜପଥର ଯାଯାବର ଜୀବନ କାଟିବାକୁ ପଡ଼ିଥିଲା ।

୧୯୪୩ ମସିହା ଶେଷ ଆଡ଼କୁ ସୁରେନ୍ଦ୍ର ବାବୁ ଆପଣେଇ ନେଇଥିଲେ ଟ୍ରାଭେଲିଂ ଏଜେଣ୍ଟର ଜୀବିକା, ଲୁଧିଆନାର ଗୋଟିଏ କମ୍ପାନୀ ପାଇଁ ଅର୍ଡ଼ର ସଂଗ୍ରହ କାର୍ଯ୍ୟ, ଜୀବନସ୍ମୃତି 'ପଥ ଓ ପୃଥିବୀ'ରେ ଏହି ସମ୍ପର୍କୀୟ ତାଙ୍କର ଅନୁଭୂତି ଯେତିକି କରୁଣ, ଦୁଃସ୍ଥିତି ଓ ଦୁର୍ଦ୍ଦିନ ଭିତରେ କାଳ କାଟୁଥିବା ତରୁଣ ପିଢ଼ିର ସାହିତ୍ୟକମାନଙ୍କ ପାଇଁ ସେତିକି ଉତ୍ସାହପ୍ରଦ । ତା' ପରର ଜୀବନ ଜନତା ସଂପାଦକଙ୍କର ଜୀବନ ।

ଏବେ ସୁରେନ୍ଦ୍ର ମହାନ୍ତି ଶତାବ୍ଦୀ ପୁରୁଷ । ତାଙ୍କର ସ୍ମୃତି ଶତାବ୍ଦୀର ସ୍ମୃତି । ବିଂଶ ଶତାବ୍ଦୀର ତୃତୀୟ ଦଶକର ଆରମ୍ଭରେ ଉଦୟ ହୋଇ, ଶେଷ ଦଶକରେ ଅସ୍ତ ହୋଇଥିଲେ ସେ । କିନ୍ତୁ ତାଙ୍କ ସାହିତ୍ୟର ସହସ୍ରାଂଶୁ ଗତ ଶତାବ୍ଦୀକୁ ବି ଯେଉଁପରି ଦୀପ୍ତିମାନ କରି ରଖିଥିଲା, ଚଳିତ ଶତାବ୍ଦୀକୁ ବି ସେହିପରି ଦୀପ୍ତିମାନ କରି ରଖିଛି । ସେ ପ୍ରଚଣ୍ଡ ମାର୍ତ୍ତଣ୍ଡଙ୍କର ଅସ୍ତ ନାହିଁ ।

ସୁରେନ୍ଦ୍ର ମହାନ୍ତି ମଧ୍ୟ ଆମ ସାହିତ୍ୟର ନାଗାଧିରାଜ ହିମାଳୟ । ତାଙ୍କ ସାହିତ୍ୟର ଅନେକ ଶୃଙ୍ଗ । ଯେତେ ଦିନ ଓଡ଼ିଆ ଭାଷା ସାହିତ୍ୟ ଥିବ, ସେତେ ଦିନ ସେ ଶୃଙ୍ଗସବୁ ଚିର ଉନ୍ନତ ଓ ଚିର ଅମ୍ଳାନ ହୋଇ ରହିଥିବ ।

ଆକାଶ ଓ ସମୁଦ୍ରକୁ ନ ଦେଖିବା ଯାଏ ଯେପରି ବୁଝି ହୁଏନାହିଁ ବ୍ୟାପ୍ତି ଓ ଗଭୀରତାର ପରିଭାଷା, ସୁରେନ୍ଦ୍ର ମହାନ୍ତିଙ୍କୁ ନ ପଢ଼ିଲେ ସେହିପରି ଜାଣି ହୁଏନାହିଁ ଓଡ଼ିଆ ସାହିତ୍ୟର ପ୍ରାଚୁର୍ଯ୍ୟ ଓ ସୁରେନ୍ଦ୍ର ଶୈଳୀର ନାନ୍ଦନିକତା । ସେ ନିଜେ ହିଁ ନିଜର ଷ୍ଟାଇଲ । ଉତ୍ତର ଷାଠିଏର ଶାରୀରିକ ଦୌର୍ବଲ୍ୟ ଭିତରେ ବି ଶେଷ ପର୍ଯ୍ୟନ୍ତ ତାଙ୍କର ଲେଖନୀ କର୍ମଚଞ୍ଚଳ ଥିଲା ।

**୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭– ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ମୋ–୯୨୦୪୬୫୨୦୬୫**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଯୁଦ୍ଧ ହେଲେ...

ବିଭିନ୍ନ ବକ୍ତବ୍ୟ ଲାଗି ମଧ୍ୟ ଯୁଦ୍ଧ କରିବାକୁ ପଡିଥିଲା। କାରଣ ଭୁଲ ସୂଚନା ତୁରନ୍ତ ସାଧାରଣ ଲୋକଙ୍କ ଧାରଣାକୁ ବଦଳି ଦିଆଯାଇଥାଏ। ମେ ୭ରେ ଭାରତ ଅପରେସନ୍ ସିନ୍ଦୂର ଆରମ୍ଭ କରିଥିଲା। କେତେ ଫାଇଟର ଜେଟ୍ ଖସିଛି ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ, କାହିଁକି ଆମେ ସେମାନଙ୍କୁ ପରାସ୍ତ କରିଛୁ। ତେଣୁ ସଂଖ୍ୟା ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ସେ ଉଲ୍ଲେଖ କରିଛନ୍ତି। ଆମର ଯେଉଁ ତ୍ରୁଟି ଥିଲା ତାକୁ ସୁଧାରି ସାରିଛୁ। ପାକ୍ ସେନା ପକ୍ଷରୁ ଜବାବୀ ଆକ୍ରମଣରେ ଭାରତର ସାମରିକ ସ୍ଥଳ ଗୁଡିକ ଓ ସୀମା ସହରରେ ଡ୍ରୋନ ଯୋଗେ ଆକ୍ରମଣ କରାଯାଇଥିଲା । ତେବେ ଆମେ ବ୍ରହ୍ମସ ମିଶାଇଲର ପାକିସ୍ତାନର ପ୍ରମୁଖ ଏୟାରବେସ୍‌କୁ ଟାର୍ଗେଟ୍ କରାଯାଇଥିଲା। ତେବେ ପାକିସ୍ତାନ ପରମାଣୁ ଅସ୍ତ୍ର ବ୍ୟବହାର କରିବା ନେଇ ସିଡିଏସ୍ ଏହା ଉପରେ ଟିପଣୀ ଦେବାକୁ ମନା କରିଦେଇଛନ୍ତି । ଭାରତର ଅପରେସନ୍ ସିନ୍ଦୂରରେ ୧୦୦ରୁ ଊର୍ଦ୍ଧ୍ୱର୍ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଛି । ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଥିବାବେଳେ ଅଚାନକ ଅସ୍ତ୍ରବିରତି ପ୍ରସଙ୍ଗରେ ସିଡିଏସ୍ କହିଛନ୍ତି ଯେ ଅପରେସ୍ ସିନ୍ଦୂର ଅଭିଯାନରେ ଭାରତୀୟ ସେନା ୩ ଦିନରେ ଲକ୍ଷ ପୂରଣ କରିସାରିଥିଲା । ତେଣୁ ଅପରେସନ୍ ରୋକିବା ଉଚିତ୍ ପଦକ୍ଷେପ ଥିଲା । ଭାରତର ପୂର୍ବ ନିର୍ଦ୍ଧାରିତ ରଣନୀତିର ଏହାର ଅଂଶବିଶେଷ । ପାକିସ୍ତାନ ଅସ୍ତ୍ରବିରତି ଚାହିଁଥିଲା । ୭ ରୁ ୧୦ ମଧ୍ୟରେ ଏଲ୍‌ଓସି ନିକଟରେ ପାକିସ୍ତାନ ଭିଷଣ ଗୁଳିଗୋଳା ମାଡ କରିଥିଲା । ୧୫ ଭାରତୀୟ ନାଗରିକ ଓ ଜଣେ ସୈନିକ ସହିଦ ହୋଇଥିଲେ । ଜବାବୀ ଆକ୍ରମଣରେ ଭାରତ ବ୍ରହ୍ମୋସ କ୍ଷେପଣାସ୍ତ୍ର ଉପଯୋଗ କରି ନୁର୍ ଖାନ୍-ଚକୋଲାଲା ବାୟୁସେନା ଘାଟିକୁ ଟାର୍ଗେଟ କରିଥିଲା । ପାକିସ୍ତାନ ସେନାର ଅନେକ କ୍ଷୟକ୍ଷତି ହୋଇଥିଲା । ଅନେକ ସୈନିକ ପ୍ରାଣ ହରାଇଥିଲେ । ବଡ ଧରଣର କ୍ଷୟକ୍ଷତି ପରେ ପାକିସ୍ତାନ ଅସ୍ତ୍ରବିରତି ମାଗିଲା, ଯାହାକୁ ଭାରତ ସ୍ୱୀକାର କଲା । ଏହା ଭାରତର ରଣନୈତିକ ବିଚାରର ଅଂଶ ଥିଲା । ସ୍ୱାଧୀନତା ପରଠାରୁ ଭାରତ ଦୀର୍ଘକାଳିନ ରଣନୀତି ଉପରେ କାର୍ଯ୍ୟ କରିଆସୁଛି ବୋଲି ସିଡିଏସ୍ କହିଛନ୍ତି ।

## ସ୍କୁଲ...

ଆବଶ୍ୟକୀୟ ପଦକ୍ଷେପ ନେବା ସହିତ ସହାୟତା ଯୋଗାଇ ଦେବାକୁ ଉଚ୍ଚଶିକ୍ଷା ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ବଳଭଦ୍ରଙ୍କ ପରିବାର ପାଇଁ ଉପଲବ୍ଧ ସରକାରୀ ଯୋଜନା ଅଧୀନରେ ଜୀବିକା ସହାୟତା ଯୋଗାଇ ଦେବାର ଘୋଷଣା କରିଛନ୍ତି ।ଏହି ଘଟଣାର ଯେପରି ପୁନରାବୃତ୍ତି ( ୯ ପୃଷ୍ଠାରେ)

ରୋକିବାକୁ ଉଚ୍ଚଶିକ୍ଷା ବିଭାଗ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି । ସୂଚନାଯୋଗ୍ୟ ଯେ କାଶୀପୁର ବ୍ଲକ୍ ଅଡ଼ାଜୋର ପଞ୍ଚାୟତ ପୋଡ଼ାପଦର ଗ୍ରାମର ଛାତ୍ର ବଳଭଦ୍ର ମାଝୀ ବିଷମକଟକ ମା' ମାର୍କମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନରତ ବଳଭଦ୍ର ଯୁକ୍ତ ଦୁଇ କଳା ପରୀକ୍ଷାରେ ୫୧୭ ନମ୍ବର ରଖି ବିଦ୍ୟାଳୟ ଟପର୍ ହୋଇଛନ୍ତି । ପରୀକ୍ଷା ଶେଷ ହେବା ପରେ ପରିବାରର ଆର୍ଥିକ ସ୍ଥିତିରେ ସୁଧାର ଆଣିବା ପାଇଁ ସାଙ୍ଗସାଥୀଙ୍କ ସହ ବଳଭଦ୍ର ଦାଦନ ଖଟିବାକୁ କେରଳ ଚାଲି ଯାଇଥିଲେ । ପରୀକ୍ଷା ଫଳ ପ୍ରକାଶ ପରେ ବଳଭଦ୍ର ବିଦ୍ୟାଳୟ ଟପର୍ ହୋଇଥିବା ଜାଣି ପରିବାର ଲୋକଙ୍କ ସମେତ ଗ୍ରାମବାସୀ ଓ ସ୍କୁଲ୍ କର୍ତ୍ତୃପକ୍ଷ ଖୁସି ହୋଇଥିଲେ । କିନ୍ତୁ ବଳଭଦ୍ର କେରଳରେ ଦାଦନ ଖଟୁଥିବାରୁ ଉଚ୍ଚଶିକ୍ଷାକୁ ନେଇ ପରିବାର ଲୋକ ଚିନ୍ତିତ ଥିଲେ । ପାଠପଢ଼ା ପାଇଁ ବଳଭଦ୍ର କେରଳ ଯିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ତତ୍ପରତା ପ୍ରକାଶ କରିଛି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ । ବଳଭଦ୍ର ସୁଙ୍ଗେର ହାଇସ୍କୁଲରୁ ଉତ୍ତୀର୍ଣ୍ଣ ହେବା ପରେ ଉଚ୍ଚଶିକ୍ଷା ପାଇଁ ବିଷମକଟକ ମା' ମାର୍କମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଢୁଥିଲେ ।

## କୋଟିପତି...

ସାମଗ୍ରୀ ଜବତ କରାଯାଇଛି । ଶନିବାର ସେ ଅବସର ଗ୍ରହଣ କରିଥାନ୍ତେ । ଦିନକ ପୂର୍ବରୁ ଭିଜିଲାନ୍ସ ଚଢାଉ କରି ତାଙ୍କୁ ଗିରଫ କରିବା ଘଟଣା ସରକାରୀ କର୍ମଚାରୀ ମଧ୍ୟରେ ଚର୍ଚ୍ଚା ହେଉଛି ।

## ଏସିଆରେ...

ଦେଶମାନେ ଚୀନ୍‌ର ମୁକାବିଲା ପାଇଁ ନିଜ ପ୍ରତିରକ୍ଷା ବଜେଟ ବଢ଼ାଇବା ଓ ସେନାକୁ ଆଧୁନିକ ଉପରକଣରେ ସଜ୍ଜିତ ରଖିବାକୁ ପରାମର୍ଶ ଦେଇଛନ୍ତି । ଚୀନ୍‌କୁ ରୋକିବା ଲାଗି ଭାରତ ସହ ଆମେରିକା ପ୍ରତିରକ୍ଷା ସହଯୋଗ ବଢ଼ାଇବା ଜରୁରୀ । ଡୋନାଲ୍ଡ ଟ୍ରମ୍ପ ଚୀନ୍ ସହ ଯେଉଁ ଟାରିଫ ୱାର ଆରମ୍ଭ କରିଥିଲେ ଓ ଏଆଇ ଟେକ୍ନୋଲୋଜି ପର୍ଯ୍ୟନ୍ତ ଚୀନ୍‌ରେ ପହଞ୍ଚ ସୀମିତ ରଖିବାକୁ ପ୍ରୟାସ କରିଛନ୍ତି । ଫିଲିପାଇନ୍ସ ଭଳି ଦେଶ ସହ ପ୍ରତିରକ୍ଷା ସହଯୋଗ ବଢ଼ାଯାଇଛି । ତାଇୱାନ ଦଖଲ ପାଇଁ ଚୀନ୍ ତାର ସେନା କ୍ଷମତା ବଢ଼ାଇଛି ଓ ଲଗାତର ରିହରସର କରୁଛି । ଚୀନ୍ ଯେଉଁଭଳି ସାଇବର ଆକ୍ରମଣ କରୁଛି ଓ ଏଥିରେ ପଡୋଶୀମାନେ ଯେଉଁଭଳି ହଇରାଣ ହେଉଛନ୍ତି ଏହା ଏକ ଚେତାବନୀ । ବିବାଦୀୟ ଜଳ ମାର୍ଗକୁ ମଧ୍ୟ ଚୀନ୍ ନିଜର ବୋଲି ଦାବି କରୁଛି । ସେହି ରାସ୍ତାରେ ୬୦%ରୁ ଅଧିକ ବିଶ୍ୱସ୍ତରୀୟ ବାଣିଜ୍ୟ କାରବାର ହେଉଛି । ଏଥିପାଇଁ ଗତ କିଛିମାସରେ ଚୀନ୍ ବାରମ୍ବାର ଫିଲିପାଇନ୍ସ ସହ ମୁହାଁମୁହିଁ ହୋଇଥିବା ସେ ଉଲ୍ଲେଖ କରିଛନ୍ତି ।

## ଆଉ...

### ସରକାରୀ ଓକିଲଙ୍କ ଲାଗି ଗୃହ ବିଭାଗର ଏସ୍‌ଓପି

ଘୁଞ୍ଚାଯିବ ନାହିଁ । ସମାନ ତାରିଖରେ ଓକିଲଙ୍କର ଅନ୍ୟ କୋର୍ଟରେ କେଶ୍ ଥିବା କାରଣ ଦର୍ଶାଇଲେ ଗ୍ରହଣ ହେବନାହିଁ । ସାକ୍ଷୀ ପ୍ରସ୍ତୁତ ଥାଇ ମଧ୍ୟ ପ୍ରତିପକ୍ଷ ପ୍ରସ୍ତୁତ ନଥିଲେ କୋର୍ଟ ସାକ୍ଷୀଙ୍କ ବୟାନ ରେକର୍ଡ କରି ଜେରା କରିପାରିବ । ଯୁକ୍ତିଯୁକ୍ତ କାରଣ ନ ଦର୍ଶାଇ ତାରିଖ ପରେ ତାରିଖ ନେଲେ ସରକାରୀ ପକ୍ଷ କିମ୍ବା ଅଭିଯୁକ୍ତ ପକ୍ଷଙ୍କ ଉପରେ ଆର୍ଥିକ ଦଣ୍ଡ କରାଯାଇପାରିବ । ସରକାରୀ ଓକିଲ ମାସିକ ରିପୋର୍ଟ ଦେବେ । ମାମଲାର ବିବରଣୀ, ସ୍ଥଗିତ ମାମଲା ସଂଖ୍ୟା, ଉଠାଯାଇଥିବା କାରଣ ଓ କୋର୍ଟର ନିର୍ଦ୍ଦେଶ ଏହି ରିପୋର୍ଟରେ ଉଲ୍ଲେଖ ରହିବ ।

# ଭୁଶୁଡ଼ିଲା ରଜାଙ୍ଗ ମାଇନର ପାଚେରି

ଡେରାବିଶ,(ସବ୍ୟୁ) : କେନ୍ଦ୍ରାପଡ଼ା କେନାଲର ୧୩ ନଂ ଶାଖା ନାଳରୁ ବାହାରିଥିବା ରଜାଙ୍ଗ ମାଇନର କେନାଲ ବନ୍ଧର ଦାନପୁର ଗ୍ରାମସ୍ଥିତ ନଣ୍ଡାମହାଦେବଙ୍କ ନିକଟରେ ଗାର୍ଡ଼ ୱାଲ ଭୁସୁଡ଼ି ପଡ଼ିଛି। ଯାହା ଫଳରେ ଅସନ୍ତା ଖରିଫ୍ ଋତୁରେ ଚାଷଜମିକୁ ପାଣି ଯିବା ନେଇ ଆଶଙ୍କା ଉପୁଜିଛି। ସୂଚନାରୁ ପ୍ରକାଶ ଏହି ରଜାଙ୍ଗ ମାଇନର ୧୩ ନଂ କେନାଲର ଦାନପୁର ଠାରୁ ବାହାରି ଦୋହଳି, ରଜାଙ୍ଗ ବାଟଦେଇ କେଶରପୁର ସ୍ଥିତ ପଥପ୍ରାନ୍ତ ସୁବିଧା କେନ୍ଦ୍ର ଯାଇ ଯାଇଛି। ଏହି ନାଳ ଉପରେ ଉପରୋକ୍ତ ଗ୍ରାମ ଗୁଡ଼ିକର ଚାଷୀମାନେ ସେମାନଙ୍କର ଚାଷଜମିକୁ ଜଳସେଚିତ କରିବା ପାଇଁ ବ୍ୟବହାର କରିଥାନ୍ତି। ତେବେ ସ୍ଥାନୀୟ ଲୋକଙ୍କ ମତ ଅନୁଯାୟୀ ନାଳର ପାଚେରୀ ଭାଙ୍ଗିଥିବା ସ୍ଥାନ ଦେଇ ଗ୍ରାମର କିଛି ବ୍ୟକ୍ତି ତାଙ୍କର ଘର ନିର୍ମାଣ ସାମଗ୍ରୀ ଭାରୀ ମାଲବାହୀ ଯାନରେ ପରିବହନ କରିବାରୁ ବହୁ ପୂର୍ବରୁ ନିର୍ମିତି ଏହି ପାଚେରୀ ଭାସୁଡ଼ି ପଡ଼ିଛି। ତୁରନ୍ତ ଖରିଫ୍ ପାଣି ଆସିବା ପୂର୍ବରୁ ଏହି ନାଳର ଗାର୍ଡ଼ ୱାଲ ନିର୍ମାଣ କରିବା ପାଇଁ ଅଂଚଳର ଚାଷୀମାନେ ଦାବି କରିଛନ୍ତି।

# ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅତିରିକ୍ତ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡ଼ା, (ସବ୍ୟୁ) :ଶାସନ ସଚିବ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଅସାମ୍ବିଧାନିକ ପତ୍ରର ପ୍ରତିବାଦରେ ପ୍ରାଥମିକ ଶିକ୍ଷକ ମାନଙ୍କର ପଦୋନ୍ନତିର କାର୍ଯ୍ୟକ୍ରମକୁ ମାନ୍ୟବର ଉଚ୍ଚ ନ୍ୟାୟାଳୟର ସ୍ଥଗିତାଦେଶ ଯୋଗୁଁ ସାମୟିକ ଭାବେ ବନ୍ଦ କରିବାପାଇଁ ଦାବୀ ଜଣାଇବାସହ ସ୍ମାରକପତ୍ର ପ୍ରଦାନ କରିଥିଲେ। ଉଚ୍ଚ ନ୍ୟାୟାଳୟର ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଦାବୀ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂପାଦକ ଅଶ୍ୱିନୀ କୁମାର ରାଉତ, ମୁଖପାତ୍ର ଭକ୍ତ ରଂଜନ ସ୍ୱାଇଁ, ଗଣମାଧ୍ୟମ ସଂଯୋଜକ ଏମ୍ ଡି ଫୟାଜୁଦ୍ଦିନ, କେନ୍ଦ୍ରାପଡା ବ୍ଲକ ସଂପାଦକ ଦେବେନ୍ଦ୍ର ନାୟକ, ଯୁଗ୍ମ ସମ୍ପାଦକ ଏମ୍ ଡି ଅସଗର ଅଲ୍ଲୀ, ଡେରାବିଶ ବ୍ଲକ ସଭାପତି ପ୍ରଶାନ୍ତ କୁମାର ଶତପଥୀ, କାର୍ଯ୍ୟକାରୀ ସଭାପତି ଅଜୟ ଦାସ, ପଟ୍ଟାମୁଣ୍ଡାଇ ବ୍ଲକ ପ୍ରତିନିଧି ସଂଜୟ କୁମାର ସାହୁ,ଅଞ୍ଜଳିପ୍ରଭା ସିଂ, ଗାଙ୍ଗେୟ ବିଶ୍ୱାଳ, ଖଗେଶ୍ୱର ସାମଲ, ପ୍ରଦୀପ ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଉଚ୍ଚ ନ୍ୟାୟାଳୟର ଆଦେଶକୁ ସମ୍ମାନ ଜଣାଇ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ନବ ଦାସ ହତ୍ୟା ମାମଲା: ତ୍ୱରିତ ବିଚାର ପାଇଁ ପିପି-କ୍ରାଇମବ୍ରାଞ୍ଚ ଆଲୋଚନା

ଝାରସୁଗୁଡ଼ା,(ସବ୍ୟୁ): ବହୁଚର୍ଚ୍ଚିତ ନବ ଦାସ ହତ୍ୟା ମାମଲାର ପୁନଃ ତଦନ୍ତର ଦ୍ୱିତୀୟ ପର୍ଯ୍ୟାୟ ଛାନଭିନ ଶୁକ୍ରବାରଠାରୁ ଆରମ୍ଭ ହୋଇଛି । ଦ୍ୱିତୀୟ ଦିନରେ ଅତିରିକ୍ତ ଏସପି ବିଜୟ ମଲ୍ଲିକ ଝାରସୁଗୁଡ଼ା ଅତିରିକ୍ତ ଦୌରା ଜଜଙ୍କ କୋର୍ଟରେ ପହଞ୍ଚି ପବ୍ଲିକ ପ୍ରସିକ୍ୟୁଟରଙ୍କ ସହ ଦୀର୍ଘ ଅଧ ଘଣ୍ଟା ଧରି ଆଲୋଚନା କରିଥିଲେ। ବିଚାର ପ୍ରକ୍ରିୟାକୁ କିଭଳି ତ୍ୱରିତ କରାଯିବ, ଶୁଣାଣି ତାରିଖ ଶୀଘ୍ର ଶୀଘ୍ର ଆସିବ ସେନେଇ ପିପିଙ୍କ ସହ ବିସ୍ତୃତ ଆଲୋଚନା ହୋଇଥିବା ଶ୍ରୀ ମଲ୍ଲିକ କହିଛନ୍ତି । ପ୍ରକାଶ ଥାଉକି କ୍ରାଇମ ବ୍ରାଞ୍ଚ ପକ୍ଷରୁ ହତ୍ୟାକାଣ୍ଡର ଏକ ମାତ୍ର ଅଭିଯୁକ୍ତ ପୋଲିସ ଏଏସଆଇ ଗୋପାଳ ଦାସଙ୍କ ସହ ମୋବାଇଲରେ ଯେଉଁ ମାନେ ଘଟଣା ଦିନ ଓ କିଛି ଘଣ୍ଟା ପୂର୍ବରୁ ବାର୍ତ୍ତାଳାପ କରିଥିଲେ ସେମାନଙ୍କ ବୟାନ ରେକର୍ଡ଼ କରାଯାଉଛି ।

**AFFIDAVIT**

By virtue of an affidavit sworn before Notary Public Balasore, dated 31/05/2025 I, Satya Suvam Giri, address: At-Ranipatna Bank Colony, P.S. Sahadevkhunta, P.O./Dist. - Balasore Pin-756001 (Odisha) declare that I have changed my name from Satya Subham Giri to Satya Suvam Giri. Henceforth, I shall be known as Satya Suvam Giri for all purposes.

Satya Suvam Giri

**AFFIDAVIT**

By virtue of an Affidavit sworn before the Court ofExecutive Magistrate, Bhandaripokhari, I Jyotiranjan Mohapatra S/o Niranjan Mohapatra of Vill/P.O- Korigan, PS-Bhandaripokhari, Dist-Bhadrak, declare that my son namely Anurag Mohapatra S/o- Jyotiranjan Mohapatra according to his birth certificate registration no. 343/2017. But my son's Adhar card bearing no. 3083 1330 9479 name has been wrongly mentioned Sahisnu Mohapatra instead of Anurag Mohapatra. I swear this affidavit to produce before the concerned authority for purpose correction of my son's Adhar card namely Anurag Mohapatra.

Sd/- Jyotiranjan Mohapatra

**Block Development Office, Lakhanpur**

**Tender Call Notice**

i-137

No. 1767 Date : 29.05.2025

The Block Development Officer, Lakhanpur invites percentage rate basis Tender for 1. Construction of 8 nos PACS office Building of Lakhanpur Block 2. Const of 4 nos PACS Godown of Lakhanpur Block 3. Construction of 7 nos GPLF Office building with Market Complex of Lakhanpur Block 4. Const of 2 nos schools Additional Classroom of Lakhanpur Block 5. Const, of Additional Class room at Banjipalli UPS 6. Const of Girls common room for Mahima Degree college, Bijapali 7. Completion of incomplete Class room at mahima College (HSS) Mahimapuram, Bijapali 9. Const of Multipurpose hall near Samleswari Mandir, Kumbharband 10. Extension of Panchayat Samiti Office Building, Lakhanpur The sale of bid documents starts from Dt.30.05.2025 to Dt13.06.2025 during the office hour and receipt of the bid documents starts from Dt.30.05.2025 to Dt.16.06.2025 up to 5.00 PM on all working days in the office of the Block Development Officer, Lakhanpur. The bid will be opened on Dt 17.06.2025 at 11.00 A.M. Intending Class-B, Class-C and Class- D contractors may visit district website of Jharsuguda www.iharsuguda.odisha.gov.in for detail information.

Sd/- Block Development Officer
Lakhanpur

OIPR : 19143/11/0007/2526

**FOREST DEPARTMENT**
**OFFICE OF THE DIVISIONAL FOREST OFFICER, BARIPADA FOREST DIVISION**

MM-67

e-mail - dfo.baripada@odisha.gov.in.

Government of Odisha 'e'' Procurement Notice

Bid Identification No : DFO-BPD-02/2025-26

1. Number of works - 4 (Two numbers of work)
2. Approximate estimated cost - 24.69 lakh to 27.87 lakh
3. Period of Completion - 60 (Sixty) days.
4. Date & Time of availability of bid documents in the portal - Dt.05.06.2025 to 19.06.2025
5. Last Date / Time of receipt of bid in the portal - Dt.19.06.2025 up to 5.00 PM
6. Date of Opening of bid - Dt.20.06.2025 at 11.00 AM
7. Name & address of the Office inviting bid - O/o the Divisional Forest Officer, Baripada Forest Division, Baripada, Mayurbhanj, Pin-757001

Further details can be seen from the e-procurement portal http://www.tendersodisha.gov.in

Sd/- Divisional Forest Officer
Baripada Forest Division

OIPR : 08065/11/0010/2526

**Government of Odisha : Office of the Executive Engineer**
**Rural Works Division-II, Nabarangpur, Umerkote**

e-mail : eerwukt@gmail.com & eerwukt@ymail.com

O-227

Letter No. 2068 Date : 30.5.25

1. Name of the Work : Building Works
2. Toal No. of Works : 03 (Three) Nos.
3. Approx. Estimated Cost : Varies from 28.14 Lakhs to 38.55 Lakhs.
4. Class of Contractor : "B" & "C" Class of Contractor
5. Period of Completion : As per TCN

| Procurement Officer | Bid Identification No. | Availability of tender online for bidding | | Last Date & Time Seeking Tender Clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division-II, Nabarangpur, Umerkote. | Online Tender/02/ RWD-UKT/2025-26 | 05.06.2025 at 11.00 AM | 16.06.2025 up to 5.00 PM | 13.06.2025 at 01.00 PM | 17.06.2025 at 11.00 AM |

Further details can be seen from the Government website www.tendersodisha.gov.in

Sd/- Executive Engineer
Rural Works Division-II, Nabarangpur, umerkote

OIPR : 25103/11/0019/2526

**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION, BHUBANESWAR**

No : Tender-Online-BBSR Divn. EOI - 02 Date : 28.05.2025

Ph. No. - 0674-2301787
Fax. No. - 0674-2300965
E.Mail I.D. - eerw_bbsr@yahoo.co.in

O-229

e-Procurement NOTICE

1. Name of the Work : Supply of Computer & Printer
2. Time of Completion : 15 (Fifteen) days.
3. Other details :

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Additional Chief Engineer, Rural Works Division, Bhubaneswar | Tender Online-BBSR Divn. EOI-02 | 02.06.2025 at 11.00 A.M. | 09.06.2025 upto 15.00 P.M. | 10.06.2025 at 11.00 A.M. |

Futher details can be seen from the website www.tendersorissa.gov.in

Sd/- Additional Chief Engineer
Rural Works Divn. BBSR

OIPR : 25189/11/0038/2526

**ଓଡ଼ିଶା ସରକାର**

T-27

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜିଲ୍ଲା ସ୍ତରୀୟ ଯୁଗ୍ମ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ତା. ୩୦.୦୫.୨୦୨୫ ରିଖ ଦିବା ୧୧ ଘଟିକା ଠାରୁ ଆରମ୍ଭ ହେବ । ସମ୍ବଲପୁର ଜିଲ୍ଲାରେ ତା. ୦୨.୦୬.୨୦୨୫ ରିଖ (ସୋମବାର) ଦିନ ଶୀତଳ ଷଷ୍ଠୀ ଉପଲକ୍ଷେ ସ୍ଥାନୀୟ ଛୁଟି ଘୋଷଣା କରାଯାଇଥିବାରୁ ଯୁଗ୍ମ ଅଭିଯୋଗ ଶୁଣାଣି ତା. ୦୨.୦୬.୨୦୨୫ ରିଖ (ସୋମବାର) ପରିବର୍ତ୍ତେ ତା. ୦୩.୦୬.୨୦୨୫ ରିଖ (ମଙ୍ଗଳବାର) ଦିନ ନିର୍ଦ୍ଧାରିତ ସ୍ଥାନରେ ଅନୁଷ୍ଠିତ ହେବ । ସମ୍ବଲପୁର ଜିଲ୍ଲା ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲାରେ ଯୁଗ୍ମ ଶୁଣାଣି କାର୍ଯ୍ୟକ୍ରମ ତା. ୦୨.୦୬.୨୦୨୫ ରିଖ (ସୋମବାର) ଦିନ ନିର୍ଦ୍ଧାରିତ ସ୍ଥାନରେ ଅନୁଷ୍ଠିତ ହେବ । ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/) ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଜଣାଇପାରିବେ । ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ରଗୁଡିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ ।

ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR : 09014/11/0133/2526

**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION, SUNDARGARH**

E.Mail - rw_sundargarh@yahoo.co.in

O-225

E-PROCUREMENT NOTICE

BID IDENTIFICATION NO. ONLINE-SESNG-02 of 2025-26

1. Name of the Work : Building Work
2. Toal No. of Works : 01 no Building
3. Estimated Cost : Rs. 17.15 Lakhs
4. Class of Contractor : 'C' & 'D'
5. Period of Completion : 06 Calendar Months.
6. Type of Tender : Single Cover
7. Other details :

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh. | Online-SESNG-02 of 2025-26 | 04.06.2025 11.00 A.M. | 18.06.2025 06.00 P.M. |

Further details can be seen from the website www.tendersorissa.gov.in

Sd/- Superintending Engineer
Rural Works Division, Sundargarh

OIPR : 25046/11/0055/2526

**OFFICE OF THE PANCHAYAT SAMITI,CHATRAPUR**

Letter No- 3532 Date 27.05.2025

DETAIL TENDER CALL NOTICE 01/BDO- CHATRAPUR OF 2025-26

i- : The Block Development Officer, Chatrapur invites sealed percentage rate tenders in single cover system on behalf of Governor of Odisha from registered and eligible class of civil contractor of the state PWD (R &B)/water Resources/ rural works/M. I/CPWD for the following work eventually to be drawn in the PWD F-2 forms in conformity with the Detailed Tender Call Notice.

| Sl No. | Name of the work | Value of work | Bid Security @ 1% (in Rs.) | Cost of Bid document (in Rs.) | Class of Bidder | Period of Completion |
|---|---|---|---|---|---|---|
| 1 | Construction of Addl.Class room at Karatali UPS | 1304002/- | 13040/- | 6000/-+ + 18% GST | 'D & C' Class | 6 (Six) Calendar Month |
| 2 | Construction of Additional Class room building at Rukunigaon U.P School. | 1304002/- | 13040/- | 6000/-+ + 18% GST | 'D & C' Class | 6 (Six) Calendar Month |
| 3 | Construction of Additional Class room building at Goba UP School. | 1304002/- | 13040/- | 6000/-+ + 18% GST | 'D & C' Class | 6 (Six) Calendar Month |
| 4 | Construction of Additional Class room for Nolianuagaon UGH School. | 1328230/- | 13282/- | 6000/-+ + 18% GST | 'D & C' Class | 6 (Six) Calendar Month |

Terms and conditions :

1. The tender is to be super scribed with the name of the work and item of work tendered for.
2. Cost of tender Paper: The Tender specification can be obtained from the office of the Block Development Officer, Chatrapur on payment towards the cost of Tender papers as mentioned above (Non-Refundable)or any working day from 28.05.2025 to 12.06.2025 between 10.30 A.M to 5.30 P.M the above work.
3. Sale of tender papers: The tender documents will be sold from 28.05.2025 to 12.06.2025 at Block office Chatrapur between 10.30 A.M to 5.30 P.M on working day.
4. Date of receipt and mode of submission of tender papers: The Tenderers have to submit the sealed tender papers in complete shape through Register Post/ Speed post/Tender Box (Available at block office) to by directly sending it tojhe B.D.O Chatrapur. The last date of receipt of tender papers is 12.06.2025 up to 05.30 P.M. The undersigned will not be responsible for postal delay if any or non-receipt of paper in time. The tender must super scribe the name of the project the sealed envelope. If a Govt, holidays declare during the above periods i.e from 28.05.2025 to 12.06.2025 then the next working day will be considered for sale/ receipt/ opening of the tender respectively.
5. The tender received after due and time shall not be entertain and the authority shall not held responsible for delay missing of tender during the postal or courtier transit.
6. Date of Opening of tender paper: The tender paper shall he oppnpri nn 13.06.2025 at 11.00 A.M in the presence of the tenderers or their authorized representative having written authorization for the purpose and the members of tender committee.
7. Earnest Money Deposit: 1% (One percent) of the bid value in shape of post office term Deposit/ short term Deposit/N.S.C /K.V.P / Deposit Receipt of any Nationalized bank duly pledged in favour of Block Development Officer, Chatrapur. The tender paper without required amount of E.M.D will not be considered and transfer or adjustment of E.M.D is also Inadmissible.
8. Document to be attached: The following documents should be furnished with the tender papers failing which the tender will be liable to rejection.
(a) E.M.D pledged in favour of the Block Devlopment Officer, Chatrapur.
(b) Attested copy of valid Contractor Registration Certificate.
(c) Attested copy of PAN card and Certificate of GSTIN.
(d) Original money receipt issued by B.D.O Chatrapur towards cost of tender papers.
(e) Attested copy of caste certificate issued by competent authorities in case of SC/ST contractors desired to avail the preference.
(f) The Bidders have to produce an original affidavit in support of the authenticity of documents including EMD etc attached with the tender papers.
(g) Affidavit as regards the facts of availing award of work without submission of EMD/ISD during the current financial year in case of Engineer Contractors desirous of availing exemption of EMD otherwise their tender paper will be liable for rejection.
(h) Joint venture consortium agreements are not allowed to participate in tender.
9. _ Short fall of any required documents and EMD the tender paper will be liable for rejection.
10. Additional Performance Security Deposit: The affidavit in lieu of APS will be submitted by the successful bidder for the cost of less quoted in percentage of the amount put to tender before the signing of the agreement of the contract (vide works Department Letter no. 13286 dated 07.09.2017 Govt, of Odisha works Department.
11. Forfeiture: The EMD amount will be forfeited, if the tenderer backs out from the offer acceptance of tender by the competent authority.
12. Submission of more than one tender paper by a bidder for a single work will be liable for rejection of all such tender papers.
13. The Block Development Officer, Chatrapur reserves the right to reject any or all the tenders without assigning any reasons there of Other details can be seen in the bidding documents.
14. Any bidder if went out from the office during the acceptance of the tender the EMD along with the other deposits will be forfeited.
15. Condition tenders shall be out right rejected the authority reserves the right to reject any or all tender without assigning any reason thereof.
16. No telegraphic/ fax tender shall be entitled.
17. The tender paper received without signature of the contractor / agency will not beentertained.

Sd/- Block Development Offfcer
Chatrapur

OIPR : 09102/11/0010/2526

**ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର, ଦୁର୍ଗାପାଳି, ସମ୍ବଲପୁର, ୭୬୮୦୦୫**

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଦେହେରିପାଲି ହାଉସିଂ ସ୍କିମ, ବୁଡ଼ାରଜା, ସମ୍ବଲପୁର ଘର ନମ୍ବର LIG-II-03 ଟିକୁ ଶ୍ରୀ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ପିତା– ଶ୍ରୀ କପିଳେଶ୍ୱର ପଣ୍ଡା, ନିବାସୀ– ବିରଘାଟ, ପୋ–ତାଳରା, ଧମା, ସମ୍ବଲପୁରଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଘରଟି ତୃତୀୟ ପକ୍ଷ ଆଧାରରେ ଶ୍ରୀ ଶ୍ରୀକାନ୍ତ ଭୋମିକ, ପିତା– ସ୍ୱର୍ଗତ ମାନିକ ଲାଲ ଭୋମିକ ଙ୍କ ନାମରେ ମାଲିକାନା ସତ୍ତ୍ୱ ପରିବର୍ତ୍ତନ କରିବାକୁ ଶ୍ରୀ ଶ୍ରୀକାନ୍ତ ଭୋମିକ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଅଛନ୍ତି ଏବଂ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ ଏ ସମ୍ବନ୍ଧରେ ମୂଳ ଆବେଦନକାରୀଙ୍କୁ ଯୋଗାଯୋଗ କରିବାକୁ ବହୁବାର ପତ୍ର ମାଧ୍ୟମରେ ଜଣାଇଅଛନ୍ତି ଏବଂ ଉକ୍ତ ସମସ୍ତ ପତ୍ର ଦେଇଥିବା ଯୋଗାଯୋଗ ଠିକଣାରେ ଲୋକଙ୍କ ଅନୁପସ୍ଥିତି ଯୋଗୁ ଫେରସ୍ତ ହୋଇଅଛି । ଏଣୁ କର୍ତ୍ତୃପକ୍ଷଙ୍କ ବକେୟା ପ୍ରାପ୍ୟ ଶ୍ରୀ ଶ୍ରୀକାନ୍ତ ଭୋମିକଙ୍କ ଠାରୁ ପ୍ରାପ୍ତ ହୋଇଅଛି । ଏଣୁ ଉକ୍ତ ଗୃହର ମାଲିକାନା ସତ୍ତ୍ୱ ଶ୍ରୀ ଶ୍ରୀକାନ୍ତ ଭୋମିକଙ୍କ ନାମରେ ପରିବର୍ତ୍ତନ ପାଇଁ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ ବିଚାରକୁ ନେଇଅଛନ୍ତି ।

ଉକ୍ତ ଘରଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହେଲେ ଏହି ନୋଟିସ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଅଭିଯୋଗ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା/- ଆବଣ୍ଟନ ଅଧିକାରୀ
ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର

Ph. : 06647 - 246046
Fax : 06647 - 246046

**OFFICE OF THE PRINCIPAL**
**NAKTIDEUL COLLEGE +3, NAKTIDEUL**

DIST. : Sambalpur, PIN : 768118
Estd : 1993 - 94, College Code : 096-28059301
Email : degreecollegenaktideul.10@gmail.com
Website http//www : naktideulcollege.in

Ref. No. 126 Date : 28.05.2025

**QNOTATION CALL NOTICE**

Sealed tenders are invited from Reputed Firms / Authorised Dealers / Agencies for Supply, installation and commissioning of "Laboratory Equipment's "& "Other Items." The detailed list is to be collected from the college office during working hours. Quotations should reach in this office of the undersigned within seven days from the publication of this notice via Speed Post / Regd. Post only. The authority reserves the right to reject / cancel the Tenders in whole or in part without assigning any reason thereof.

Sd/-Principal-Cum-Secretary
Naktideul (+3) College

Mail ID: - sepwdbalangir@gmail.com

**GOVERNMENT OF ODISHA : OFFICE OF THE CHIEF CONSTRUCTION ENGINEER, BALANGIR (R&B) CIRCLE: BALANGIR**

e - Procurement Notice BID IDENTIFICATION No: CCE(R&B) BGR/04/ 2025-26

Letter No-1061 // Dtd. 29.05.2025

B-165 : The Chief Engineer, Balangir (R&B) Circle, Balangir on behalf of Governor of Odisha invites percentage rate bid in double cover system in ONLINE MODE for the construction of works detailed in the table below from "B" "A"& "Special" Class Contractors registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil works. The proof of registration from the appropriate authority shall be enclosed along with the bid.

1. Nature of Work : Building & Bridge work
2. No. of tender : Building work-2 Nos & Bridge Work-1 No.
3. Tender Cost : Rs.10, 000/-
4. Class of Contractor : "B" "A" & "Special" Class
5. Date & Time of sale & Receipt of Bids : From Dt. 06.06.2025, 05.00 P.M. to Dt. 20.06.2025 up to 05.00 P.M.
6. Date of opening Bid : Dt.21.06.2025 at 11.00 A.M.
7. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.

Sd/- Chief Construction Engineer,
Balangir (R&B) Circle, Balangir.

OIPR : 34131/11/0012/2526

**OFFICE OF THE SUPERINTENDING ENGINEER, RWSS DIVISION, KORAPUT**

Phone : (06852-250281 e-mail-eerwss_kpt@rediffmail.com

e-mail : eerwss_kpt@rediffmail.com
Ph. No. 06852-250281
Ph. No. 06852-250080 (Res.)
Fax No. 06852-251098

O-228

NOTICE INVITING REQUEST FOR PROPOSAL

Bid Identification No. 01 or 2025-26 Dt. 27.05.2025

Sealed quotations are invited from registered manufactures/ Authorised dealers/ Reputed firms/Authorized distributors for the following items. The quotations should reach in this office on or before 12.06.2025 up to 5.00 PM & the same will be opened on 13.06.2025 at 11 00 AM in presence of the bidders or their authorised agents.

| Sl. No. | Description of items | Qty. | Unit | Rate per mtr. | |
|---|---|---|---|---|---|
| | | | | In ward | In |
| 1 | 2 | 3 | 4 | 5 | 6 |
| 1. | ISI MARKED STEEL TUBES USED FOR WATER WELLS OF TYPE ELECTRIC RESISTANCE WELDED(ERW) CONFIRMING TO IS: 4270/ 2001 WITH SUBSEQUENT AMMENDMENTS IF ANY HAVING LENGTH OF 3.05 MTRS CUTTING TOLERANCE -0.00 + 0.05 MTR BOTH SIDES BEVELVED THE ANGEL OF BEVEL SHALL BE 15° IN ONE END AND 45° OTHER END. THE FIN MUST BE REMOVED THROUGH OUT INSIDE THE PIPE NOMINAL BORE OF 125 MM DIA WITH WELL THICKNESS 5.00 MM FOR SINKING OF HAND PUMP TUBE WELLS. | | | | |
| | 5"(125 x 100 mm dia] ERW MS Pipe. | 2360 | Mtr. | | |

1. EMD:- The quotationers are required to deposit Earnest money equal to 2% of the quoted value (Offered value) the quotation in the shape of postal saving pass Book/NSC/KVP/Bank Guarantee duly pledged in favour of the Superintending Engineer, RWS&S Division, Koraput No. Cheque or cash payment will be accepted.
2. GST/PAN/Dealership/Registration of Manufacturer Certificate:- The quotationer shall furnish true copies of the PAN Card/Sales Tax/ GST Registration certificate along with his quotation failing which the quotations will not be accepted. The Original certificates are to be produced before the Superintending Engineer, RWS&S Division, Koraput at the time of opening of tender paper. The sub dealers must produce the authorization certificate from the dealer and their dealership certificate also.
3. Rate:-The rate should be quoted for destination at Sectional store at Bandhugam /Semiliguda /Pottangi including all charges but excluding excise duty, GST entry tax and transportation charges which will be paid extra as applicable as per current PWD schedule of rate.
4. Period of Delivery:- The materials should be delivered to the consignees store within 20 days from the date of issue of supply order.
5. The authority reserves the right to reject any or all the quotations without assigning any reason thereof.
6. The authority may increase or decrease the quantity as per the requirement on willingness of the agency.
7. The eligible quotationer must furnish the manufacture test certificate at the time of supply of materials failing which the materials cannot be accepted.
8. All materials must be guranted against any kind of manufacturing defect for a period of one year from the date of receipt of materials within which all defective materials must be replaced by the agency at his own cost. The Predelivery and post delivery inspection of materials will be done by the supplier at his own cost.
9. 5% (Five) percent will be deducted from the bill towards security deposit which will be released after one year from the date of supply or six months from the date of commissioning whichever is earlier.
10. The bill is to be furnished by the supplier separately for each consignee in duplicate as indicated in supply order.

Sd/- Superintending Engineer
RWS&S Division, Koraput

OIPR : 25034/11/0039/2526

## ନାଲକୋ ଦ୍ୱାରା ସ୍ମାର୍ଟ ମାଇନିଂ ସମ୍ମିଳନୀ ଆୟୋଜିତ

# ଆଲୁମିନିୟମ କ୍ଷେତ୍ରରେ ଡିଜିଟାଲ ନବସୃଜନ ଉପରେ ଗୁରୁତ୍ୱ

ଭୁବନେଶ୍ୱର (ସବ୍ୟୁ): ନବରତ୍ନ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ) ପକ୍ଷରୁ ଭୁବନେଶ୍ୱର ଠାରେ 'ଇଣ୍ଡଷ୍ଟ୍ରି ୪.୦: ସ୍ମାର୍ଟ ମାଇନିଙ୍ଗ ଆଣ୍ଡ ମାନୁଫ୍ୟାକ୍ଚରିଙ୍ଗ' ନାମକ ଏକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ବିଶେଷ କରି, ଇଣ୍ଡଷ୍ଟ୍ରି ୪.୦ ର ଜ୍ଞାନ କୌଶଳ ବ୍ୟବହାର କରି ସ୍ମାର୍ଟ ଆଲୁମିନିୟମ ଉତ୍ପାଦନର ସଦ୍ୟତମ ଧାରା ଉପରେ ବିସ୍ତୃତ ଆଲୋଚନା ତଥା ପର୍ଯ୍ୟାଲୋଚନା କରିବା ଲାଗି ଏଭଳି ଏକ ସମ୍ମିଳନୀ ଆୟୋଜନ କରାଯାଇଥିଲା । ସ୍ୱୟଂଚାଳିତ ଉତ୍ପାଦନ, ଏଆଇ, ଆଇଓଟି,ବିଗ୍‌ଡାଟା,ଏବଂ ଡାଟା ଆନାଲିଟିକ୍ସ ମାଧ୍ୟମରେ ଦେଶରେ ଶିଳ୍ପ ଇକୋସିଷ୍ଟମକୁ ସୁଦୃଢ କରିବା ନିମନ୍ତେ ବିଭିନ୍ନ ଶିଳ୍ପପ୍ରତିନିଧି, ଟେକ୍ନୋକ୍ରାଟ୍, ଶିକ୍ଷାବିତ ଏବଂ ଷ୍ଟାର୍ଟ-ଅପ କମ୍ପାନୀ ମାନେ ଏହି ସମ୍ମିଳନୀରେ ଏକତ୍ରିତ ହୋଇଥିଲେ।




ଏହି ସମ୍ମିଳନୀକୁ ଉଦ୍‌ଘାଟନକରି, ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ, ଦକ୍ଷତା ଏବଂ ପ୍ରତିଯୋଗିତାମୂଳକତା ଅଭିବୃଦ୍ଧି ପାଇଁ ଇଣ୍ଡଷ୍ଟ୍ରି ୪.୦ପ୍ରଯୁକ୍ତିବିଦ୍ୟା ଉପଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଶ୍ରୀ ସିଂହ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରିବାରେ ଷ୍ଟାର୍ଟ-ଅପ୍ସଏବଂ'ମେକ୍‌ଇନ୍ ଇଣ୍ଡିଆ' ପ୍ରୟାସ ଭଳି ସରକାରଙ୍କ ନୀତି ଶିଳ୍ପ ଗୁଡ଼ିକୁ କିପରି ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବାରେ ସଫଳ ହୋଇଛି ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ,ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି ଭାବରେ ଭାରତ ଦୃଢ଼ ନିବେଶ ଏବଂ ଭିତ୍ତିଭୂମି ଅଭିବୃଦ୍ଧି ହାସଲ କରିବାକୁ ଯାଉଛି, ଯାହା କୋର ଏବଂ ଉତ୍ପାଦନ ସମ୍ବନ୍ଧୀୟ ଶିଳ୍ପର ଦ୍ରୁତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ । କାର୍ଯ୍ୟକ୍ରମ ପ୍ରାରମ୍ଭରେ, ଜଗଦୀଶ ଆରୋରା, ନିର୍ଦ୍ଦେଶକ (ପିଆଣ୍ଡଟି) ସ୍ୱାଗତ ଭାଷଣ ପ୍ରଦାନ କରି ଇଣ୍ଡଷ୍ଟ୍ରି ୪.୦କିପରି ସ୍ୱୟଂଚାଳିତତା, ଏଆଇ ଏବଂ ଆଇଓଟିଦ୍ୱାରାପରିଚାଳିତହେଉଅଛି ବର୍ଣ୍ଣନା କରିଥିଲେ ଯାହା ଉତ୍ପାଦନ ଏବଂ ଶିଳ୍ପ କାର୍ଯ୍ୟରେ ପରିବର୍ତ୍ତନ କାରୀ ମୂଲ୍ୟ ସୃଷ୍ଟିକୁ ପ୍ରୋତ୍ସାହିତ କରିଥାଏ । ବେଦାନ୍ତ ଆଲୁମିନିୟମ ଲିମିଟେଡର ସିଇଓ ରାଜୀବ କୁମାର ଏହି ଅବସରରେ ଅନ୍ୟତମ ଅତିଥିଭାବରେ ଯୋଗଦେଇଥିବା ବେଳେ ଟାଟାଷ୍ଟିଲର ବ୍ୟବସାୟ ପରିବର୍ତ୍ତନ ଏବଂ ଡିଜିଟାଲ୍ସ ମାଧାନ ମୁଖ୍ୟ ସରଜିତ ଝା ଅଧିବେଶନରେ ଭର୍ଚୁଆଲ୍ମୋଡ ରେ ମୁଖ୍ୟବକ୍ତାଭାବରେ ଯୋଗଦେଇଥିଲେ ଏବଂ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ,ନାଲକୋର ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା ଏବଂ ନିର୍ଦ୍ଦେଶକ (ମାନବସମ୍ବଳ) ଡକ୍ଟର ତାପସ କୁମାର ପଟ୍ଟନାୟକ, ମଧ୍ୟ ଉପସ୍ଥିତ ରହି ନିଜର ମତାମତ ଦେଇଥିଲେ ।

ଇଣ୍ଡଷ୍ଟ୍ରି ୪.୦ପରି ଦୃଶ୍ୟରେ ଉଦୀୟମାନ ଧାରା ଏବଂ ରଣନୀତି ଉପରେ ଆଲୋଚନା ନିମନ୍ତେ ସେଲ୍, ଟାଟାଷ୍ଟିଲ୍, ବେଦାନ୍ତ, ଡେଲଏଟ୍ ଇଣ୍ଡିଆ, ଇୱାଇ-ପାର୍ଥେନନ୍, ଏବଂ ମ୍ୟାକକିନ୍ସେଆଣ୍ଡ କମ୍ପାନୀର ପ୍ରତିନିଧିମାନେ ସମ୍ମିଳନୀରେ ବିଶିଷ୍ଟ ବକ୍ତାଭାବରେ ଅଂଶଗ୍ରହଣ କରିଥିଲେ । ଏହି ସମ୍ମିଳନୀ ପାରସ୍ପରିକ ଜ୍ଞାନ ଆଦାନ ପ୍ରଦାନ, ଉଦୀୟ ମାନପ୍ରଯୁକ୍ତି ବିଦ୍ୟାପ୍ରଦର୍ଶନ ଏବଂ ଇଣ୍ଡଷ୍ଟ୍ରି୪.୦କୁ ତ୍ୱରାନ୍ୱିତ କରିବା ପାଇଁ ରଣନୀତିକ ଆଲୋଚନା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିଥିଲା, ଯେଉଁଥିରେ ଏଆଇ ଏବଂ ଡାଟା ଆନାଲିଟିକ୍ସ ଉପରେ ଟେକ୍ନୋକ୍ରାଟ୍ ଅଧିବେଶନ ଏବଂ ପ୍ୟାନେଲ୍ ଆଲୋଚନା ଅନ୍ତର୍ଭୁକ୍ତ ଥିଲା । ଟେକ୍ନୋକ୍ରାଟ୍, ଗବେଷକ, ନୀତିନିର୍ଦ୍ଧାରକ ଏବଂ ଧାତୁକ୍ଷେତ୍ର ଏବଂ ସହଯୋଗୀ ଶିଳ୍ପର ପ୍ରତିନିଧିମାନେ ସମ୍ମିଳନୀରେ ଅଂଶ ଗ୍ରହଣ କରିଥିଲେ ଏବଂ ପ୍ରଯୁକ୍ତି ବିଦ୍ୟାଜ୍ଞାନ ଆଦାନ ପ୍ରଦାନ କରିଥିଲେ।

## ବାଇକ ଚୋରି ଅଭିଯୋଗରେ ୨ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ସଦର ଥାନା ପୋଲିସ ଏକ ବାଇକ ଚୋରି ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ୨ଟି ବାଇକ ଜବତ ହୋଇଛି । ଏନେଇ ସଦର ଥାନା କେଶ ନମ୍ବର ୧୩୩/୨୫ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ଜମନକିରା ଡୁରୁଡୁଆନ ଗ୍ରାମର ଜୁରୋ ବାରଜୋ ଗତ ୩୦ତାରିଖରେ ନିଜ ବାଇକ ଗାଡି ନମ୍ବର( ଓଡି୧୫-୮୧୭୦) ଯୋଗେ ପଡିଆବାହାଲକୁ କିରାଣା ସାମଗ୍ରୀ କିଣିବାକୁ ଆସିଥିଲେ । ତେବେ ସେଠାରୁ ତାଙ୍କ ବାଇକ ଚୋରି ହୋଇ ଯାଇଥିଲା । ବହୁ ଖୋଜାଖୋଜି ପରେ ବାଇକ ନପାଇ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ତଦନ୍ତ ବେଳେ ସଦର ଥାନା ଖର୍ସନମାଲ ଗ୍ରାମର ଅଞ୍ଜନ ପ୍ରଧାନ(୨୪) ଓ ନିରଞ୍ଜନ ଗୁରୁ(୨୫)ଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ୨ଟି ଚୋରି ବାଇକ ଜବତ ହୋଇଛି ।



ସମ୍ବଲପୁରରେ ଶୀତଳଷଷ୍ଠୀ ଯାତ୍ରା

## ନବ ଦାସ ହତ୍ୟା ମାମଲା: ତ୍ୱରିତ ବିଚାର ପାଇଁ ପଦକ୍ଷେପ

ଝାରସୁଗୁଡ଼ା,(ସବ୍ୟୁ): ବହୁଚର୍ଚ୍ଚିତ ନବ ଦାସ ହତ୍ୟା ମାମଲାର ପୁନଃ ତଦନ୍ତର ଦ୍ୱିତୀୟ ପର୍ଯ୍ୟାୟ ଛାନଭିନ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଦ୍ୱିତୀୟ ଦିନରେ ଅତିରିକ୍ତ ଏସପି ବିଜୟ ମଲ୍ଲିକ ଝାରସୁଗୁଡ଼ା ଅତିରିକ୍ତ ଦୌରା ଜଜଙ୍କ କୋର୍ଟରେ ପହଞ୍ଚି ପବ୍ଲିକ ପ୍ରସିକ୍ୟୁଟରଙ୍କ ସହ ଦୀର୍ଘ ଅଧ ଘଣ୍ଟା ଧରି ଆଲୋଚନା କରିଥିଲେ । ବିଚାର ପ୍ରକ୍ରିୟାକୁ କିଭଳି ତ୍ୱରିତ କରାଯିବ, ଶୁଣାଣି ତାରିଖ ଶୀଘ୍ର ଶୀଘ୍ର ଆସିବ ସେନେଇ ପିପିଙ୍କ ସହ ବିସ୍ତୃତ ଆଲୋଚନା ହୋଇଥିବା ଶ୍ରୀ ମଲ୍ଲିକ କହିଛନ୍ତି। ପ୍ରକାଶ ଥାଉକି କ୍ରାଇମ ବ୍ରାଞ୍ଚ ପକ୍ଷରୁ ହତ୍ୟାକାଣ୍ଡର ଏକ ମାତ୍ର ଅଭିଯୁକ୍ତ ପୋଲିସ ଏଏସଆଇ ଗୋପାଳ ଦାସଙ୍କ ସହ ମୋବାଇଲରେ ଯେଉଁ ମାନେ ଘଟଣା ଦିନ ଓ କିଛି ଘଣ୍ଟା ପୂର୍ବରୁ ବାର୍ତ୍ତାଳାପ କରିଥିଲେ ସେମାନଙ୍କ ବୟାନ ରେକର୍ଡ଼ କରାଯାଉଛି ।

## ପଥରରେ ଛେଚି ହତ୍ୟା, ଦୋଷୀକୁ ୨୦ବର୍ଷ କାରାଦଣ୍ଡ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ଅଭିଳାଶ ସେନାପତି ଏକ ହତ୍ୟା ମାମଲାର ବିଚାର କରି ଶନିବାର ରାୟ ପ୍ରଦାନ କରିଛନ୍ତି । ଅଭିଯୁକ୍ତ କୁଚିଣ୍ଡାର ମୂଳନିବାସୀ ସୁରଜ କିସାନଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୫୦ହଜାର ଟଙ୍କା ଜରିମାନା କରିଥିବା ବେଳେ ଅର୍ଥ ଅନାଦେୟ ଦେଲେ ଅଧିକ ୧ବର୍ଷ ଦଣ୍ଡାଦେଶ ରହିଛି । ମୃତ ବ୍ୟକ୍ତିର ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ, ବୁର୍ଲା ଥାନା ଅନ୍ତର୍ଗତ ଧୁଡିଆପଡାରେ କୁଚିଣ୍ଡା ଠାକୁର ନିକିତିମାଲ ଗ୍ରାମର ସୁରଜ କିସାନ(୨୨)ଭଡାରେ ରହୁଥିଲେ । ସେ ମଜୁରିଆ ଭାବେ କାମ କରୁଥିବା ବେଳେ ଗତ ୩୦ଜୁଲାଇ, ୨୦୨୨ରେ ସେହି ଅଞ୍ଚଳର ବିନୋଦ ଓରାମଙ୍କୁ ପଥର ଛେଚି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା । ବୁର୍ଲା ଥାନା ପୋଲିସ ୪୫୦/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସୁରଜଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ତତ୍‌କାଳୀନ ଥାନା ଅଧିକାରୀ ଏହ ଘଟଣାର ତଦନ୍ତ କରି ଅଭିଯୁକ୍ତ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ କରିଥିଲେ । ମୋଟ ୧୬ଜଣ ସାକ୍ଷ୍ୟ ବୟାନକୁ ଭିତ୍ତି କରି କୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି । ଏହି ମାମଲାକୁ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ ।








## ଶୀତଳଷଷ୍ଠୀ ଯାତ୍ରା ପାଇଁ ସହରରେ ଟ୍ରାଫିକ କଟକଣା

ସମ୍ବଲପୁର,(ସବ୍ୟୁ): ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ସମ୍ବଲପୁର ସହରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏଥିସହ ସହରର ବିଭିନ୍ନ ମୁଖ୍ୟ ଛକ ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡିକରେ ପୋଲିସ ପକ୍ଷରୁ ସ୍ଥାୟୀ ଚେକ୍‌ପୋଷ୍ଟ ବ୍ୟତୀତ ଅସ୍ଥାୟୀ ଟେଣ୍ଟ ପକାଯାଇଛି । ଅନ୍ୟ ପକ୍ଷରେ ଆଜି ଠାରୁ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ସହରରେ ଟ୍ରାଫିକ୍ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ କଟକଣା ଜାରି କରାଯାଇଛି । ସମ୍ବଲପୁର ଜିଲ୍ଲା ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଅଇଁଠାପାଲି ଆଦର୍ଶ ମାର୍ଗ ଛକ ଠାରୁ ଲକ୍ଷ୍ମୀ ଟକିଜ୍ ଛକ ମଧ୍ୟରେ ଚାରି ଚକିଆ ଯାନବାହନ ଚଳାଚଳ ବନ୍ଦ ରହିବ । ଏହା ପରିବର୍ତ୍ତେ ଜୟଗୁରୁ ଛକ, ପାଞ୍ଚଗଛିଆ ଛକ, ରେମେଡ଼ ଛକ କିମ୍ବା କାବେରୀ ହୋଟେଲ ଛକ ଦେଇ ସହର ମଧ୍ୟକୁ ପ୍ରବେଶ କରାଯାଇ ପାରିବ । ଗଙ୍ଗାଧର ମେହେର କଲେଜ ଛକ ଓ ବୁଢ଼ାରଜା ମଧ୍ୟରେ ଚାରିଚକିଆ ଯାନ ଚଳାଚଳ ବନ୍ଦ ରହିବ । ମାତ୍ର ଏହି ରାସ୍ତାରେ ଆସୁଥିବା ଲୋକେ ଜଗନ୍ନାଥ ଅଣ୍ଡରପାସ୍ କିମ୍ବା ଟାଙ୍ଗରପାଲି ଓଭରବ୍ରିଜ୍ ବ୍ୟବହାର କରି ପାରିବେ । ସରଲାକାନୀ ଛକରୁ ଭିଏସ୍‌ଏସ୍ ମାର୍ଗରୁ ଶକ୍ତି ମିଷ୍ଟାନ୍ନ ଭଣ୍ଡାର ରାସ୍ତା ପରିବର୍ତ୍ତେ ଧନକଉଡ଼ା ଛକ ଦେଇ ସହରକୁ ଚାରିଚକିଆ ଯାନ ଆସି ପାରିବ । ଧନୁପାଲି ଛକ ଠାରୁ ଜେଲ୍ ଛକ ମଧ୍ୟରେ ଚାରିଚକିଆ ଯାନ ଓ ଅଟୋ ଚଳାଚଳ ଉପରେ କଟକଣା ରହିବ । ମାତ୍ର ଜରୁରୀକାଳୀନ ଗାଡ଼ି ମୋଟର ଯା' ଆସ କରିପାରିବ । ଚୌଧୁରୀ ଛକରୁ ଧନୁପାଲି ଛକ ଓ ମାନେଶ୍ୱର ଛକ ଆଡ଼କୁ ଯାଉଥିବା ସମସ୍ତ ଯାନଗୁଡ଼ିକ ଜାତୀୟ ରାଜପଥ ଜୟନ୍ତପୁର ଛକ ଦେଇ ଯା' ଆସ କରିପାରିବ । ଏହା ଅତିରିକ୍ତ ମ୍ୟୁନିସିପାଲଟି ଛକରୁ ଲକ୍ଷ୍ମୀ ଟକିଜ୍ ଛକ ମଧ୍ୟରେ ସମସ୍ତ ପ୍ରକାର ଯାନ ଚଳାଚଳ ବନ୍ଦ ରହିବ । ଏହି ରାସ୍ତା ଦେଇ ଯା' ଆସ ପାଇଁ ରିଂରୋଡ଼ରୁ ବାଲିବନ୍ଧା ଛକ ରାସ୍ତା ବ୍ୟବହାର କରାଯାଇ ପାରିବ । ସେହିପରି ବଡ଼ବଜାର ଷ୍ଟେଟବ୍ୟାଙ୍କରୁ ବଡ଼ବଜାର ମାଲିବାଡ଼ି ଛକ ପର୍ଯ୍ୟନ୍ତ ଆଜି ସନ୍ଧ୍ୟାରୁ ୨ ତାରିଖ ପର୍ଯ୍ୟନ୍ତ ଚାରିଚକିଆ ଯାନ ଉପରେ କଟକଣା ରହିବ । ବାଲିବନ୍ଧା ଛକରୁ ସମଲେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଆସନ୍ତା କାଲି ଓ ସୋମବାର ଚାରିଚକିଆ ଯାନ ଉପରେ କଟକଣା କରାଯିବ । ସେହିଭଳି ମୁଦିପଡ଼ା ଛକରୁ ଗଙ୍ଗାଧର ମେହେର କଲେଜ ଛକରେ ଆଜି ଠାରୁ ସୋମବାର ସଂନ୍ଧ୍ୟା ପର୍ଯ୍ୟନ୍ତ ଚାରି ଚକିଆ ଯାନ ଚଳାଚଳକୁ ଅନୁମତି ଦିଆଯିବ ନାହିଁ ।



# କେରଳରେ କୋଭିଡ ଆକ୍ରାନ୍ତ ସଂଖ୍ୟା ସର୍ବାଧିକ




**ନୂଆଦିଲ୍ଲୀ:** ଦେଶରେ କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧ । ପାଇବାରେ ଲାଗିଛି । କେରଳ ଓ ମହାରାଷ୍ଟ୍ରରେ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ରହୁଛି । ଦେଶରେ କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ୩୩୯୫ରେ ପହଞ୍ଚିଛି । କେରଳରେ ସର୍ବାଧିକ ୧୩୩୬ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଏହା ପଛକୁ ମହାରାଷ୍ଟ୍ର ଓ ଦିଲ୍ଲୀ ରହିଛି । ପ୍ରାୟ ଦୁଇ ବର୍ଷ ପରେ ପ୍ରଥମ ଥର ପାଇଁ କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ୩ ହଜାର ଟପି ଥିବାବେଳେ ଏଥିରେ ୨୨ ଜଣଙ୍କର ଜୀବନ ଯାଇଛି । ମହାରାଷ୍ଟ୍ରରେ ୪୬୭ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଦିଲ୍ଲୀରେ ୩୭୫, ଗୁଜରାଟରେ ୨୬୫, କର୍ଣ୍ଣାଟକରେ ୨୩୪, ପଶ୍ଚିମବଙ୍ଗରେ ୨୦୫, ତାମିଲନାଡୁରେ ୧୮୫, ଉତ୍ତରପ୍ରଦେଶରେ ୧୧୭ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ମେ’ ୨୨ରେ ଦେଶରେ ୨୫୭ କୋଭିଡ ଆକ୍ରାନ୍ତ ଥିଲେ। ?ତବେ ମେ’ ୨୬ ?ବଲକୁ ଏହା ୧୦୧୦ରେ ପହଞ୍ଚିଲା । ତେବେ ଶନିବାର ସୁଦ୍ଧା ଏହା ୩୩୯୫ ହେଲା । ୨୪ ଘାରେ ୬୮୫ ନୂଆ ସକ୍ରମିତ ଚିହ୍ନଟ ହୋଇଛନ୍ତି । ୨୦୨୩ ଏପ୍ରିଲ ପହିଲାରେ ଦେଶରେ ସଂକ୍ରମିତଙ୍କ ସଂଖ୍ୟା ୩୦୦୦ ଅତିକ୍ରମ କରିଥିଲା । ତେବେ ଆଇସିଏମ୍ଆର୍ ମହାନିର୍ଦ୍ଦେଶକ ଡ. ରାଜୀବ ଭେଲ୍ କହିଛନ୍ତି ଯେ ଆମେ ଉପରେ ତୀକ୍ଷ୍ଣ ନଜର ରଖିଛୁ । ଏହି ସମୟରେ ଆମେ ସବୁ ଦିଗରୁ ଏହାର ତଦାରଖ କରୁଛୁ । ତବେ ବିବ୍ରତ ହେବାର କୌଣସି କାରଣ ନାହିଁ । ତେବେ ଓମିକ୍ରନ୍ ଉପପ୍ରଜାତି, ଏଲ୍.ଏଫ୍.୭, ଏଏକ୍ସଏଫ୍ଟି, ଜେଏନ୍.୧, ଏନ୍ବି.୧.୮.୧ ଭୂତାଣୁ ଲୋକଙ୍କ ଠାରେ ଚିହ୍ନଟ ହୋଇଛି । କେରଳରେ କୋଭିଡ ଯୋଗୁ ୫ ଜଣଙ୍କର ମୃତ୍ୟୁ ହୋଇଛି । ୨୦୨୫ ଜାନୁଆରୀରେ ମହାରାଷ୍ଟ୍ରରେ କୋଭିଡ ଜନିତ ମୃତ୍ୟୁ ପ୍ରଥମେ ରିପୋର୍ଟ ହୋଇଥିଲା । ତେବେ ସମସ୍ତ ରାଜ୍ୟରେ କୋଭିଡ ଯୋଗୁ ୨୨ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି ।

# ଛାୟା ଯୁଦ୍ଧକୁ ସହ୍ୟ କରିବ ନାହିଁ ଭାରତ: ମୋଦି

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୋପାଳରେ ପହଞ୍ଚି ଦେବୀ ଅହଲ୍ୟାବାଇ ହୋଲକରଙ୍କ ୩୦୦ତମ ଜନ୍ମବାର୍ଷିକୀରେ ଏକ ଡାକ ଟିକେଟ୍ ଜାରି କରିଛନ୍ତି ।

ଏହା ବ୍ୟତୀତ ସେ ଇନ୍ଦୋରରେ ମେଟ୍ରୋ ସେବା ଏବଂ ଦାତିଆ-ସତନା ବିମାନବନ୍ଦରର ଉଦଘାଟନ କରିଛନ୍ତି । ଏହି ଅବସରରେ ସାଧାରଣ ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ,‘ ଏହି କାର୍ଯ୍ୟକ୍ରମ ଦେବୀ ଅହଲ୍ୟାବାଇଙ୍କ ଚିନ୍ତାଧାରାକୁ ଆଗକୁ ବଢାଇବାକୁ ଯାଉଛି ।




ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ପାକିସ୍ତାନକୁ ଏକ କଡ଼ା ବାର୍ତ୍ତା ମଧ୍ୟ କହିଥିଲେ, ‘ ଗୁଳିର ଜବାବ ଗୁଳିରେ ଦିଆଯିବ । ପହଲଗାମରେ ଆତଙ୍କବାଦୀମାନେ କେବଳ ଭାରତୀୟଙ୍କ ରକ୍ତ ବୁହାଇ ନଥିଲେ । ସେମାନେ ଆମ ସଂସ୍କୃତି ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ । କେବଳ ଏତିକି ନୁହେଁ ସେମାନେ ଆମ ସମାଜକୁ ବିଭାଜିତ କରିବାକୁ ଚେଷ୍ଟା କରିଥିଲେ । ଆତଙ୍କବାଦୀମାନେ ପହଲଗାମରେ କେବଳ ପୁରୁଷଙ୍କ ଉପରେ ଆକ୍ରମଣ କରି ଭାରତର ମହିଳା ଶକ୍ତିକୁ ଚ୍ୟାଲେଞ୍ଜ କରିଥିଲେ । ଯାହାକି ଏବେ ଆତଙ୍କବାଦୀ ଏବଂ ସେମାନଙ୍କ ମାଲିକମାନଙ୍କ ପାଇଁ ମୃତ୍ୟୁ ଘଣ୍ଟି ପାଲଟି ଯାଇଛି ।

ସିନ୍ଦୂର ହେଉଛି ଆମର ପରମ୍ପରା, ମହିଳା ଶକ୍ତିର ପ୍ରତୀକ । ପ୍ରଭୁ ଶ୍ରୀ ହନୁମାନ ଜୀ ମଧ୍ୟ ନିଜକୁ ସିନ୍ଦୂରରେ ସଜ୍ଜିତ କରିଥିଲେ । ସିନ୍ଦୂର ସାହସିକତାର ଏକ ପ୍ରତୀକ । ତେଣୁ ପହଲଗାମରେ ଆତଙ୍କବାଦୀମାନେ କରିଥିବା ଆକ୍ରମଣର ପ୍ରତିଶୋଧ ନେବାପାଇଁ ଆମେ ଅପରେସନ୍ ସିନ୍ଦୂର ଆରମ୍ଭ କରିଥିଲୁ ।

ଅପରେସନ୍ ସିନ୍ଦୂର ହେଉଛି ଆତଙ୍କବାଦୀଙ୍କ ବିରୋଧରେ ଭାରତର ଇତିହାସର ସବୁଠାରୁ ବଡ଼ ଏବଂ ସଫଳ ଅପରେସନ । ପାକିସ୍ତାନ କେବେ ଭାବି ନଥିଲା ଯେ ଆମର ସେନା ସେମାନଙ୍କ ଏମିତି ଏକ ସ୍ଥାନରେ ପହଞ୍ଚି ଏକାଥରକେ ଗୁଡାଏ ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ନଷ୍ଟ କରିବ ଦେବେ । ଆମର ସେନା ପାକିସ୍ତାନର ଶହ ଶହ କିଲୋମିଟର ଭିତରକୁ ପଶି ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ନଷ୍ଟ କରି ଦେଇ ପହଲଗାମ ମୃତକଙ୍କ ମୃତ୍ୟୁର ପ୍ରତିଶୋଧ ନେଇଥିଲା ।

# ଆମେରିକାରେ ଇସ୍ପାତ ଆମଦାନୀ ଉପରେ ଲାଗୁହେବ ଶୁଳ୍କ

**ନୂଆଦିଲ୍ଲୀ:** କୋର୍ଟଙ୍କ ରୋକ୍ ପରେ ବି ଟ୍ରମ୍ପଙ୍କ ଟାରିଫ୍ ପ୍ଲାନ୍ ବନ୍ଦ ହେଉନାହିଁ । ବିଦେଶରୁ ଆମେରିକା ଆସୁଥିବା ଷ୍ଟିଲ ଉପରେ ଡ଼ବଲ୍ ଟାରିଫ୍ ଘୋଷଣା କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଷ୍ଟିଲ ଉପରେ ଟାରିଫ୍ ୨୫ ପ୍ରତିଶତରୁ ବଢାଇ ୫୦ ପ୍ରତିଶତ ଲାଗୁ ପାଇଁ ବଡ଼ ଘୋଷଣା କରିଛନ୍ତି । ଜୁନ୍ ୪ରୁ ଏହା ଲାଗୁ ହେବ ।

ଟ୍ରମ୍ପ ଏମିତି ସମୟରେ ଏହା ଘୋଷଣା କରିଛନ୍ତି ଯେବେ ଆମେରିକା-ଚୀନ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ଓ ଟେକ୍ନୋଲୋଜି ବ୍ୟବସାୟକୁ ନେଇ ସମସ୍ୟା ଦେଖାଦେଇଛି । ଚୀନର ଷ୍ଟିଲ ଉପରେ ଆମେରିକାର ଭବିଷ୍ୟତ ନିର୍ଭର କରିବ ନାହିଁ ବୋଲି କହିଛନ୍ତି ଡୋନାଲ୍ଡ ଟ୍ରମ୍ପ । ଷ୍ଟିଲ ଉପରେ ଟାରିଫ୍ ବଢାଇବାର ନିଷ୍ପତି ଟ୍ରମ୍ପ ଏଥିପାଇଁ ନେଲେ କାରଣ, ସେ ଘରୋଇ ଷ୍ଟିଲ ଉତ୍ପାଦ ବୃଦ୍ଧି କରିବାକୁ ଚାହାଁନ୍ତି । ଏହାଛଡ଼ା ଆମେରିକା ନିର୍ମାଣ ଉଦ୍ୟୋଗକୁ ମଜବୁତ କରିବାକୁ ଚାହାଁନ୍ତି ।



ଚୀନ ଉପରେ ଆମେରିକା ବ୍ୟବସାୟିକ ଚାପ ପକାଇ ରଖିବାକୁ ତାକୁ ଆର୍ଥିକ ଜଖମ ଦେବାକୁ ଚାହେଁ ଆମେରିକା । ଟାରିଫ୍ ବଢାଇବା ପଛରେ ୟୁଏସ ଷ୍ଟିଲ-ନିପ୍ପନ ଡ଼ିଲକୁ ମଜବୁତ କରିବାକୁ ପ୍ରୟାସ କରାଯାଉଛି । ୨୦୧୮ରେ ପ୍ରଥମ ଥର ପାଇଁ ଷ୍ଟିଲରେ ଟାରିଫ୍ ଲାଗୁ ହୋଇଥିଲା । ସରକାରୀ ତଥ୍ୟ ଅନୁସାରେ ଷ୍ଟିଲ ଦର ପ୍ରାୟ ୧୬ ପ୍ରତିଶତ ବଢିଥିଲା । ସେପଟେ ଟ୍ରମ୍ପଙ୍କ ଯେସାକୁ ତେସା ଟାରିଫ୍ ଉପରେ ରୋକ୍ ଲଗାଇଥିଲେ ଆମେରିକା କୋର୍ଟ । ଟ୍ରମ୍ପଙ୍କ ଟାରିଫ୍ ବେଆଇନ୍ ଓ ଅବୈଧ । ବିଭିନ୍ନ ଦେଶ ଉପରେ ମୋଟା ଟାରିଫ୍ ଘୋଷଣା କରି ଟ୍ରମ୍ପ ନିଜ ସାମ୍ବିଧାନିକ ଅଧିକାରର ସୀମା ଉଲ୍ଲଂଘନ କରିଛନ୍ତି । ଆପାତକାଳୀନ ଆଇନର ଦୁରୁପଯୋଗ କରିଛନ୍ତି ବୋଲି କହିଥିଲେ ୟୁଏସ୍ କୋର୍ଟ ଅଫ୍ ଇଣ୍ଟରନ୍ୟାସ୍ନାଲ ଟ୍ରେଡ୍ । ଆମେରିକା ରାଷ୍ଟ୍ରପତି ହେବା ପରେ ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ଦ୍ୱାରା ସମଗ୍ର ବିଶ୍ୱ ପ୍ରଭାବିତ ହୋଇଥିଲା । ବିଶ୍ୱ ବଜାରରେ ବଡ଼ ଧରଣର ଅସ୍ଥିରତା ଦେଖିବାକୁ ମିଳିଥିଲା ।

# ଇରାନ ପରମାଣୁ ବୋମା ତିଆରି କରିବାକୁ ଯାଉଛି : ଆଇଏଇଏ

**ତେହେରାନ :** ଇରାନରୁ ଆସୁଥିବା ରିପୋର୍ଟ ସାରା ବିଶ୍ୱର ଉତ୍ତେଜନାକୁ ପୁଣି ଥରେ ବୃଦ୍ଧି କରିଛି । ଜାତିସଂଘର ପରମାଣୁ ସୁରକ୍ଷା ସଂସ୍ଥା ଆଟମିକ୍ ଏନର୍ଜି ଏଜେନ୍ସି (ଆଇଏଇଏ)ର ଏକ ଗୁପ୍ତ ରିପୋର୍ଟ ଅନୁଯାୟୀ, ତେହେରାନ ଅସ୍ତ୍ର-ଗ୍ରେଡ୍ ୟୁରାନିୟମର ଷ୍ଟକ୍ ଆହୁରି ବୃଦ୍ଧି କରିଛି, ଅର୍ଥାତ୍ ପରମାଣୁ ବୋମା ତିଆରି କରିବାରେ ସକ୍ଷମ । ଏହି ରିପୋର୍ଟ ପରେ, ଆମେରିକା, ୟୁରୋପ ଏବଂ ମଧ୍ୟପ୍ରାଚ୍ୟରେ ହଇଚଇ ସୃଷ୍ଟି ହୋଇଛି । ଏହି ରିପୋର୍ଟରେ କୁହାଯାଇଛି ଯେ ଇରାନରେ ଏବେ ଏତେ ପରିମାଣର ୟୁରାନିୟମ ଅଛି ଯେ ଯଦି ଏହାକୁ ଆହୁରି ଉନ୍ନତ କରାଯାଏ, ତେବେ ଏହା ପରମାଣୁ ବୋମା ତିଆରି କରିବା ସମ୍ଭବ ହୋଇପାରେ । ଏହି ଷ୍ଟକ୍ ୬୦% ପର୍ଯ୍ୟନ୍ତ ଉନ୍ନତ ଗୁଣବତ୍ତାର ୟୁରାନିୟମର, ଯାହାକୁ ଅସ୍ତ୍ର-ଗ୍ରେଡ୍ (୯୦%) ର ବହୁତ ନିକଟତର ବୋଲି ବିବେଚନା କରାଯାଏ । ଆଇଏଇଏ ସ୍ପଷ୍ଟ ଭାବରେ କହିଛି ଯେ ଇରାନକୁ ଏହାକୁ ତୁରନ୍ତ ବନ୍ଦ କରିବାକୁ ପଡିବ । ଇରାନ ଅନେକ ଥର ଆଇଏଇଏର ନିରୀକ୍ଷଣ ଉପକରଣର ଆକସେସକୁ ଅବରୋଧ କରିଛି, ଯାହା ଏଜେନ୍ସି ପାଇଁ ଏହାର ପରମାଣୁ କାର୍ଯ୍ୟକ୍ରମର ସତ୍ୟତା ଯାଞ୍ଚ କରିବା କଷ୍ଟକର କରିଦେଇଛି । ତେବେ ଇରାନ କହିଛି ଯେ ଏହାର ଉଦ୍ଦେଶ୍ୟ ଏହାକୁ କେବଳ ଶକ୍ତି ଏବଂ ଚିକିତ୍ସା ଉଦ୍ଦେଶ୍ୟରେ ବ୍ୟବହାର କରିବା, ପରମାଣୁ ଅସ୍ତ୍ର ତିଆରି କରିବା ନୁହେଁ । ଆମେରିକାର ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ଯଦି ଇରାନ ତାର ପରମାଣୁ କାର୍ଯ୍ୟକ୍ରମ ବନ୍ଦନ କରେ, ତେବେ ତା’ ଉପରେ କଠୋର କଟକଣା ଲାଗୁ କରାଯିବ । ଇସ୍ରାଏଲ ଏହାକୁ ନିଜ ଅସ୍ତିତ୍ୱ ପାଇଁ ବିପଦ ବୋଲି କହିଛି ଏବଂ ସାମରିକ ବିକଳ୍ପ ବିଷୟରେ କଥା ହୋଇଛି ।




# ପୂର୍ବୋତ୍ତର ରାଜ୍ୟରେ ପ୍ରବଳ ବର୍ଷା ସହ ଭୂସ୍ଖଳନ: ୧୯ ମୃତ, ୧୨ ହଜାରରୁ ଅଧିକ ଲୋକ ପ୍ରଭାବିତ

**ନୂଆଦିଲ୍ଲୀ:** ଦେଶରେ ଆଗକୁ ପହଞ୍ଚିଥିବା ମୌସୁମୀ ଯୋଗୁ ପୂର୍ବୋତ୍ତର ରାଜ୍ୟରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି । ଗତ ତିନି ଦିନରେ ପୂର୍ବୋତ୍ତରର ମଣିପୁର, ମିଜୋରାମ, ଆସାମ, ଅରୁଣାଚଳ ପ୍ରଦେଶ, ତ୍ରିପୁରାରେ ଲଗାତାର ପ୍ରବଳ ବର୍ଷା, ଭୂସ୍ଖଳନ ଓ ବନ୍ୟାରେ ୧୯ ଜଣଙ୍କ ମୃତ୍ୟୁ ହୋଇଛି । ଅନ୍ୟପଟେ ୧୨ ହଜାରରୁ ଅଧିକ ପରିବାର ପ୍ରଭାବିତ ହୋଇଛି । ବର୍ଷା ଓ ବନ୍ୟାରେ ଘର ଭୁଶୁଡ଼ିବା ଯୋଗୁ ବହୁ ସଂଖ୍ୟାରେ ଲୋକେ ବାସହରା ହୋଇଛନ୍ତି । ପାଣିପାଗ ବିଭାଗ ସବୁ ରାଜ୍ୟ ପାଇଁ ଆଲର୍ଟ ଜାରି କରିଛି ।

ଦକ୍ଷିଣ ମିଜୋରାମର ଲଙ୍ଗତଲାଇ ସହରରେ ପ୍ରବଳ ବର୍ଷା ଓ ଭୂସ୍ଖଳନ ଯୋଗୁ ପାଞ୍ଚଟି ଘର ଓ ଗୋଟିଏ ହୋଟେଲ ଭୁଶୁଡ଼ି ପଡ଼ିଛି । ଏଥିରେ ଅନେକ ଲୋକ ଫସିଛନ୍ତି । ଏସଆରଡିଏଫ୍ ଓ ତୃତୀୟ ଭାରତୀୟ ରିଜର୍ଭ ବାଟାଲିୟନର ଯବାନଙ୍କ ଦ୍ୱାରା ଉଦ୍ଧାର କାର୍ଯ୍ୟ କରାଯାଉଛି । ଭୂସ୍ଖଳନ ଯୋଗୁ ରାଷ୍ଟ୍ରୀୟ ରାଜମାର୍ଗ-୫୪ରେ ଯାତାୟତ ବାଧାପ୍ରାପ୍ତ ହୋଇଛି । ଫଳରେ ମିଜୋରାମଠାରୁ ସୁଦୂର ଦକ୍ଷିଣ ଅଞ୍ଚଳ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ପ୍ରବଳ ବର୍ଷା ଓ ଭୂସ୍ଖଳ ଯୋଗୁ ଆସାମର କାମରୁପ ମେଟ୍ରୋ ଜିଲ୍ଲାରେ ପାଞ୍ଚ ଜଣଙ୍କ ମୃତ୍ୟୁ ହୋଇଛି । ଅନ୍ୟପଟେ ପାଞ୍ଚ ଜିଲ୍ଲାରେ ୧୨ ହଜାରରୁ ଅଧିକ ଲୋକ ବନ୍ୟାରେ ପ୍ରଭାବିତ ହୋଇଛନ୍ତି । ଗୌହାଟୀ ଓ ସିଲଚରରେ ୧୦ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ଅନ୍ୟପଟେ ଲକ୍ଷ୍ମୀପୁରରେ ବନ୍ୟା ଯୋଗୁ ରିଙ୍ଗ ଡ୍ୟାମ ଭୁଶୁଡ଼ି ପଡ଼ିଛି । ଅରୁଣାଚଳ ପ୍ରଦେଶର ବି ପ୍ରବଳ ବର୍ଷାର ତାଣ୍ଡବ ଦେଖିବାକୁ ମିଳିଛି । ଏଠାରେ ଭୂସ୍ଖଳନ ଯୋଗୁ ୯ ଜଣଙ୍କ ମୃତ୍ୟୁ ହୋଇଛି । ପୂର୍ବ କାମେଙ୍ଗରେ ନିର୍ମିତ-ସେପ୍ପା ଖଣ୍ଡରେ ହୋଇଥିବା ଭୂସ୍ଖଳନରେ ୭ ଜଣଙ୍କ ମୃତ୍ୟୁ ହୋଇଛି । ଅନ୍ୟପଟେ ଲୋୟର ସୁବନସିରି



ଜିଲ୍ଲାରେ ଜିରୋ-କାମଲେ ମାର୍ଗରେ ମାଇନ୍ ଗ୍ରୋବ ନିକଟରେ ଭୂସ୍ଖଳନରେ ଦୁଇ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ଏହାସହ ଉପର ସୁବନସିରି ଜିଲ୍ଲାରେ ବନ୍ୟା ଯୋଗୁ ୧୦୦ରୁ ଅଧିକ ପରିବାର ପ୍ରଭାବିତ ହୋଇଛି । ସିଗିନ ନଦୀରେ ପାଣି ବିପଦ ସଂକେତରେ ପ୍ରଭାବିତ ହେଉଛି । ପାଣିପାଗ ବିଭାଗ ପକ୍ଷରୁ ଏଥିପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି । ତ୍ରିପୁରାରେ ବି ପ୍ରବଳ ବର୍ଷା ଯୋଗୁ ଜିରାନିଆରେ ଜଣେ ବ୍ୟକ୍ତି ବୁଡ଼ି ଯାଇଛନ୍ତି । ୨୦୦ରୁ ଅଧିକ ଲୋକ ବାସଗୃହ ହରାଇଛନ୍ତି । ଲୋକଙ୍କୁ ବନ୍ୟା ଆଶ୍ରୟ ସ୍ଥଳରେ ରଖାଯାଇଛି ।

# ଅବୈଧ ବାଂଲାଦେଶୀଙ୍କ ଉପରେ ଆସାମରେ ବଡ଼ କାର୍ଯ୍ୟାନୁଷ୍ଠାନ

## ସେମାନଙ୍କୁ ଧରି ଫେରାଉଛନ୍ତି ହିମନ୍ତ ସରକାର

**ଦିସପୁର :** ଆସାମର ସରକାର ଦ୍ୱାରା ସେହି ଲୋକଙ୍କ ପରିଚୟ ଓ ପ୍ରତ୍ୟାବର୍ତ୍ତନର ପ୍ରକ୍ରିୟାକୁ ଜୋରଦାର କରାଯାଉଛି, ଯାହାକୁ ‘ଫରେନର୍ସ ଟ୍ରିବ୍ୟୁନଲ’ ଅବୈଧ ବିଦେଶୀ ଘୋଷିତ କରିଛି । ସରକାର ଏହି ଘୋଷିତ ବିଦେଶୀ ନାଗରିକଙ୍କୁ ଭାରତ-ବାଂଲାଦେଶ ସୀମାର ନୋ-ମ୍ୟାନ୍ସ ଲ୍ୟାଣ୍ଡ (ନିର୍ଜନ କ୍ଷେତ୍ର)ରେ ଜୋର ଜବରଦସ୍ତ ପୂରାଉଛନ୍ତି । ୨୭ ଓ ୨୯ ମେ’ରେ ଆସାମର ପଶ୍ଚିମୀ ଓ ଦକ୍ଷିଣୀ ଭାଗରୁ ଅତି କମରେ ୪୯ ଜଣ ଲୋକଙ୍କୁ କଥିତ ରୂପେ ବାହାର କରାଯାଇଛି ।



ଟାଇମ୍ସ ଅଫ୍ ଇଣ୍ଡିଆର ରିପୋର୍ଟ ମୁତାବିକ , ଏହାପରେ ଅତି କମରେ ୩ଜଣ ଆବେଦନକାରୀ ସୁପ୍ରିମକୋର୍ଟ ଓ ଗୌହାଟୀ ହାଇକୋର୍ଟରେ ପିଟିସନ ଦାଖଲ କରିଛନ୍ତି, ଯେଉଁଥିରେ ତାଙ୍କର ପରିଜନଙ୍କର ସୂଚନା ଦିଆଯାଇଛି ଏବଂ ଏହି ଅଭିଯାନ ଉପରେ ରୋକ୍ ଲଗାଇବାକୁ ଦାବି କରାଯାଇଛି ।

ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତା ବିଶ୍ୱ ଶର୍ମା ଶୁକ୍ରବାର କହିଛନ୍ତି , ଏବେସୁଦ୍ଧା ଟ୍ରିବ୍ୟୁନଲ ଦ୍ୱାରା ବିଦେଶୀ ଘୋଷିତ କରାଯାଇ ଥିବା ୩୦,୦୦୦ଲୋକ ଗାଏବ ହୋଇ ସାରିଛନ୍ତି । ଏନଆରସି ଅପଡେଟ୍ ବେଳ ଏହି ପ୍ରକ୍ରିୟା ବନ୍ଦ ରହିଥିଲା, ଏବେ ଏହାକୁ ଦ୍ରୁତ କରିବାର ନିର୍ଣ୍ଣୟ ନେଇଛନ୍ତି । ଯେମିତି ହିଁ ଆମେ କୌଣସି ଘୋଷିତ ମିଳେ, ଆମେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ କରୁଛୁ ।

ଆସାମ ସିଏମ୍ ସ୍ୱଷ୍ଟ କରିଛନ୍ତି ଯେ, ଆଗାମୀ ଦିନରେ ଏହିପରି ଅନେକ ପୁଶ-ବ୍ୟାକ୍ କାର୍ଯ୍ୟାନୁଷ୍ଠାନ ହେବ । ସେ କହିଛନ୍ତି , କେହି ବି ଘୋଷିତ ବିଦେଶୀ ହାଇକୋର୍ଟ ବା ସୁପ୍ରିମକୋର୍ଟରେ ଅପିଲ କରି ପାରନ୍ତି । ଯଦି କିଏ ଅପିଲ କରି ନାହାନ୍ତି, ତ ଭାରତରେ ରହିବାରେ ତାଙ୍କର ଅଧିକାର ଶେଷ ହୋଇଯାଏ । କିନ୍ତୁ ଯଦି ସେ ଦେଖାଇ ପାରନ୍ତି ଯେ, ସେ ଅପିଲ କରିଛନ୍ତି , ତ ଆମ ତାଙ୍କୁ ଛାଡ଼ିବୁ ନାହିଁ ।

ସେ କହିଛନ୍ତି ଯେ, ନ୍ୟାୟପାଳିକା ଦ୍ୱାରା କୌଣସି ଟ୍ରିବ୍ୟୁନାଲ ଆଦେଶ ଉପରେ ସ୍ଥଗିତାଦେଶ ଦିଆଯାଇଛି, ତ ସରକାର ତାଙ୍କର ସମ୍ମାନ କରୁଛନ୍ତି ଏବଂ ଏମିତି ଲୋକଙ୍କୁ ରହିବାକୁ ଦିଆଯାଇଛି । ସେ ଆହୁରି କହିଛନ୍ତି, ଅବୈଧ ପ୍ରବାସୀଙ୍କ ଦୁଇଟି ବର୍ଗରେ ଅଛନ୍ତି । ଗୋଟିଏ ତାହା ଯିଏ ନିକଟରେ ଭାରତରେ ଅଛନ୍ତି, ଏବଂ ଅନ୍ୟମାନେ ଯିଏକି ଟ୍ରିବ୍ୟୁନାଲ ଦ୍ୱାରା ବିଦେଶୀ ଘୋଷିତ କରାଯାଇଛି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସୁପ୍ରିମକୋର୍ଟ ଫେବ୍ରୁଆରୀରେ ନିର୍ଦ୍ଦେଶ ଦେଇଥିଲେ ଯେ, ଘୋଷିତ ବିଦେଶୀଙ୍କୁ , ଯିଏକି କୌଣସି ଅପିଲ କରି ନାହାନ୍ତି, କୌଣସି ପ୍ରକାରରେ ସେମାନଙ୍କୁ ଫେରାଇ ଦିଆଯିବ ଉଚିତ୍ । ସେ କହିଛନ୍ତି, କେବଳ ଗତକାଲି ୩୫ ବାଂଲାଦେଶୀଙ୍କୁ ତୁରନ୍ତ ପଠାଇଦିଆ ଯାଇଛି ।

ଗୁରୁବାର ଗୌହାଟୀ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରି ଦୁଇ ଭାଇଙ୍କ ଠିକଣାର ସୂଚନା ଦେଇ କହିଛନ୍ତି, ଯାହାକୁ ୨୦୧୭ରେ ଟ୍ରିବ୍ୟୁନାଲ ବିଦେଶୀ ଘୋଷିତ କରିଥିଲେ । ଉଭୟ ଅବୁ ବକ୍କର ସିଦ୍ଦିକ ଓ ଅକବର ଅଲୀଙ୍କୁ ଗୋଲପାରାର ଟ୍ରାଞ୍ଜିଟ୍ କ୍ୟାମ୍ପରେ ରଖାଯାଇ ଥିଲା ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ୨୦୨୦ରେ ଜାମିନରେ ମୁକ୍ତ କରାଯାଇ ଥିଲା ।

ଆସାମ ପୁଲିସ ଓ ସୀମା ସୁରକ୍ଷା ବାହିନୀ (ବିଏସଏଫ) ଅବୈଧ ଅନୁପ୍ରବେଶକୁ ରୋକିବା ପାଇଁ ସୀମାରେ ନିରୀକ୍ଷଣ ବଢାଇ ଦେଇଛନ୍ତି । ନିକଟରେ ଜଲାଲପୁରରେ ସ୍ଥାନୀୟ ଲୋକେ ରାତିର ଅନ୍ଧକାରରେ ଅନେକ ଅଟୋ-ରିକ୍ସାରେ ଯାତ୍ରା କରୁଥିବା ୩୦ରୁ ଅଧିକ ସନ୍ଦିଗ୍ଧ ବାଂଲାଦେଶୀ ନାଗରିକଙ୍କୁ ରୋକିଛନ୍ତି, ଯାହାଙ୍କ ପାଖରେ ବୈଧ ଭାରତୀୟ କାଗଜପତ୍ର ନଥିଲା । ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡ଼ିଛି ଯେ, ଏହି ଲୋକେ ଭାରତରେ ଦିନ ମଜୁରିଆ ଭାବେ କାମ କରୁଥିଲେ ଏବଂ ଆସାମରେ ଚାଲୁ ଥିବା ଏହି ଅଭିଯାନର ଭୟରେ ବାଂଲାଦେଶ ଫେରିବାକୁ ଚେଷ୍ଟା କରୁଥିଲେ ।

# ପୁରୁଣା ନୋଟ୍‌କୁ ନେଇ ଆରବିଆଇର ବଡ଼ ପଦକ୍ଷେପ

**ମୁମ୍ବାଇ:** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପରିବେଶକୁ ଧ୍ୟାନରେ ରଖି ଏକ ଅନନ୍ୟ ପଦକ୍ଷେପ ନେଇଛନ୍ତି । ଏହି ପଦକ୍ଷେପ ଅନୁସାରେ ଏବେ ବାର୍ଷିକ ଜମା ହେଉଥିବା ଟନ ଟନ କଟାଫଟା ନୋଟ୍‌କୁ ଆଉ ଅଳିଆ ଗଦାକୁ ଫିଙ୍ଗି ଦିଆଯିବ ନାହିଁ । ଏହାକୁ କାଠ ଭଳି ମଜଭୁତ ବୋର୍ଡରେ ରୂପାନ୍ତରିତ କରାଯିବ । ଯେଉଁଥିରୁ ଫର୍ଣ୍ଣିଚର ଓ ଅନ୍ୟ ଉପଯୋଗର ବସ୍ତୁତ ତିଆରି କରାଯାଇ ପାରିବ । ଏଥି ପାଇଁ ଆରବିଆଇ ଦେଶର ପ୍ରମୁଖ ବୈଷୟିକ ସଂସ୍ଥାଙ୍କ ସହ ମିଶି ଏହି ଫର୍ମୁଲା ବାହାର କରିଛନ୍ତି ।



ଏହା ଦ୍ୱାରା ଫଟାକଟା ଓ ପ୍ରଚଳନରୁ ବାହାରିଯାଇଥିବା ନୋଟ୍ ପୁନଃଚକ୍ରିକରଣ (ରିସାଇକ୍ଲ) କରି ‘ପାର୍ଟିକ୍ଲ ବୋର୍ଡ’ ତିଆରି କରାଯିବ । ଏହି ବୋର୍ଡ ପାରମ୍ପରିକ କାଠ ପଟାର ବିକଳ୍ପ ରୂପେ କାମରେ ଆସିବ ଓ ଏହାକୁ ଫର୍ଣ୍ଣିଚରରୁ ଆରମ୍ଭ କରି ନିର୍ମାଣ ସାମଗ୍ରୀରେ ମଧ୍ୟ ବ୍ୟବହାର କରାଯିବ । ଆରବିଆଇଙ୍କ ୨୦୨୪-୨୫ ବାର୍ଷିକ ରିପୋର୍ଟ ଅନୁଯାୟୀ ପ୍ରତ୍ୟେକ ବର୍ଷ ପାଖାପାଖି ୧୫ହଜାର ଟନ ଖରାପ ନୋଟ ଜମା ହୋଇଥାଏ । ଏ ପର୍ଯ୍ୟନ୍ତ ଏହି ଅଦରକାରୀ ନୋଟ ଗୁଡିକୁ ଗାତ ଖୋଳି ପୋତି ଦିଆଯାଉଥିଲା ନଚେତ ପୋଡାଯାଉଥିଲା ।

ଏପରି କରିବା ପରିବେଶ ଉପରେ ଖରାପ ପ୍ରଭାବ ପକାଉଥିଲା । ହେଲେ ଏବେ ନୂଆ ପ୍ରକ୍ରିୟାରେ ଏଗୁଡିକର ଉପଯୁକ୍ତ ଉପଯୋଗ ସମ୍ଭବ ହୋଇ ପାରିବ । ଏଥି ପାଇଁ ଆରବିଆଇ କେନ୍ଦ୍ରୀୟ ପରିବେଶ ମନ୍ତ୍ରାଳୟ ଅଧିନ ଉଡେନ ସାଇନ୍ସ ଆଣ୍ଡ ଟେକ୍ନିକାଲ ଇନିଷ୍ଟେଚ୍ୟୁଟରେ ଗବେଷଣା କରାଇଥିଲେ । ଏହି ଗବେଷଣାରୁ ଜଣା ପଡିଥିଲା ଯେ କରେନ୍ସୀ ପେପରରେ ତିଆରି ବ୍ରିକେଟ ବୈଷୟିକ ରୂପେ ପାର୍ଟିକ୍ଲ ବୋର୍ଡ ତିଆରିରେ ସହାୟକ ହୋଇ ପାରିବ । ଏହା ପରେ ଆରବିଆଇ ପାର୍ଟିକ୍ଲ ତିଆରି କରୁଥିବା କମ୍ପାନୀଙ୍କୁ ପ୍ୟାନେଲରେ ଯୋଡିବା ଆରମ୍ଭ କରିଥିଲେ ।

କଟାଫଟା ନୋଟରେ ଥିବା ସୁରକ୍ଷା ସୂତ୍ର, ରସାୟନ, ସ୍ୟାହୀ ଓ ଫାଇବର ପରିବେଶକୁ ଯାଇ କ୍ଷତିକାରକ ପ୍ରଭାବ ପକାଉଥିଲା । ଏଗୁଡିକୁ ପୋଡିଲେ ବାୟୁରେ ହାନୀକାରକ ଗ୍ୟାସ୍ ମିଶୁଥିଲା । ହେଲେ ଏବେ ନୂଆ ଉପାୟରେ ଏହି ଅଦରକାରୀ ନୋଟର ଉପଯୁକ୍ତ ଉପଯୋଗ ହୋଇ ପାରିବ । ଆରବିଆଇଙ୍କ ଏହି ପଦକ୍ଷେପ ନା କେବଳ ନୋଟଗୁଡିକର ପ୍ରବନ୍ଧନକୁ ଅଧିକ ଦାୟିତ୍ୱବାନ କରିବ ବରଂ ପରିବେଶ ଦୃଷ୍ଟିକୋଣରୁ ଗେମ ଚେଞ୍ଜର ସାବ୍ୟସ୍ତ ହେବ। ଏବେ ଆପଣ ଯେଉଁ ଟେବୁଲ ଓ ଚେୟାରରେ ବସିବେ ହୁଏତ ତାହା କେବେ ୫୦୦ ଓ ୨୦୦୦ ଟଙ୍କା ନୋଟ ନଥିଲା ବୋଲି କହିହେବ ନାହିଁ ।

# କ୍ଲାର୍କଙ୍କ ବୟାନ ଭାଇରାଲ



ନୂଆଦିଲ୍ଲୀ,୩୧।୫ (ଏଜେନ୍ସି): ଅଷ୍ଟ୍ରେଲିଆର ମାଇକେଲ କ୍ଲାର୍କଙ୍କ ବୟାନ ଜୋରଦାର ଭାଇରାଲ ହେବାରେ ଲାଗିଛି । ସେ କହିଛନ୍ତି ୧୫୦ କିଲୋମିଟର ବେଗରେ ବୋଲିଂ କରୁଥିବା ବୋଲର ଜଣେ ଭଦ୍ର ବ୍ୟକ୍ତି ହୋଇଥିବେ ସହଜରେ ବିଶ୍ୱାସ କରି ହେଉନି । ଏଭଳି ଭାବନା ସମ୍ପୂର୍ଣ୍ଣ ଭାବେ ଅବୈଧ । ଭାରତର ଦ୍ରୁତ ବୋଲର ଯଶପ୍ରୀତ ବୁମରାଙ୍କୁ ଉଲ୍ଲେଖ କରି ଏଭଳି କରି କହିଛନ୍ତି କ୍ଲାର୍କ । ଅନେକ ସଫଳତା ହାସଲ କରିଥିଲେ ମଧ୍ୟ ବୁମରା ସବୁ ବେଳେ ଶାନ୍ତ ରୁହନ୍ତି । ବିଶ୍ୱ କ୍ରିକେଟ୍‌ରେ ଅଧିକାଂଶ ଦ୍ରୁତ ବୋଲର ୱିକେଟ୍ ନେବା ପରେ ଉତ୍ତେଜିତ ହୋଇଥାନ୍ତି । ଏପରି ସେମାନେ ବ୍ୟାଟ୍ସମ୍ୟାନ୍‌ଙ୍କ ସହ ଝଗଡ଼ା ମଧ୍ୟ କରିଥାନ୍ତି । ବୁମରା ସମ୍ପୂର୍ଣ୍ଣ ଭାବେ ଏମାନଙ୍କଠୁ ଭିନ୍ନ । ସେ ପଡିଆରେ ବୋଲିଂ ବ୍ୟତୀତ ଅନ୍ୟ କୌଣସି କଥା ମୁଣ୍ଡ ପୁରାଇ ନଥାନ୍ତି ।

କ୍ଲାର୍କଙ୍କ ୱିକେଟ୍ ନେବା ପରେ ବୁମରା ପ୍ରତିକ୍ରିୟାଶୀଳ ହୋଇନଥିଲେ । ଏନେଇ ବୁମରା କହିଛନ୍ତି ମୁଁ ପଡିଆରେ ଦଳକୁ ଜିତାଇବା ଉଦ୍ୟମ କରିଥାଏ । ସୀମା ଅତିକ୍ରମ କରେ ନାହିଁ । ଆମେ ନିଜକୁ ଜୋକର ପ୍ରମାଣିତ କରିବାକୁ ଆସିନାହୁଁ । ଚଳିତ ଆଇପିଏଲ୍‌ରେ ମଧ୍ୟ ବୁମରାଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁଁ ମୁମ୍ବାଇ ଇଣ୍ଡିଆନ୍ସ ଫାଇନାଲର ନିକଟତର ହୋଇଛି । ଆଗାମୀ ଇଂଲଣ୍ଡଗସ୍ତରେ ବୁମରାଙ୍କ ନିକଟରୁ ଏକ ଉଚ୍ଚକୋଟୀର ପ୍ରଦର୍ଶନ ଆଶା ରଖିଛି ଟିମ୍ ଇଣ୍ଡିଆ ।

**ଆଇପିଏଲ୍ ମହାସମର**

# ଆଜି ମୁମ୍ବାଇ-ପଞ୍ଜାବ କ୍ୱାଲିଫାୟର-୨

ଅହମ୍ମଦାବାଦ,୩୧।୫ (ଏଜେନ୍ସି): ଆଉ ଦୁଇଟି ମ୍ୟାଚ ସହ ଆଇପିଏଲ୍ ମହାସମରରେ ପୂର୍ଣ୍ଣଚ୍ଛେଦ ପଡିବ । ରବିବାର ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ କ୍ୱାଲିଫାୟର-୨ ମୁକାବିଲା ମୁମ୍ବାଇ ଇଣ୍ଡିଆନ୍ସ ଓ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ହେବାକୁଯାଉଛି । ଖରାପ ଆରମ୍ଭ ସତ୍ତ୍ୱେ ଜମାଣିଆ ପ୍ରଦର୍ଶନ ଦେଖାଇ ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ଆଇପିଏଲ୍‌ର ପ୍ଲେ ଅଫ୍‌ରେ ପ୍ରବେଶ କରିଥିଲା । ୫ଥର ଚାମ୍ପିଅନ୍ ମୁମ୍ବାଇ ଏଲିମିନେଟର ମ୍ୟାଚରେ ଗୁଜରାଟକୁ ଧରାଶାୟୀ କରି କ୍ୱାଲିଫାୟର-୨ରେ ପ୍ରବେଶ କରିଥିଲା । ପୂର୍ବରୁ କ୍ୱାଲିଫାୟର-୧ରେ ବିଜୟୀ ହୋଇ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଚତୁର୍ଥଥର ପାଇଁ ଆଇପିଏଲ୍ ଫାଇନାଲରେ ପ୍ରବେଶ କରିଛି । ତେଣୁ ରବିବାର ମ୍ୟାଚର ବିଜେତା ଟାଇଟଲ ଲଢ଼େଇରେ ବେଙ୍ଗାଲୁରୁକୁ ଭେଟିବ । ପ୍ରଦର୍ଶନ ଦୃଷ୍ଟିରୁ ପଞ୍ଜାବ ତୁଳନାରେ ମୁମ୍ବାଇ ଅଧିକ ଶକ୍ତିଶାଳୀ ରହିଛି । ତେଣୁ ମୁମ୍ବାଇ ମଧ୍ୟ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଆଉ ଏକ ଟାଇଟଲ ପାଇଁ ଅଗ୍ରସର ହୋଇଛି । ଏହି ମ୍ୟାଚରେ ହାର୍ଦ୍ଦିକ ପାଣ୍ଡ୍ୟା, ଯଶପ୍ରୀତ ବୁମରା, ସୂର୍ଯ୍ୟକୁମାର ଯାଦବ, ଟ୍ରେଣ୍ଟ ବୋଲ୍ଟ ମୁମ୍ବାଇର ଅସ୍ତ୍ର ସାଜିବେ । ସେହିଭଳି ପଞ୍ଜାବ ପାଇଁ ନିଜେ ଅଧିନାୟକ ଶ୍ରେୟାସ ଆୟର, ଅର୍ଶଦୀପ ସିଂ, ଜୋଶ ଇଂଲିଶ ଓ କାଏଲ ଜାମିସନଙ୍କ ପ୍ରଦର୍ଶନ ଉପରେ ଦଳର ଫଳାଫଳ ନିର୍ଭର କରିବ । ଉଭୟ ଦଳ ତୀବ୍ର ଲଢ଼େଇ କରି କ୍ୱାଲିଫାୟର-୨ରେ ପ୍ରବେଶ କରିଛନ୍ତି ।



ଆଇପିଏଲ୍ ଆରମ୍ଭରୁ ମୁମ୍ବାଇ ୫ଟି ମ୍ୟାଚ ଖେଳି ମାତ୍ର ଗୋଟିଏ ମ୍ୟାଚ ଜିତିଥିଲା । ପରବର୍ତ୍ତୀ ମ୍ୟାଚ ଗୁଡିକରେ ଉଚ୍ଚକୋଟିର ପ୍ରଦର୍ଶନ ଦେଖାଇ ପ୍ଲେ ଅଫ୍‌କୁ ଉଠିଥିଲା । ଏଲିମିନେଟର ମ୍ୟାଚରେ ଦଳ ଗୁଜରାଟକୁ ଧରାଶାୟୀ କରିଥିବାରୁ ସବୁ ଖେଳାଳିଙ୍କ ମନୋବଳ ଉଚ୍ଚକୋଟୀର ରହିଛି । ଅପରପକ୍ଷରେ ପଞ୍ଜାବ ନ୍ୟୁ ଚଣ୍ଡିଗଡ଼ରେ ଅନୁଷ୍ଠିତ କ୍ୱାଲିଫାୟର-୧ ମ୍ୟାଚରେ ବେଙ୍ଗାଲୁରୁ ଠାରୁ ଶୋଚନୀୟ ଭାବେ ହାରି ଥିଲା । କିନ୍ତୁ ଲିଗ୍ ପର୍ଯ୍ୟାୟରେ ଦଳ ପଏଣ୍ଟ ଟେବୁଲର ଶୀର୍ଷରେ ରହିଥିଲା ।

କ୍ୱାଲିଫାୟର-୨ ନିମନ୍ତେ ଦଳରେ ଅଭିଜ୍ଞ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କୁ ସ୍ଥାନ ମିଳିବ । କାରଣ ରିଷ୍ଟ ଇଞ୍ଜୁରୀ ଯୋଗୁଁ ଚହଲ ପଞ୍ଜାବର ୩ଟି ମ୍ୟାଚ ଖେଳି ପାରିନଥିଲେ । ସେ ଏହି ମ୍ୟାଚ ଖେଳିବେ । ଯଦି ପଞ୍ଜାବ ପ୍ରଥମ ବ୍ୟାଟିଂ କରେ ତେବେ ଚହଲ ଇମ୍ପାକ୍ଟ ଖେଳାଳି ଭାବେ ପଡିଆକୁ ଓହ୍ଲାଇବେ ।

**ପଞ୍ଜାବ କିଙ୍ଗ୍ସ ସମ୍ଭାବ୍ୟ ଦଳ:** ପ୍ରଭସିମରନ୍ ସିଂ, ପ୍ରିୟଂଶ ଆର୍ଯ୍ୟ, ଜୋସ ଇଂଲିଶ, ଶ୍ରେୟାସ ଆୟର, ନେହାଲ ୱାଢେରା, ଶଶାଙ୍କ ସିଂ, ମାର୍କସ ଷ୍ଟୋଇନିସ୍, ଅଜମତୁଲ୍ଲା ଉମାରଜାଇ, ହରପ୍ରୀତ ବ୍ରାର, କାଏଲ ଜାମିସନ, ଯୁଜବେନ୍ଦ୍ର ଚହଲ, ବିଜୟ କୁମାର ବୈଶାଖ ।

ଦୀପକ ଚହର ଓ ରିଚାର୍ଡ ଗ୍ଲେସନ୍ ହାମ୍‌ଷ୍ଟ୍ରିମ୍ ଇଞ୍ଜୁରୀ ଯୋଗୁଁ କ୍ୱାଲିଫାୟର-୨ ମ୍ୟାଚ ଖେଳିବେ ନାହିଁ । ପୂର୍ବରୁ ଚହର ଏଲିମିନେଟର ମ୍ୟାଚ ଖେଳିନଥିଲେ ।

**ମୁମ୍ବାଇ ଇଣ୍ଡିଆନ୍ସ ସମ୍ଭାବ୍ୟ ଦଳ:** ରୋହିତ ଶର୍ମା, ଜନୀ ବେୟାରଷ୍ଟୋ, ସୂର୍ଯ୍ୟ କୁମାର ଯାଦବ, ତିଲକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ନମନ ଧିର, ମିଚେଲ ସାଣ୍ଟନର, ରାଜ ବାୱା, ରିଚାର୍ଡ ଗ୍ଲେସନ୍, ଯଶପ୍ରୀତ ବୁମରା, ଟ୍ରେଣ୍ଟ ବୋଲ୍ଟ, ଅଶ୍ୱିନୀ କୁମାର ।

**ଆଜିର ମ୍ୟାଚ**
ମୁମ୍ବାଇ-ପଞ୍ଜାବ
ସମୟ: ରାତି ୭.୩୦
ସ୍ଥାନ: ଅହମ୍ମଦାବାଦ
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ହଟ୍‌ଷ୍ଟାର୍

## ଏସିଆନ୍ ଆଥଲେଟିକ୍ ଚାମ୍ପିଅନ୍‌ସିପ୍

# ଭାରତୀୟ ମହିଳା ରିଲେ ଦଳକୁ ରୌପ୍ୟ

ନୂଆଦିଲ୍ଲୀ,୩୧।୫ (ଏଜେନ୍ସି): ଦକ୍ଷିଣ କୋରିଆର ଗୁମିରେ ଚାଲିଥିବା ଏସିଆନ୍ ଆଥଲେଟିକ୍ ଚାମ୍ପିଅନ୍‌ସିପ୍‌ର ମହିଳା ୪ ଗୁଣା ୧୦୦ ମିଟର ରିଲେରେ ଭାରତୀୟ ଦଳ ରୌପ୍ୟ ପଦକ ଜିତିଛନ୍ତି । ଶ୍ରାବଣୀ ନନ୍ଦ, ଅଭିନୟ ରାଜା ରାଜନ୍, ସ୍ନେହା ଏସ୍‌ଏସ୍ ଓ ନିତ୍ୟା ଗାନ୍ଧି, ଫିନିସିଂ ଲାଇନ୍‌କୁ ୪୩.୮୬ ସେକେଣ୍ଡରେ ଅତିକ୍ରମ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ଏହି ବର୍ଗରେ ଚୀନ୍ ୪୩.୨୮ ସେକେଣ୍ଡ ସହ ସ୍ୱର୍ଣ୍ଣ ପଦକ ଏବଂ ଥାଇଲାଣ୍ଡ ୪୪.୨୬ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ହାସଲ କରିଛି । ଏହି ପଦକ ଜିତି ଭାରତୀୟ ଖେଳାଳି କ୍ରୀଡା ପ୍ରତି ଏକତା ଓ ପ୍ରତିବଦ୍ଧତାକୁ ପ୍ରଦର୍ଶନ କରିଛନ୍ତି । ପଦକ ବିଜୟ ପରେ ଶ୍ରାବଣୀ ନନ୍ଦ ଖୁସି ବ୍ୟକ୍ତ କରିଛନ୍ତି । ଏହି ଅଭିଜ୍ଞ ଓଡ଼ିଆ କ୍ରୀଡା ବିତ୍ ଗତ ଏପ୍ରିଲରେ ଇଣ୍ଡିଆନ୍ ଓପନ ପ୍ରତିଯୋଗିତାର ୧୦୦ ଓ ୨୦୦ ମିଟର ବର୍ଗରେ ପଦକ ଜିତିଥିଲେ । ଅଭିନୟ ରାଜାରାଜନ୍ ୧୦୦ ମିଟରରେ ନିଜର ବ୍ୟକ୍ତିଗତ ଶ୍ରେଷ୍ଠ ୧୧.୬୨ ସେକେଣ୍ଡ ଟାଇମିଂ ତଥା ସ୍ନେହା ୧୧.୪୧ ସେକେଣ୍ଡ ଟାଇମିଂ ଗତ ଜୁନ୍‌ରେ ହାସଲ କରିଥିଲେ ।



ଏସିଆନ୍ ଆଥଲେଟିକ୍ ଚାମ୍ପିଅନ୍‌ସିପ୍ ମହିଳା ୪ ଗୁଣା ୧୦୦ ମିଟର ରିଲେରେ ଚୀନ୍, ଭାରତ ଓ ଥାଇଲାଣ୍ଡ ବ୍ୟତୀତ କୋରିଆ ଚତୁର୍ଥ, ସିଙ୍ଗାପୁର ପଞ୍ଚମ, ମାଲେସିଆ ଷଷ୍ଠ ଓ ହଂକଂ ସପ୍ତମ ସ୍ଥାନରେ ରହିଛି ।

ଓଡ଼ିଶାର ଧାବକ ଅନିମେସ କୁଜୁର ଏସିଆନ୍ ଆଥଲେଟିକ୍ ଚାମ୍ପିଅନ୍‌ସିପ୍‌ର ପୁରୁଷ ୨୦୦ ମିଟର ଦୌଡ଼ରେ ବ୍ରୋଞ୍ଜ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଅନିମେଶ ୨୦.୩୨ ସେକେଣ୍ଡରେ ଦୌଡ଼ ଶେଷ କରି ତୃତୀୟ ସ୍ଥାନ ଅଧିକାର କରିଥିଲେ । ନିଜର ପୂର୍ବ ଜାତୀୟ ରେକର୍ଡ ଭାଙ୍ଗିଛନ୍ତି । ଫୋନ୍ ଯୋଗେ ଅନିମେସଙ୍କ ସହ କଥା ହୋଇ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ସେହିପରି ରୌପ୍ୟ ପଦକ ହାସଲ କରିଥିବା ଓଡ଼ିଆ ଶ୍ରାବଣୀ ନନ୍ଦଙ୍କ ସହ କ୍ରୀଡାମନ୍ତ୍ରୀ କଥା ହୋଇଥିଲେ ।

### ଶ୍ରାବଣୀ, ଅନିମେଶଙ୍କୁ କ୍ରୀଡାମନ୍ତ୍ରୀଙ୍କ ଶୁଭେଚ୍ଛା

ଏସିଆନ୍ ଆଥଲେଟିକ୍ ଚାମ୍ପିଅନ୍‌ସିପ୍‌ରେ ଓଡ଼ିଆ କ୍ରୀଡାବିତ୍ ଅନିମେସ କୁଜୁର ଓ ଶ୍ରାବଣୀ ନନ୍ଦଙ୍କ ସଫଳତା ପାଇଁ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉଭୟ କ୍ରୀଡାବିତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏଥିସହ ଭାରତୀୟ ମହିଳା ରିଲେ ଦଳର ସମସ୍ତ କ୍ରୀଡାବିତଙ୍କୁ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଥିଲେ ଏସିଆନ୍ ଆଥଲେଟିକ୍ ଚାମ୍ପିଅନ୍‌ସିପ୍‌ରେ କ୍ରୀଡାବିତମାନେ ସଫଳତା ହାସଲ କରି ଆମ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି । ଅନ୍ତର୍ଜାତୀୟସ୍ତରରେ ଆମ ଓଡ଼ିଆ କ୍ରୀଡାବିତଙ୍କ ଚମତ୍କାର ପ୍ରଦର୍ଶନ ପାଇଁ ଆମେ ଗର୍ବିତ । ଏହି ସଫଳତା ଭବିଷ୍ୟତର ସମସ୍ତ କ୍ରୀଡାବିତ୍‌ଙ୍କୁ ନିଶ୍ଚିତ ଭାବେ ପ୍ରୋତ୍ସାହିତ କରିବ । ଏଥି ସହିତ ଓଡ଼ିଶାରେ ମହିଳା କ୍ରୀଡାବିତ୍‌ମାନେ କ୍ରୀଡା କ୍ଷେତ୍ରରେ ନିଜର ଭବିଷ୍ୟତ ନିର୍ମାଣ କରିବା ଲାଗି ପ୍ରେରିତ ହେବେ ବୋଲି ମନ୍ତ୍ରୀ ଶ୍ରୀ ସୁରଜ ମତ ପ୍ରକାଶ କରିଛନ୍ତି ।

# ପୁଣି ଲାଗୁ ହେବ ଆଇସିସିର କିଛି ପୁରୁଣା ନିୟମ

ନୂଆଦିଲ୍ଲୀ,୩୧।୫ (ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଆସନ୍ତା ମାସରୁ କେତେକ ନିୟମ ପରିବର୍ତ୍ତନ କରିବାକୁ ଯାଉଛି । ଦିନିକିଆରେ ଗୋଟିଏ ବଲ ବ୍ୟବହାର ପୁନର୍ବାର ଲାଗୁ ହେବ । ଟେଷ୍ଟ କ୍ରିକେଟ୍‌ରେ ଜୁନ୍ ଏବଂ ଧଳା ବଲ କ୍ରିକେଟ୍ ଏହି ନିୟମ ଜୁଲାଇରେ ଲାଗି ହେବ । ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଫାଇନାଲ ପୂର୍ବ ନିୟମ ଅନୁଯାୟୀ ଖେଳାଯିବ । ତେଣୁ ଡବ୍ଲ୍ୟୁଟିସିର ନୂଆ ଚକ୍ରରୁ ନୂଆ ନିୟମ ବ୍ୟବହାର ହେବ । ଦିନିକିଆରେ ପ୍ରଥମ ଓଭରରୁ ୩୪ ଓଭର ପର୍ଯ୍ୟନ୍ତ ୨ଟି ନୂଆ ବଲ ବ୍ୟବହାର ହେବ । ୩୪ ଓଭର ପରେ ଫିଲ୍ଡିଂ କରୁଥିବା ଟିମ୍ ବ୍ୟବହୃତ ବଲରୁ ଗୋଟିଏ ବାଛିବେ । ୩୫ରୁ ୫୦ ଓଭର ପର୍ଯ୍ୟନ୍ତ ବଛା ଯାଇଥିବା ବ୍ୟବହୃତ ବଲରେ ଖେଳାଯିବ । ଯଦି ମ୍ୟାଚ ୨୫ ଓଭରରୁ କମ୍ ହୁଏ, ତେବେ ଉଭୟ ଟିମ୍ ଗୋଟିଏ ଲେଖାଏଁ ନୂଆ ବଲ ବ୍ୟବହାର କରିବେ । ବଲ ଯଦି ସମ୍ପୂର୍ଣ୍ଣ ଭାବେ ଖରାପ ହୋଇଯିବ ତାହା ପାଇଁ ବିକଳ୍ପ ବ୍ୟବହାର ରଖାଯାଇଛି । ଆଇସିସି ଏହା ମଧ୍ୟ ସ୍ପଷ୍ଟ କରିଛି ଯେ, କେତେକ ପୁରୁଣା ନିୟମ ପୂର୍ବ ଭଳି ଲାଗୁ ରହିବ । ସେହିପରି କନେକସନ୍ ନିୟମରେ ମଧ୍ୟ ସାମାନ୍ୟ ପରିବର୍ତ୍ତନ କରାଯିବ । ମ୍ୟାଚ ଆରମ୍ଭରୁ ପ୍ରତ୍ୟେକ ଦଳ ୫ ଜଣ ଖେଳାଳିଙ୍କ ନାମ ଦେବେ । ଯଦି କୌଣସି ଖେଳାଳି ଗୁରୁତର ଆଘାତପ୍ରାପ୍ତ ହୁଅନ୍ତି, ତେବେ ସେହି ୫ ଜଣଙ୍କ ମଧ୍ୟରୁ ଜଣକୁ ସାମିଲ କରାଯିବ । ବାଉଣ୍ଡ୍ରୀ ଲାଇନ୍ ଉପରେ କ୍ୟାଚ ଏବଂ ଡିଆର୍‌ଏସ୍ ନିୟମରେ ମଧ୍ୟ ପରିବର୍ତ୍ତନ ସମ୍ପର୍କରେ ଖୁବ ଶୀଘ୍ର ଜଣାଇଦିଆଯାଇଛି ବୋଲି ଆଇସିସି ସୂଚନା ଦେଇଛି ।

# ଜିଲ୍ଲାସ୍ତରୀୟ ପୁରୁଷ କବାଡି ଟୁର୍ଣ୍ଣାମେଣ୍ଟ: ବୁଗୁଡ଼ା ଚାମ୍ପିଅନ

ବୁଗୁଡ଼ା,୩୧।୫ (ସବ୍ୟୁ): ସ୍ଥାନୀୟ ଶ୍ରୀକର ଭଞ୍ଜ ସ୍ପୋର୍ଟ୍ସ ଆଣ୍ଡ କଲଚୁରାଲ ଆସୋସିଏସନ ତରଫରୁ ଆୟୋଜିତ ଜିଲ୍ଲା ସ୍ତରୀୟ ପୁରୁଷ କବାଡି ଟୁର୍ଣ୍ଣାମେଣ୍ଟରେ ବୁଗୁଡ଼ା ଦଳ ଚାମ୍ପିଅନ ହୋଇଥିବା ବେଳେ ନାଉଲି ଦଳ ରନର୍ସଅପ ହୋଇଛି । ଏଠାକାର ପିପୁଲ୍ସ ହାଇସ୍କୁଲ ଷ୍ଟାଡିୟମ ପରିସରରେ ଆୟୋଜିତ ଏହି ଦିବା-ରାତ୍ର ଟୁର୍ଣ୍ଣାମେଣ୍ଟରେ ମୋଟ ୧୩ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ସେମିଫାଇନାଲ ମ୍ୟାଚରେ ପଞ୍ଚମା ଦଳକୁ ପରାସ୍ତ କରି ବୁଗୁଡ଼ା ଦଳ ଏବଂ କରାତୁଳି ଦଳକୁ ହରାଇ ନାଉଲି ଦଳ ଫାଇନାଲରେ ପ୍ରବେଶ କରିଥିଲେ । ଆସୋସିଏସନର ସମ୍ପାଦକ ଅନିଲ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କ୍ରୀଡ଼ାବିତ୍ ତଥା ପିପୁଲ୍ସ ହାଇସ୍କୁଲର ପ୍ରାକ୍ତନ କ୍ରୀଡା ଶିକ୍ଷକ ଶରତ ଚନ୍ଦ୍ର ପଟ୍ଟନାୟକ , ସମ୍ମାନିତ ଅତିଥି ଭାବେ ଆସୋସିଏସନ ସଭାପତି ତଥା ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ସୁବାସ ଚନ୍ଦ୍ର ପରିଡା , କ୍ରୀଡ଼ାବିତ ଦୁର୍ଗା ପ୍ରସାଦ ଦାଶ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିବା ବେଳେ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଅକ୍ଷୟ କୁମାର ସାହୁ, ପ୍ରଧାନ ଶିକ୍ଷକ ସୂର୍ଯ୍ୟମଣି ମହାନ୍ତି, ସହ-ସମ୍ପାଦକ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟର ବେଷ୍ଟ ରାଡାର ଭାବେ ନାଉଲି ଦଳର ରାଖାଲ ବେହେରା, ବେଷ୍ଟ ଡିଫେଣ୍ଡର ଭାବେ ବୁଗୁଡ଼ା ଦଳର ରବୀନ୍ଦ୍ର ବେହେରା ଓ ଅଲ ରାଉଣ୍ଡର ଭାବେ ବୁଗୁଡ଼ା ଦଳର ପବିତ୍ର ପୂଜାରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ସମ୍ପାଦକଙ୍କ ତରଫରୁ ଅନ୍ତର୍ଜାତୀୟସ୍ତରରେ ନାଁ କରିଥିବା ଏମ.ଶ୍ରୀନିବାସ ଦୋରାଙ୍କୁ ପୁରସ୍କୃତ କରାଯାଇଥିଲା । ପିପୁଲ୍ସ କଲେଜ କ୍ରୀଡା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଟୁର୍ଣ୍ଣାମେଣ୍ଟରେ ରେଫେରୀ ଭାବେ ଅଂଶୁମାନ ବିଷୋୟୀ, ଅଲେଖ ସେଠୀ , ସ୍କୋରର ଭାବେ କେ.ରୋଜା ପାତ୍ର ଓ ଦୀପକ କୁମାର ସାହୁ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଜଗନ୍ନାଥ ମହାନ୍ତି, ଶ୍ରୀକର ମାଝୀ, ଚନ୍ଦନ ପ୍ରଧାନ, ଭଞ୍ଜ କିଶୋର ଗୌଡ଼ଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ ।



# ୪୯ତମ ରାଜ୍ୟ ଉପକନିଷ୍ଠ ବାସ୍କେଟବଲ: ବାଳିକା ବର୍ଗରେ ପୁରୀ-ଭୁବନେଶ୍ୱର ଫାଇନାଲ

ଭୁବନେଶ୍ୱର,୩୧।୫ (ସବ୍ୟୁ): ସ୍ଥାନୀୟ ୟୁନିଟ୍-୧ ସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲ ଏବଂ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ୪୯ତମ ରାଜ୍ୟ ଉପକନିଷ୍ଠ ବାସ୍କେଟ୍ ବଲ ପ୍ରତିଯୋଗିତାର ବାଳିକା ବିଭାଗର ଫାଇନାଲରେ ପୁରୀ ଏବଂ ଭୁବନେଶ୍ୱର ଦଳ ପରସ୍ପରକୁ ଭେଟିବେ । ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ପୁରୀ ଦଳ ୫୩.୧୦ ପଏଣ୍ଟ ବ୍ୟବଧାନରେ କେନ୍ଦୁଝରକୁ ପରାସ୍ତ କରିଥିବା ବେଳେ ଭୁବନେଶ୍ୱର ଦଳ ୬୩-୫୯ ପଏଣ୍ଟ ବ୍ୟବଧାନରେ ଗଞ୍ଜାମକୁ ଧରାଶାୟୀ କରି ଫାଇନାଲରେ ପ୍ରବେଶ କରିଛନ୍ତି । ସେହିଭଳି ବାଳକ ବିଭାଗରେ ଅନୁଷ୍ଠିତ କ୍ୱାର୍ଟରଫାଇନାଲରେ ଖୋର୍ଦ୍ଧାକୁ ୩୧-୨୨ ପଏଣ୍ଟରେ ପରାଜିତ କରିଥିଲା । ସେଲଟିକ୍ସ ଦଳ ୪୪-୨୯ ପଏଣ୍ଟରେ ଏମ୍ ୱାଇସିକୁ, କେନ୍ଦୁଝର ଦଳ ୬୨-୧୪ ପଏଣ୍ଟରେ କିସ୍‌କୁ ଏବଂ ଗଞ୍ଜାମ ଦଳ ୫୭-୬୮ ପଏଣ୍ଟରେ ଭୁବନେଶ୍ୱରକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି । ରବିବାର ସକାଳେ ପ୍ରଥମ ସେମିଫାଇନାଲ ମ୍ୟାଚ ପୁରୀ ଓ ସେଲଟିକ୍ସ ମଧ୍ୟରେ ଖେଳାଯିବ ।

## ପାରା ଫେନସିଂ ସାଟେଲାଇଟ୍ ଟୁର୍ଣ୍ଣାମେଣ୍ଟ

# ମାଳତୀଙ୍କୁ ରୌପ୍ୟ



ଭୁବନେଶ୍ୱର,୩୧।୫ (ସବ୍ୟୁ): ଫ୍ରାନ୍ସର ଅରେଞ୍ଜ ସହରରେ ଆରମ୍ଭ ହୋଇଥିବା ପାରା ଫେନସିଂ ସାଟେଲାଇଟ୍ ଟୁର୍ଣ୍ଣାମେଣ୍ଟରେ ଓଡ଼ିଆ ଝିଅ ମାଳତୀ ପାନାଉରେ ରୌପ୍ୟ ପଦକ ଜିତିଛନ୍ତି । ପ୍ରଥମ ଦିନ ଓଡ଼ିଆ ଝିଅ ମାଳତୀ ଦେଶ ପାଇଁ ପ୍ରଥମ ପଦକ ହାସଲ କରିଛନ୍ତି । ମାଳତୀ ମହିଳା ଫୋଲି ବ୍ୟକ୍ତିଗତର ସେମିଫାଇନାଲରେ ଫ୍ରାନ୍ସର ଚେନ୍ ଆଇଙ୍କୁ ୧୫-୭ରେ ପରାଜିତ କରି ଫାଇନାଲରେ ପ୍ରବେଶ କରିଥିଲେ । ସେ ଫାଇନାଲରେ ଫ୍ରାନ୍ସର ବୌର ଜିନ୍‌ଙ୍କୁ ଭେଟିଥିଲେ । ଏହି ମୁକାବିଲାରେ ମାଳତୀ ୫-୧୫ ବ୍ୟବଧାନରେ ପରାଜିତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି । ଓମ୍ ପ୍ରକାଶ ବେହେରା ପୁରୁଷ ବ୍ୟକ୍ତିଗତ ବି, ମଧୁସ୍ମିତା ସାହୁ, ମହିଳା ବ୍ୟକ୍ତିଗତ ଏ, ରାଖାଲ କୁମାର ସେଠୀ ପୁରୁଷ ବ୍ୟକ୍ତିଗତ ଏ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି । ଏହି ସମସ୍ତ ଓଡ଼ିଆ ଖେଳାଳି ଗ୍ରୁପ୍ ମ୍ୟାଚ ଓ ପ୍ରି-କ୍ୱାର୍ଟରଫାଇନାଲରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ କ୍ୱାର୍ଟରଫାଇନାଲରେ ବିଜୟଲାଭ କରିନାହାନ୍ତି । ଭି ରମେଶ ରାଓ ପୁରୁଷ ବ୍ୟକ୍ତିଗତ ଏ ଓ ପୂଜା ସ୍ୱାମୀ ନାୟକ, ମହିଳା ବ୍ୟକ୍ତିଗତ ବିରେ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି । ଆଗକୁ ଇପି ସାବ୍ରେ ବର୍ଗରେ ଭାରତୀୟ ଦଳ ଭଲ ପ୍ରଦର୍ଶନ କରିବ ବୋଲି ଆଶା ରହିଛି । ମାଳତୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଜଣାଇଛନ୍ତି ପାରା ସ୍ପୋର୍ଟ୍ସ ସଂଘ ଓଡ଼ିଶା । ଆଗକୁ ଆହୁରି ଦେଶ ପାଇଁ ପଦକ ଜିତାଇନ୍ତୁ ବୋଲି ସଂଘ ପକ୍ଷରୁ ଶୁଭକାମନା ଜଣାଯାଇଛି ।

# ଇଂଲଣ୍ଡରେ ନାଏରଙ୍କ ଦ୍ୱିଶତକ

ନୂଆଦିଲ୍ଲୀ,୩୧।୫ (ଏଜେନ୍ସି): ଆଇପିଏଲ୍ ପରେ ଭାରତୀୟ ଦଳ ଇଂଲଣ୍ଡ ଗସ୍ତରେ ଯାଇ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଖେଳିବେ । ଏହା ପୂର୍ବରୁ ଭାରତୀୟ ଏ ଦଳ ଇଂଲଣ୍ଡ ଗସ୍ତରେ ଯାଇଛି । ପ୍ରଥମ ଅନ୍ ଅଫିସିଆଲ ଟେଷ୍ଟରେ କରୁଣ ନାଏର ଦମ୍‌ଦାର ବ୍ୟାଟିଂ କରି ଦ୍ୱିଶତକ ହାସଲ କରିଛନ୍ତି । ସେ ୨୮୧ ବଲ୍‌ରୁ ୨୦୪ ରନ୍‌ର ଇନିଂସ ଖେଳିଛନ୍ତି । ଏହି ଜମାଣିଆ ଇନିଂସ ସହାୟତାରେ ଭାରତୀୟ ଏ ଦଳ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ୫୫୭ ରନ୍‌ର ବିଶାଳ ସ୍କୋର କରିଛି ।

ଇଂଲଣ୍ଡ ଗସ୍ତରେ ନାୟର ଚମତ୍କାର ବ୍ୟାଟିଂ କରିଛନ୍ତି । ଇଂଲଣ୍ଡ ଲାୟନ୍ସ ବିପକ୍ଷ ମ୍ୟାଚର ଦ୍ୱିତୀୟ ଦିନ ଭାରତ ୫୫୭ ରନ୍ କରିଛି । ଏହି ଗସ୍ତରେ ଅଭିମନ୍ୟୁ ଇଶ୍ୱରନ୍‌ଙ୍କୁ ଦଳର ଅଧିନାୟକ କରାଯାଇଛି । ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଏ ପକ୍ଷରୁ ସର୍ଫରାଜ ଖାନ୍ ୯୨ ରନ୍, ଧ୍ରୁବ ଜୁରେଲ ୯୪ ରନ୍ କରି ଶତକରୁ ବଞ୍ଚିତ ହୋଇଥିଲେ । ତେବେ ନାୟର ୨୮୧ ବଲ୍‌ରୁ ୨୬ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୨୦୪ ରନ୍‌ର ଦ୍ୱିଶତକୀୟ ଇନିଂସ୍ ଖେଳିଛନ୍ତି । ୮ ବର୍ଷ ପରେ ନାୟର ଭାରତୀୟ ଟେଷ୍ଟ ଦଳରୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ।



**ସୂଚନା**

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, **ମୁଖ୍ୟ ସମ୍ପାଦକ:** ଗୁରୁକଲ୍ୟାଣ ମହାପାତ୍ର, **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି